- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 44 ◆ISSUE-06 ◆TUESDAY ◆30 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୬ ◆ମଙ୍ଗଳବାର ◆୩୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ହାତୀ ବେଶରେ ଶ୍ରୀଜୀଉ



# ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି: ଆଜିଠୁ ଗୁପ୍ତ ସେବା

■ ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ମଙ୍ଗଳବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ସୋମବାର ସ୍ନାନବେଦୀରେ ସ୍ନାନ ଏବଂ ବେଶ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଛନ୍ତି ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧି ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନବେଦୀରୁ ଓହ୍ଲାଇ ଆସି ସ୍ନାନମଣ୍ଡପରେ ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ▶ପୃଷ୍ଠା-୭

## ନିଅଣ୍ଟିଆ ବର୍ଷା; ଶୁଖିଗଲାଣି ଦେଶର ପ୍ରମୁଖ ଜଳଭଣ୍ଡାର

# ଓଡ଼ିଶା ଭଣ୍ଡାରରେ ୧୫% ପାଣି

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଏଥର ଏଲ୍-ନିନୋ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇପଡ଼ିଛି। କିଛି ଅଞ୍ଚଳକୁ ଛାଡ଼ିଦେଲେ ଦେଶର ପ୍ରାୟ ଅଧିକାଂଶ ସ୍ଥାନରୁ ବର୍ଷା ଗାଏବ ହୋଇଯାଇଛି। ଜୁନ ମାସରେ ଯେତେ ବର୍ଷା ହେବା କଥା, ତାହାର ମାତ୍ର ୪୨ ପ୍ରତିଶତ ହୋଇଛି। ୧୪୬ ବର୍ଷ ଇତିହାସରେ ଏଥର ଜୁନ୍ ମାସ ହେଉଛି ସବୁଠାରୁ ନୈରାଶ୍ୟଜନକ। ବର୍ଷା ନାହିଁ। ଚାଷୀ ଆକାଶକୁ ଚାହିଁ ବସିଛନ୍ତି। ଜଳସେଚନ ତ ଦୂରର କଥା ପିଇବା ପାଣି ପାଇଁ ମଧ୍ୟ ସଙ୍କଟ ଦେଖାଦେଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ଦେଶର ବଡ଼ ବଡ଼ ଜଳ ଭଣ୍ଡାର ଶୁଖିଗଲାଣି। ପରିସ୍ଥିତି ଏମିତି ହୋଇଛି

**୯୦ ଭାଗ ଜଳଭଣ୍ଡାରରେ ମାତ୍ର ୨୬% ପାଣି**

**୧୪୬ ବର୍ଷରେ ସବୁଠାରୁ ଖରାପ ସ୍ଥିତି**



ଯେ ଓଡ଼ିଶା ସମେତ ଦେଶର ୧୬୬ ବଡ଼ ବଡ଼ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି। ଉତ୍ତର ପ୍ରଦେଶ ଏବଂ ଉତ୍ତରଖାଣ୍ଡର ଦୁଇଟି ଜଳ ଭଣ୍ଡାରରେ ଆଦୌ ପାଣି ନାହିଁ। କେନ୍ଦ୍ରୀୟ ଜଳ କମିସନ ସୂତ୍ରରୁ ପ୍ରକାଶ ଯେ ଏହି ବଡ଼ ବଡ଼ ୧୬୬ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୮୩.୩୬ ବିଏମ୍‌ସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଏଥିରେ ମାତ୍ର ୪୮.୪୦ ବିଏମ୍‌ସି ଜଳ ଗଚ୍ଛିତ ରହିଛି। ଗତ ବର୍ଷ ଏହି ୧୬୬ଟି ▶ପୃଷ୍ଠା-୭

## ମୌସୁମୀର ବଦମିଜାଜ୍

**୫ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା, ୭ ରାଜ୍ୟକୁ ଗ୍ରୀଷ୍ମ ଲହରୀ ଚେତାବନୀ**

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ବାୟୁ ଗତ ଜୁନ୍ ୨୪ ତାରିଖ ସୁଦ୍ଧା ଦେଶର ୨୨ଟି ରାଜ୍ୟକୁ ଛୁଇଁ ସାରିଥିବା ବେଳେ ଗତ ୫ ଦିନ ହେବ ଏହାର ଗତି ମନ୍ଥର ହୋଇଯାଇଛି। ଏହି କାରଣରୁ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଉତ୍ତର ପ୍ରଦେଶର ଅନେକ ଅଞ୍ଚଳରେ ମୌସୁମୀ ଆଗକୁ ବଢ଼ିପାରି ନାହିଁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ, ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ମୌସୁମୀ ▶ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି: ଓକିଲ ସଂଘର ଧମକ

# ଅଯୋଧ୍ୟା ଛାଡ଼ିବାକୁ ଚମ୍ପତଙ୍କୁ ଚେତାବନୀ

■ ଅଯୋଧ୍ୟା, ୨୯।୬(ଏଜେନ୍ସି): ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେମାନଙ୍କ ଛତ୍ରଛାୟାରେ ଅଭିଯୁକ୍ତମାନେ ମନ୍ଦିର ଟଙ୍କା ଓ ଅଳଙ୍କାର ଲୁଟି ଚାଲିଥିବା ବେଳେ ସେମାନଙ୍କ ପ୍ରତି ପ୍ରଶାସନର କୋହଳ ଆଭିମୁଖ୍ୟ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। ବିଶେଷ କରି ଟ୍ରଷ୍ଟ ସଂପାଦକ ଚଂପତ ରାୟଙ୍କ ଭୂମିକା ନେଇ ଏସ୍‌ଆଇଟି ସନ୍ଦେହ ପ୍ରକଟ କରିଛି। ଚଂପତ ରାୟ ଓ ଅନ୍ୟ ଦୁଇ କର୍ମକର୍ତ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଇନଜୀବୀମାନେ ବିରକ୍ତି ପ୍ରକାଶ କରିଛନ୍ତି। ତୁରନ୍ତ ଅଯୋଧ୍ୟା ଛାଡ଼ିବା ଲାଗି ସେମାନେ ଚଂପତ ରାୟ, ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ଚେତାବନୀ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ତିନି ଦିନର ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ଯଦି ସହର ନ ଛାଡ଼ନ୍ତି, ତେବେ ସମ୍ପୂର୍ଣ୍ଣ ଅଯୋଧ୍ୟାକୁ ଅବରୋଧ କରାଯିବ ଏବଂ ସହର ଭିତରକୁ କାହାକୁ ବି ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସଙ୍ଘ ଚେତାବନୀ ଦେଇଛି।

ଅଯୋଧ୍ୟାର ଫୈଜାବାଦ ବାର୍ ଆସୋସିଏସନ (ଓକିଲ ସଙ୍ଘ) ବୈଠକରେ ଆଜି ଏହି ଚେତାବନୀ ଦିଆଯାଇଛି। ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ପାଇଁ କୋର୍ଟରେ

**ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିବେନି ଆଇନଜୀବୀ**

**ଚୋରି କଥା ଜାଣି ଚୁପ୍ ଥିଲେ ଚମ୍ପତ**



କୌଣସି ଓକିଲ ମାମଲା ଲଢ଼ିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନିୟମ ଭାଙ୍ଗିଲେ ସମ୍ପୃକ୍ତ ଓକିଲଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି। ମନ୍ଦିରର ଦାନ ଅର୍ଥ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୮ ଜଣ କର୍ମଚାରୀଙ୍କୁ ଟଙ୍କା ଚୋରି ଅଭିଯୋଗରେ ଗିରଫ କରାଯାଇ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ଓକିଲ ସଙ୍ଘର ସମ୍ପାଦକ ଶୈଳେନ୍ଦ୍ର ଜୈସୱାଲ କହିଛନ୍ତି ଯେ ଭକ୍ତମାନଙ୍କ ଦାନ ଅର୍ଥ ଚୋରି ହେବା ଦ୍ୱାରା ସମସ୍ତଙ୍କ ଆବେଗ ଆହତ ହୋଇଛି, ସେଥିପାଇଁ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଇତିମଧ୍ୟରେ ମନ୍ଦିର ଦାନ ବାକ୍ସରୁ ଅର୍ଥ ହେରଫେର୍ ମାମଲାରେ ଏକ ବଡ଼ ତଥା ଚାଞ୍ଚଲ୍ୟକର ଖୁଲାସା ▶ପୃଷ୍ଠା-୭

## ପଢ଼ା ବହିରେ ଭୁଲ୍‌ଭଟକା

# ସରକାରରେ ଗଣିତ ଗୋଳମାଳ

## ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କଥାରେ ନାହିଁ ତାଳମେଳ

■ ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟ ଶାସନରେ କିଏ ବଡ଼ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ? ଏ କଥା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସ୍କୁଲ ବହିରେ ମାଳମାଳ ଭୁଲ ବାହାରିବା ପରେ ଚଳେଇବା ନ୍ୟାୟରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଅତି ହାଲୁକା ଭାବରେ ନେଇଥିଲେ। ଶିକ୍ଷକମାନେ ସଂଶୋଧନ କରି ପଢ଼ାଇଦେବେ ବୋଲି କହିଥିଲେ। ମାତ୍ର ଅଭିଯୋଗ ପରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ତ୍ରୁଟି ପାଇଁ ୪ ଜଣଙ୍କୁ ନିଲମ୍ବନ କରିବା ସହ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ

**ଫେରାଇ ଅଣାଯିବ ତ୍ରୁଟିପୂର୍ଣ୍ଣ ବହି, ପିଲାଙ୍କୁ ଦିଆଯିବ ନୂଆ: ମୁଖ୍ୟମନ୍ତ୍ରୀ**

**ଶିକ୍ଷକଙ୍କୁ ଯୋଗାଇ ଦିଆଯିବ ସଂଶୋଧିତ ପାଠ୍ୟପୁସ୍ତକ: ଶିକ୍ଷାମନ୍ତ୍ରୀ**

ପିଲାଙ୍କଠାରୁ ଫେରସ୍ତ ଅଣାଯାଇ ସେମାନଙ୍କୁ ନୂଆ ବହି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୪ ଦିନ ପରେ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ପିଲାଙ୍କଠାରୁ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ ଅଣାଯିବ ନାହିଁ ବୋଲି କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ପିଲାଙ୍କୁ ନୂଆ ବହି ମିଳିବ ନା ଗଣଶିକ୍ଷାମନ୍ତ୍ରୀଙ୍କ କଥା ଅନୁସାରେ ତ୍ରୁଟି ଥିବା ବହିରେ ପ୍ୟାଚ ପକାଇ ପିଲାମାନେ ପଢ଼ିବେ ତାହାକୁ ନେଇ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି।

ଗତ ୨୫ ତାରିଖରେ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଠ୍ୟ ପୁସ୍ତକରେ ତ୍ରୁଟି ଏକ ଷଡ଼ଯନ୍ତ୍ର ବୋଲି କହିଥିଲେ। ଏହାର ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରାଯିବ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ଠାରୁ ବହି ଛପା ବାବଦ ଅର୍ଥ ମଧ୍ୟ ଭରଣା କରାଯିବ। ପିଲାଙ୍କୁ ନିର୍ଭୁଲ ଶିକ୍ଷାଦାନ ପାଇଁ ତ୍ରୁଟି ଥିବା ପୁସ୍ତକକୁ ଫେରସ୍ତ କରାଯିବ ଏବଂ ନୂତନ ପୁସ୍ତକ ମୁଦ୍ରଣ କରି ପିଲାଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ▶ପୃଷ୍ଠା-୭

## ମୁହଁରେ ବୋମା ବିସ୍ଫୋରଣରୁ ଗାଈର ମୃତ୍ୟୁ

■ ସମ୍ବଲପୁର, ୨୯।୬ (ସମିସ): ମୁହଁରେ ବୋମା ବିସ୍ଫୋରଣ ହୋଇ ଗୋଟିଏ ଗାଈର ମୃତ୍ୟୁ ହୋଇଯାଇଥିବା ଆଜି ସମ୍ବଲପୁର ସଦରଥାନାରେ ଜଣେ ଗୋପାଳକ ଅଭିଯୋଗ କରିଛନ୍ତି। ସଦରଥାନା ଅଧୀନ ଠେମରାର ରାଧାକାନ୍ତ ପାଣିଗ୍ରାହୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଆଜି ସକାଳେ ତାଙ୍କ ଗାଈଟି କ୍ଷତାକ୍ତ ଅବସ୍ଥାରେ ଘରକୁ ଆସିଥିଲା। ଗାଈଟି ଚରିବାକୁ ଯାଇଥିବା ସମୟରେ ନିକଟସ୍ଥ ଆମ୍ବ ତୋଟାରେ ପଡ଼ିଥିବା ବୋମାକୁ ଖାଦ୍ୟ ଭାବି ପାଟିରେ କାମୁଡ଼ି ଦେଇଥିଲା, ଫଳରେ ବୋମାଟି ମୁହଁରେ ବିସ୍ଫୋରଣ ହୋଇଯାଇଥିବା ସେ ଅନୁମାନ କରୁଛନ୍ତି। ଗାଈଟିକୁ ତୁରନ୍ତ ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟକୁ ସେ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗାଈଟିର ମୃତ୍ୟୁ ଘଟିଛି। ଏହି ମାମଲାରେ ଗୋପାଳକ ରାଧାକାନ୍ତ ପାଣିଗ୍ରାହୀ ସଦର ଥାନାରେ ଅଭିଯୋଗ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାରହା ଶିକାର ପାଇଁ ଏହି ବୋମା ବିଛାଯାଇଥିବା ସାଧାରଣରେ ଅନୁମାନ କରାଯାଉଥିବାବେଳେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ

# ୯ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): କେନ୍ଦ୍ର ସରକାରର ସମ୍ଭାବ୍ୟ କ୍ୟାବିନେଟ୍ ପୁନର୍ଗଠନକୁ ନେଇ ଦିଲ୍ଲୀର ରାଜନୈତିକ ମହଲ ସରଗରମ ହୋଇଛି। ବର୍ତ୍ତମାନର କେତେକ ମନ୍ତ୍ରୀଙ୍କ ବିଭାଗରେ ପରିବର୍ତ୍ତନ ହେବା ସହ ଅନେକ ନୂଆ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଏ ସମ୍ପର୍କରେ ଯଦିଓ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ, ତଥାପି ବିଜେପି ଓ ପ୍ରଶାସନିକ ମହଲରେ କିଛି ନାମ ଚର୍ଚ୍ଚାର ପରିଧିରେ ରହିଛି।

ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ (ଦ୍ୱିତୀୟ) ଶକ୍ତିକାନ୍ତ ଦାସଙ୍କ ନାମ ସବୁଠୁ ଚର୍ଚ୍ଚାରେ ରହିଛି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେଶର ଅର୍ଥନୀତି ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି। ବିମୁଦ୍ରାୟନ, ଜିଏସ୍‌ଟି ଲାଗୁ ସହ ଆର୍‌ବିଆଇ ଗଭର୍ଣ୍ଣର ଭାବରେ ତାଙ୍କର ଭୂମିକାକୁ ନେଇ ସେ ଚର୍ଚ୍ଚିତ ରହିଛନ୍ତି। ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ଅର୍ଥମନ୍ତ୍ରଣାଳୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି।

**ଅରୁଣ ଗୋଭିଲ, ତରୁଣ ଚୁଘ, କାକୋଲି ଘୋଷଙ୍କୁ ମିଳିବ ମନ୍ତ୍ରୀ ପଦ!**

**ପ୍ରହ୍ଲାଦ ଯୋଶୀ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିପାରେ ଅଧିକ ଗୁରୁତ୍ୱ**

ଆସନ୍ତା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଅନୁରାଗଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି ଆଲୋଚନା ଚାଲିଛି।

ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ସାଂସଦ ଭି.ଡି. ଶର୍ମା ମଧ୍ୟ ସମ୍ଭାବ୍ୟ ମନ୍ତ୍ରୀ ଭାବରେ ଚର୍ଚ୍ଚାରେ ଅଛନ୍ତି। ଶ୍ରୀ ଶର୍ମା ମଧ୍ୟପ୍ରଦେଶ ବିଜେପି ସଭାପତି ଥିବାବେଳେ ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ସମସ୍ତ ୨୯ଟି ଆସନ ବିଜେପି ଜିତିଥିଲା। ତାଙ୍କ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସରେ ବିଭାଜନର ନେତୃତ୍ୱ ▶ପୃଷ୍ଠା-୭

# ସ୍କୁଲଭ୍ୟାନ୍ ଧକ୍କାରେ ନାବାଳକ ମୃତ; ଜଣେ ଗୁରୁତର

■ କେସିଙ୍ଗା, ୨୯।୬ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଧୀନ ଉକ୍ରେଲା ଗ୍ରାମରୁ କୋକୋଡମାଲକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ମେର୍ସି ଇଂରାଜୀ ମିଡିୟମ ବିଦ୍ୟାଳୟ ସମ୍ମୁଖରେ ସ୍କୁଲ ଭ୍ୟାନ୍ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟିଥିବାବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସ୍କୁଲରୁ ଛାତ୍ରଛାତ୍ରୀଙ୍କୁ ଘରକୁ ନେଇ ଯାଉଥିବାବେଳେ କୋକୋଡମାଲ୍ ପଟରୁ ଉକ୍ରେଲା ପଟେ ଆସୁଥିବା ଏକ ବାଇକ୍ ସହିତ ଭ୍ୟାନ୍ ଧକ୍କା ହୋଇଥିଲା। ଗୁରୁତର ଯୁବକ ହେଲେ ପଙ୍କଜ ଜାଲ (୨୩)। ସ୍ଥାନୀୟଲୋକେ ଦୁଇ ଜଣଙ୍କୁ ଉଦ୍ଧାର କରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ପଙ୍କଜଙ୍କୁ



ପ୍ରାଥମିକ ଚିକିତ୍ସାପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି। ଅନ୍ୟପଟେ ସ୍କୁଲ ଭ୍ୟାନ୍ ଭିତରେ ଥିବା ପ୍ରାୟ ୩୦ ରୁ ୪୦ ପିଲା ସୁରକ୍ଷିତ ଅଛନ୍ତି। ଭ୍ୟାନ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜିଲ୍ଲା ରେଡକ୍ରସ୍‌ରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ରମାଦେବୀ ଛାତ୍ରୀ ଝରାଫୁଲ ହତ୍ୟା ମାମଲା

# ଅଭିଯୁକ୍ତକୁ ଆଜୀବନ ଜେଲ୍, ୧ ଲକ୍ଷ ଜରିମାନା

■ ଯାଜପୁର/ଯାଜପୁରଟାଉନ, ୨୯।୬ (ସମିସ): ବହୁ ଚର୍ଚ୍ଚିତ ଝରାଫୁଲ ହତ୍ୟା ଘଟଣାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଜେଲ୍ ଏବଂ ସହଯୋଗୀ ଅମରେଶ ରାଉତକୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ୩ମାସ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବୁଢେଇପୋଷୀ ଗ୍ରାମର ଝରାଫୁଲ ନାଏକ (ଝିଲ୍ଲି) ନାମ୍ନୀ ଜଣେ ଯୁବତୀ ଭୁବନେଶ୍ୱର ରମାଦେବୀ କଲେଜରେ ଯୁକ୍ତ ୨ ପଢୁଥିଲେ। କରୋନା ସମୟରେ ସେ ଗାଁକୁ ଆସିଥିବା ବେଳେ ଭୁବନେଶ୍ୱରର ରାକେଶ ସ୍ୱାଇଁ (୨୬) ଝରାଫୁଲଙ୍କ ଗାଁରେ ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଉଭୟଙ୍କ

**ସହଯୋଗୀକୁ ୫ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଜରିମାନା**





ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୨୦୨୧ ମସିହା ଜାନୁଆରୀ ୨୬ ତାରିଖରେ ଝରାଫୁଲଙ୍କ କେୟାରଟେକର ଚକ୍ରଧର ନାୟକଙ୍କ ଝିଅ ଜନ୍ମଦିନରେ ଝରାଫୁଲ ଭୁବନେଶ୍ୱର ଯାଇଥିଲେ। ଜନ୍ମଦିନ ସାରିବା ପରେ ଚକ୍ରଧର ଝରାଫୁଲଙ୍କୁ ଘରକୁ ଯିବା ପାଇଁ ଜୟଦେବ ବିହାରରେ ବସ୍‌ରେ ବସାଇ ଦେଇଥିଲେ। କିନ୍ତୁ ଝରାଫୁଲ ବାଣୀବିହାର ଛକରେ ଓହ୍ଲାଇ ରାକେଶ ସହିତ ଦେଖା କରିଥିଲେ। ଉଭୟ ମିଶି ଏକ ହୋଟେଲରେ ଖାଇବା ପରେ ଖଣ୍ଡଗିରି ସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ରାତିରେ ହୋଟେଲରେ ଝରାଫୁଲର ମୃତ୍ୟୁ ଘଟିଥିଲା। ସକାଳୁ ରାକେଶ ତା' ସହଯୋଗୀ ଅମରେଶ ରାଉତ ସହିତ ଏକ ସ୍କୁଟିରେ ଝରାଫୁଲର ମୃତଦେହକୁ ସ୍କୁଟିରେ ଭୁବନେଶ୍ୱରରୁ ଆଣି ଯାଜପୁର କୁଆଖିଆ ରାସ୍ତାର ମୂଳାପାଳ-ରାଜେନ୍ଦ୍ରପୁର ମଝିରେ ଫୋପାଡ଼ି ପଳାଇ ଯାଇଥିଲେ। ଝିଅ ଘରେ ନ ଫେରିବାରୁ ପରିବାର ଲୋକେ ଝିଅର ଫୋନକୁ କଲ୍ କରିଥିଲେ; କିନ୍ତୁ ଝିଅର ଫୋନ୍ ବନ୍ଦ ଥିଲା। ବହୁତ ଖୋଜାଖୋଜି ପରେ ଝରାଫୁଲର ମୃତଦେହ ଠାବ ହୋଇଥିଲା। ଏ ନେଇ ଝରାଫୁଲର ବାପା ରମାକାନ୍ତ ନାୟକ କୁଆଖିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି କୁଆଖିଆ ପୁଲିସ କେଶ ନଂ.୩୨/୨୧ରେ ଏକ ମାମଲା ରୁଜୁ କରି ତତ୍କାଳୀନ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ତଦନ୍ତ କରିବା ସହ ଡିଏସ୍‌ପି ଚିନ୍ମୟ ନାୟକ ତଦନ୍ତରେ ସାମିଲ ହୋଇଥିଲେ। ମାମଲାର ଶେଷ ପର୍ଯ୍ୟାୟରେ ଯାଜପୁର ରୋଡ୍ ▶ପୃଷ୍ଠା-୭

# ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲା : ୬୫ ବର୍ଷୀୟ ବୃଦ୍ଧଙ୍କୁ ମୃତ୍ୟୁଦଣ୍ଡ



ପୁଣେ, ୨୯ ।୬(ଏଜେନ୍ସି): ଏକ ୩ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ଅତି ବର୍ବର ଭାବେ ଦୁଷ୍କର୍ମ ଓ ହତ୍ୟା କରିବା ମାମଲାରେ ସୋମବାର ପୁଣେର ଏକ ଅଦାଲତ ଅଭିଯୁକ୍ତ ୬୫ ବର୍ଷୀୟ ଭୀମରାଓ କାମ୍ବଲେଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହି ଘଟଣାକୁ ସମାଜର ବିବେକକୁ ଦୋହଲାଇ ଦେଇଥିବା ଏକ ବିରଳରୁ ଅତି ବିରଳ ମାମଲା ବୋଲି ଦର୍ଶାଇ କୋର୍ଟ ଅଭିଯୁକ୍ତ ପ୍ରତି କୌଣସି କୋହଳ ମନୋଭାବ ଦେଖାଇବାକୁ ମନା କରିଦେଇଛନ୍ତି । ପୁଣେ ଜିଲ୍ଲା ଓ ଦୌରା ଜଜ୍ ଏସଆର ସାଲୁଙ୍କେ ଏହି ଐତିହାସିକ ରାୟ ଶୁଣାଇଛନ୍ତି । ଗତ ମେ ୧ ତାରିଖରେ ପୁଣେ ଜିଲ୍ଲାର ନାସରାପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଥିଲା । ପୁଲିସ୍ ତଦନ୍ତ ଅନୁସାରେ, ଅଭିଯୁକ୍ତ ଭୀମରାଓ ଶିଶୁଟିକୁ ଖାଇବା ଜିନିଷ ଦେବା ଏବଂ ଗାଈର ନବଜାତ ବାଛୁରୀ ଦେଖାଇବା ବାହାନାରେ ପ୍ରଲୋଭିତ କରି ଏକ ଗୁହାଳ ଘରକୁ ନେଇଯାଇଥିଲେ । ସେଠାରେ ସେ ଶିଶୁଟିକୁ ଦୁଷ୍କର୍ମ କରିବା ସହ ତାର ପାଟି ବନ୍ଦ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଶିଶୁଟି ନିଖୋଜ ହେବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ସ୍ଥାନୀୟ ସିସିଟିଭି ଚିତ୍ର ସାହାଯ୍ୟରେ ପୁଲିସ୍ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଥିଲା । ପୂର୍ବରୁ ମଧ୍ୟ ଅଭିଯୁକ୍ତ ଜଣକ ଏକ ଯୌନ ନିର୍ଯାତନା ମାମଲାରେ ସମ୍ପୃକ୍ତ ଥିଲେ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ପୁଲିସ୍ ମାତ୍ର ୧୫ ଦିନ ମଧ୍ୟରେ ସମସ୍ତ ପ୍ରମାଣ ସଂଗ୍ରହ କରି ୧୨୦୦ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଥିଲା ଏବଂ କୋର୍ଟରେ ୫୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ପ୍ରତିଦିନ ଏହି ମାମଲାର ବନ୍ଦ କୋଠରୀରେ ଶୁଣାଣି ଚାଲିଥିଲା । ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏଭଳି ଅପରାଧୀଙ୍କ ପାଇଁ ସମାଜରେ କୌଣସି ସ୍ଥାନ ନାହିଁ ଏବଂ ସେ ତ୍ୱରିତ ତଦନ୍ତ ପାଇଁ ପୁଣେ ପୁଲିସ୍‌କୁ ପ୍ରଶଂସା କରିଛନ୍ତି ।

# ରାତ୍ରି ଭୋଜନ ପାଇଁ ଡାକି ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୨୯ ।୬ (ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁରେ ବିବାହ ପ୍ରସ୍ତାବକୁ ନେଇ ବିବାଦ ଉଗ୍ର ରୂପ ନେଇଛି । ଏହାପରେ ଜଣେ ଯୁବକ ତାଙ୍କର ୨୩ ବର୍ଷୀୟା ପ୍ରେମିକାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ଅତି ନିର୍ମମ ଭାବେ ଛୁରି ଭୁସି ହତ୍ୟା କରିଛନ୍ତି । ମୃତ ଯୁବତୀଙ୍କ ନାମ ଅଞ୍ଜଳି ବୋଲି ଜଣାପଡ଼ିଛି । ଗତ ରବିବାର ରାତି ପ୍ରାୟ ୯:୩୦ ସମୟରେ ଏହି ହତ୍ୟାକାଣ୍ଡ ଘଟିଛି । ପୁଲିସ ସୂଚନା ଅନୁଯାୟୀ, ଅଞ୍ଜଳି ଏବଂ ଅଭିଯୁକ୍ତ ରାଜୀବ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ ଏବଂ ବିଗତ ୩ ରୁ ୪ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ହେଲେ ରାଜୀବଙ୍କ ପରିବାର ଓ ଆର୍ଥିକ ପୃଷ୍ଠଭୂମିକୁ ନେଇ ଅଞ୍ଜଳିଙ୍କ ପରିବାର ଲୋକେ ଏହି ବିବାହକୁ ବିରୋଧ କରୁଥିଲେ । ପରିବାର ଲୋକଙ୍କ ଚାପରେ ଆସି ଅଞ୍ଜଳି କିଛି ଦିନ ହେବ ରାଜୀବଙ୍କୁ ଦେଖା ନ କରି ଏଡ଼ାଇ ଚାଲିଥିଲେ । ରବିବାର ସନ୍ଧ୍ୟାରେ ରାଜୀବ ତାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ପୁଣି ଥରେ ବିବାହ ପ୍ରସଙ୍ଗ ଉଠାଇଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅଞ୍ଜଳି ସେଠାରୁ ଚାଲିଯିବାକୁ ଚେଷ୍ଟା କରିବା ବେଳେ ରାଜୀବ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ନିଜ ପାଖରେ ରଖିଥିବା ଛୁରିରେ ବେକକୁ ଆଘାତ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଅଞ୍ଜଳିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମାତ୍ର କିଛି ମିନିଟ୍ ମଧ୍ୟରେ ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରିଛି । ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମଏସ ରାମାୟା ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ଏହି ଘଟଣାର ଅଧିକ ତଦନ୍ତ କରୁଛି ।

# ଜର୍ମାନୀରେ ଆତତାୟୀର ଗୁଳିବର୍ଷଣ; ୬ ନିହତ




ବର୍ଲିନ୍, ୨୯ ।୬(ଏଜେନ୍ସି): ଉତ୍ତର ଜର୍ମାନୀର ଷ୍ଟାଡେ ସହରରେ ଏକ ସାଙ୍ଘାତିକ ଗୁଳିକାଣ୍ଡ ଘଟିଛି । ଏହି ସଶସ୍ତ୍ର ଆକ୍ରମଣରେ ଅତିକମରେ ୬ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ସ୍ଥାନୀୟ ପୁଲିସ ପ୍ରବକ୍ତା ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ରଏଟର୍ସକୁ ସୂଚନା ଦେଇଛନ୍ତି । ଆତତାୟୀ କେଉଁ ଉଦ୍ଦେଶ୍ୟରେ ଏଭଳି ବର୍ବରକାଣ୍ଡ ଭିଆଇଛି, ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସୂଚନା ଅନୁଯାୟୀ, ଗୁଳିକାଣ୍ଡ ସମ୍ପର୍କରେ ଖବର ପାଇବା ମାତ୍ରେ ହିଁ ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବାହିନୀ ଘଟଣାସ୍ଥଳକୁ ସିଲ୍ କରି ସଶସ୍ତ୍ର ଚଢ଼ାଉ ଆରମ୍ଭ କରିଛନ୍ତି । ଆକ୍ରମଣକାରୀ ସେଠାରୁ ଫେରାର୍ ହୋଇଛି କିମ୍ବା ପୁଲିସ ପକ୍ଷରୁ ତାକୁ ଆୟତ୍ତ କରାଯାଇଛି, ସେ ନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି । ଘଟଣାଟି ସମ୍ପୂର୍ଣ୍ଣ ଭାବେ ନୂତନ ହୋଇଥିବାରୁ ଏବଂ ଅନୁସନ୍ଧାନ ଜାରି ରହିଥିବାରୁ ମୃତକମାନଙ୍କର ପରିଚୟ ଏବଂ ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ପୁଲିସ ପକ୍ଷରୁ ମାମଲାର ପରବର୍ତ୍ତୀ ବିବରଣୀ ଏବଂ ସରକାରୀ ସୂଚନାକୁ ଅପେକ୍ଷା କରାଯାଇଛି ।

# ୭ଟି ରାଜ୍ୟରେ ଗ୍ରୀଷ୍ମପ୍ରବାହ: ୪୦ ଡିଗ୍ରୀ ଟପିଲା ପାରଦ

ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଦେଶର ୭ଟି ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର ଏବଂ ଗୁଜରାଟର ଅନେକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଛି । ରାଜସ୍ଥାନର ଫଲୋଦୀଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ପୂର୍ବ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ସେହିପରି ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ସିକିମ୍, ଗୋଆ, ତେଲେଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଲଗାତାର ୫ମ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରାଯାଇଛି । ଇତିମଧ୍ୟରେ ବର୍ଷା ବିପର୍ଯ୍ୟୟ ଜନିତ ଦୁର୍ଘଟଣାରେ ମଧ୍ୟପ୍ରଦେଶର ବଡ଼ୱାନୀ ଜିଲ୍ଲାରେ ବନ୍ୟା ପାଣିରେ ଜଣେ ଟ୍ରାକ୍ଟର ଚାଳକ ଭାସିଯାଇ ନିଖୋଜ ଅଛନ୍ତି । ସେହିପରି ଛତିଶଗଡ଼ର ବେମେତରା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଏକ ମାଟିଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଛି ଏବଂ ସୁକମା ଜିଲ୍ଲାରେ ବଜ୍ରପାତ ଯୋଗୁଁ ଜଣଙ୍କର ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଛନ୍ତି ।

# ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା ତମାସା

## ଯୁଦ୍ଧ... ବିରତି-ଯୁଦ୍ଧ... ବିରତି



ୱାସିଂଟନ୍, ୨୯ ।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଗତ କିଛି ଦିନ ହେବ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ଏବଂ ଇରାନ ସାମୟିକ ଭାବେ ଯୁଦ୍ଧ ବନ୍ଦ କରିବାକୁ ସହମତି ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଆସନ୍ତା ମଙ୍ଗଳବାର ଦିନ କାତାରର ଦୋହାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ । ଆମେରିକା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ବେଳେ ଇରାନ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବକ୍ତବ୍ୟ ଜାରି କରିନାହିଁ । ମାତ୍ର ୧୧ ଦିନ ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ୬୦ ଦିନିଆ ଯୁଦ୍ଧବିରତି ଓ ଶାନ୍ତି ଆଲୋଚନା ପାଇଁ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ସାମରିକ ଚୁକ୍ତି ଅନୁଯାୟୀ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଅନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ଯାତାୟାତର ସୁଯୋଗ ଦେବ ଏବଂ ଏହାର ବଦଳରେ ଆମେରିକା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବ । ମାତ୍ର ଚୁକ୍ତିର ସର୍ତ୍ତାବଳୀକୁ ଭିନ୍ନ ଭାବେ ବ୍ୟାଖ୍ୟା କରି ଗତ କିଛି ଦିନ ହେବ ଦୁଇ ଦେଶର ସେନା ମଧ୍ୟରେ ଗୁଳିବିନିମୟ ହୋଇଥିଲା, ଯାହା ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଥିଲା । ଗତ ସପ୍ତାହରେ ସ୍ୱିଜରଲ୍ୟାଣ୍ଡରେ

- ଯୁଦ୍ଧବିରତି ପାଇଁ ସହମତି
- କାତାରରେ ହେବ ଆଲୋଚନା

ଅନୁଷ୍ଠିତ ଆଲୋଚନା ସମୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇରାନ ସେନା ସହ ଯୋଗାଯୋଗ ରକ୍ଷା ପାଇଁ ଏକ ଜରୁରୀକାଳୀନ ସିଧାସଳଖ ଫୋନ୍ ସେବା ବା 'ହଟଲାଇନ' ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଶନିବାର ସୁଦ୍ଧା ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏହି ସମୟ ମଧ୍ୟରେ ଇରାନ ପକ୍ଷରୁ ଓମାନ ସୀମା ନିକଟରେ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଦୁଇ ଦୁଇ ଥର ଆକ୍ରମଣ କରାଯାଇଥିଲା, ଯାହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ସାମରିକ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ । ଆମେରିକା ନୌସେନା ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନର ସୂଚନା ଅନୁଯାୟୀ, ଉତ୍ତେଜନା ସତ୍ତ୍ୱେ ଗତ ୭୨ ଘଣ୍ଟା ମଧ୍ୟରେ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଜାରି ରହିଛି । ଆମେରିକା ସେନାର ସହାୟତାରେ ପ୍ରାୟ ୮୯ଟି ବାଣିଜ୍ୟିକ ଜାହାଜ ସୁରକ୍ଷିତ ଭାବେ ଗତି କରିଛନ୍ତି, ଯଦିଓ ଏହା ଦୈନିକ ହାରାହାରି ୧୩୮ ଜାହାଜ ଚଳାଚଳ ତୁଳନାରେ ଯଥେଷ୍ଟ କମ୍ ଅଟେ । ବର୍ତ୍ତମାନ ଆଲୋଚନା ପାଇଁ ଦୁଇ ପକ୍ଷ ସାମରିକ କାର୍ଯ୍ୟକଳାପ ବନ୍ଦ ରଖିବାକୁ ରାଜି ହୋଇଛନ୍ତି । ଜାଗତିକ ଶକ୍ତି ଯୋଗାଣ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ଯୁଦ୍ଧ ସ୍ଥିତି ସମଗ୍ର ବିଶ୍ୱର ଚିନ୍ତା ବଢ଼ାଇ ଦେଇଥିଲା । କାତାରର ଦୋହାଠାରେ ହେବାକୁ ଥିବା ବୈଠକରେ ଯଦି ଦୁଇ ଦେଶ କୌଣସି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବାରେ ସଫଳ ହୁଅନ୍ତି, ତେବେ ବିଶ୍ୱ ବଜାର ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇପାରିବ ।

# ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ, ବିହାର ରାଜ୍ୟପାଳ



ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତ ପକ୍ଷରୁ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟଦ ଅତା ହସନେନ ଯୋଗଦେବେ । ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ସମୟ ଅଭାବରୁ ଭାରତୀୟ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । ଆସନ୍ତା ଜୁଲାଇ ୪ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ସହରରେ ଏହି ଅନ୍ତ୍ୟେଷ୍ଟି ପ୍ରକ୍ରିୟା ଚାଲିବ ଏବଂ ଶେଷରେ ମସହାଦ ସହରରେ ତାଙ୍କୁ ସମାଧି ଦିଆଯିବ । ଗତ ଫେବୃଆରୀ ୨୮ ତାରିଖରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବିମାନ ଆକ୍ରମଣରେ ୮୬ ବର୍ଷୀୟ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା । ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ଅନ୍ତ୍ୟେଷ୍ଟିକ୍ରିୟା ବିଳମ୍ବରେ କରାଯାଉଛି, ଯେଉଁଥିରେ ପ୍ରାୟ ଦୁଇ କୋଟି ଶୋକାକୁଳ ଜନସାଧାରଣ ଏବଂ ବିଶ୍ୱର ଅନେକ ନେତା ସାମିଲ ହେବାର ସମ୍ଭାବନା ରହିଛି । ସେହିପରି ଏହି ଆକ୍ରମଣରେ ଆହତ ହୋଇଥିବା ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ବଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି ।

# ଯେକୌଣସି ସମୟରେ ନିର୍ବାଚନ: ଷ୍ଟାଲିନ୍



ଚେନ୍ନାଇ, ୨୯ ।୬(ଏଜେନ୍ସି): ତାମିଲନାଡୁରେ ଏକ ବଡ଼ ରାଜନୈତିକ ହଲଚଲ ମଧ୍ୟରେ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ ନିଜ ଦଳୀୟ କର୍ମୀମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି । ଚେନ୍ନାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ରାଜ୍ୟରେ ଆସନ୍ତା ତିନି କିମ୍ବା ଛଅ ମାସ ମଧ୍ୟରେ ଯେକୌଣସି ସମୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇପାରେ । ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ସରକାରକୁ ଏକ ଦୁର୍ବଳ 'ସଂଖ୍ୟାଲଘୁ' ସରକାର ବୋଲି ଦର୍ଶାଇ ଷ୍ଟାଲିନ କହିଛନ୍ତି ଯେ, ଏହି ସରକାର ନିଜ ବଳରେ ସଂଖ୍ୟାଗରିଷ୍ଠତା ହାସଲ କରିନାହିଁ । ଟିଭିକେ ପାଖରେ ମାତ୍ର ୧୦୮ଟି ଆସନ ରହିଛି, ଯାହା ବହୁମତ ସଂଖ୍ୟା ୧୧୮ଠାରୁ କମ୍ । ଅନ୍ୟ ଦଳଗୁଡ଼ିକର ସହଯୋଗରେ ଚାଲିଥିବା ଏହି ଶାସନ ଗାଡ଼ି ଯେକୌଣସି ମୋଡ଼ରେ ଅଟକି ଯାଇପାରେ । ସେହିପରି ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ମଧ୍ୟ ବର୍ତ୍ତମାନର ସରକାରକୁ ସମାଲୋଚନା କରି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି । ଷ୍ଟାଲିନ ଦଳୀୟ କର୍ମୀମାନଙ୍କୁ ଏବେଠାରୁ ହିଁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ନଦୀରୁ ସ୍ୱାମୀ, ସ୍ତ୍ରୀ ଓ ଦୁଇ ଶିଶୁଙ୍କ ମୃତଦେହ ଉଦ୍ଧାର

ଏର୍ନାକୁଲମ, ୨୯ ।୬(ଏଜେନ୍ସି): କେରଳର କୋଠାମଙ୍ଗଲମ ଅଞ୍ଚଳରେ ଥିବା ମୁଭାଟ୍ଟୁପୁଝା ନଦୀରୁ ଜଣେ ଦମ୍ପତି ଏବଂ ସେମାନଙ୍କର ଦୁଇ ନାବାଳକ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ସମ୍ପୂର୍ଣ୍ଣ ପରିବାର ଗତ ଜୁନ୍ ୨୫ ତାରିଖରୁ ନିଖୋଜ ଥିଲେ । ପୁଲିସ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ନଦୀର ଭିନ୍ନ ଭିନ୍ନ ସ୍ଥାନରୁ ଏହି ଚାରୋଟି ମୃତଦେହ ମିଳିଛି । ମୃତକମାନେ ହେଲେ ନାରାୟଣନ, ତାଙ୍କର ଦୃଷ୍ଟିହୀନ ପତ୍ନୀ ବିଜୀ ଏବଂ ଦୁଇ ସନ୍ତାନ । ଏହି ପରିବାର କୋଠାମଙ୍ଗଲମରେ ଏକ ଭଡ଼ା ଘରେ ରହୁଥିଲେ ଏବଂ ଦୀର୍ଘ ଦିନ ଧରି ପ୍ରବଳ ଆର୍ଥିକ ଅନାଟନ ଓ ମାନସିକ ଚିନ୍ତା ଦେଇ ଗତି କରୁଥିଲେ । ୪୫ ଦିନ ପୂର୍ବରୁ ଘରମାଲିକ ସେମାନଙ୍କୁ ଘର ଖାଲି କରିବାକୁ ନୋଟିସ ଦେଇଥିଲେ । ପୁଲିସ ସେମାନଙ୍କୁ ଖାଦ୍ୟ ଓ ସାମଗ୍ରୀ ଯୋଗାଇବା ସହ ଏକ ନୂଆ ଭଡ଼ା ଘରର ବ୍ୟବସ୍ଥା ମଧ୍ୟ କରିଥିଲା । ଯେଉଁଦିନ ପରିବାରଟି ନୂଆ ଘରକୁ ଯିବାର ଥିଲା, ସେହିଦିନ ହିଁ ସେମାନେ ନିଖୋଜ ହୋଇଯାଇଥିଲେ । ସେମାନଙ୍କୁ ଶେଷ ଥର ପାଇଁ ଏକ ରେସ୍ତୋରାଁ ନିକଟରେ ଚାଲି ଚାଲି ଯାଉଥିବାର ସିସିଟିଭି ଚିତ୍ର ମିଳିଛି । ଆର୍ଥିକ ସଙ୍କଟ ସହ୍ୟ ନକରିପାରି ପୂର୍ବ ଯୋଜନା ଅନୁଯାୟୀ ପରିବାର ସହ ନଦୀକୁ ଡେଇଁ ସେମାନେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି ।

# ସ୍ତ୍ରୀ, ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା; ବ୍ୟବସାୟୀଙ୍କ ଆତ୍ମହତ୍ୟା



ଫରିଦାବାଦ, ୨୯ ।୬(ଏଜେନ୍ସି): ହରିଆଣାର ଫରିଦାବାଦ ଅନ୍ତର୍ଗତ ବଲ୍ଲଭଗଡ଼ ଅଞ୍ଚଳରେ ଜଣେ ୨୮ ବର୍ଷୀୟ ପୋଷାକ ବ୍ୟବସାୟୀ ନିଜ ଦୋକାନ ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ୍ୟୁ ପୂର୍ବରୁ ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଅପଲୋଡ୍ କରି ନିଜ ପତ୍ନୀ ଏବଂ ଶ୍ୱଶୁର ଘର ଲୋକଙ୍କ ଉପରେ ଗୁରୁତର ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ମୃତ ବ୍ୟବସାୟୀଙ୍କ ନାମ ରାହୁଲ ବୋଲି ଜଣାପଡ଼ିଛି । ଭିଡିଓରେ ରାହୁଲ କହିଛନ୍ତି ଯେ ଦୁଇ ବର୍ଷ ପୂର୍ବେ ସେ ପ୍ରେମ ବିବାହ କରିଥିଲେ ମଧ୍ୟ ସ୍ତ୍ରୀ, ଶ୍ୱଶୁର, ଶାଶୁ ଓ ଶାଳୀ ତାଙ୍କୁ କ୍ରମାଗତ ଭାବେ ନିର୍ଯାତନା ଦେଇ ଆସୁଥିଲେ । ସେ ଘରର ସମସ୍ତ କାମ ଯଥା- ଝାଡୁ, ପୋଛା ଓ ବାସନ ମାଜିବା କରୁଥିଲେ ମଧ୍ୟ ସ୍ତ୍ରୀ ତାଙ୍କୁ ମାଡ଼ ମାରୁଥିଲେ ଏବଂ ଅଲଗା ରହିବାକୁ ବାଧ୍ୟ କରୁଥିଲେ । ଦୁଇ ଦିନ ପୂର୍ବରୁ ସ୍ତ୍ରୀ ତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ମଧ୍ୟ ରୁଜୁ କରିଥିଲେ, ଯାହା ଯୋଗୁଁ ସେ ପ୍ରବଳ ମାନସିକ ଚିନ୍ତାରେ ଥିଲେ ।

# ପାକିସ୍ତାନ ଆକ୍ରମଣରେ ୩୫ ଆଫଗାନ ନାଗରିକ ମୃତ



ଇସଲାମାବାଦ, ୨୯ ।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ପାକିସ୍ତାନୀ ବାୟୁସେନା ପକ୍ଷରୁ ହୋଇଥିବା ଏକ ଜଘନ୍ୟ 'ଡବଲ୍-ଟାପ୍' ବିମାନ ଆକ୍ରମଣରେ ଶିଶୁ ଓ ମହିଳାଙ୍କ ସମେତ ଅତିକମ୍‌ରେ ୩୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନର ତାଲିବାନ ସରକାର ଏହି ଆକ୍ରମଣକୁ ଅତି ବର୍ବର ଏବଂ କାପୁରୁଷୋଚିତ ବୋଲି କହି ପ୍ରତିବାଦ କରିଛନ୍ତି । ସୂଚନା ଅନୁଯାୟୀ, ଗତ ମଧ୍ୟରାତ୍ରିରେ ପାକିସ୍ତାନୀ ଯୁଦ୍ଧବିମାନଗୁଡ଼ିକ ଆଫଗାନିସ୍ତାନର ପାକ୍ତିକା, ପାକ୍ତିଆ ଏବଂ କୁନାର ପ୍ରଦେଶର ଆବାସିକ ଅଞ୍ଚଳ ଉପରେ ପ୍ରଥମେ ବୋମା ବର୍ଷଣ କରିଥିଲେ । ଏହାର ପ୍ରାୟ ୨୫ ମିନିଟ୍ ପରେ, ଯେତେବେଳେ ସ୍ଥାନୀୟ ଗ୍ରାମବାସୀ ଧ୍ୱଂସାବଶେଷ ତଳୁ ଆହତ ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରୁଥିଲେ, ସେହି ସମୟରେ ପାକିସ୍ତାନୀ ସେନା ପୁନର୍ବାର ସେହି ସ୍ଥାନ ଉପରେ ଦ୍ୱିତୀୟ ବୋମାମାଡ଼ କରିଥିଲା । ସାମରିକ ଭାଷାରେ ଏହାକୁ 'ଡବଲ୍-ଟାପ୍' କୁହାଯାଏ, ଯାହା ଉଦ୍ଧାରକାରୀ ଦଳକୁ ଲକ୍ଷ୍ୟ କରି କରାଯାଇଥିବାରୁ ମୃତ୍ୟୁସଂଖ୍ୟା ବହୁତ ବଢ଼ିଯାଇଛି । ଅନ୍ୟପକ୍ଷରେ, ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାର୍ ଏହି ଆକ୍ରମଣକୁ ସ୍ୱୀକାର କରି ଦାବି କରିଛନ୍ତି ଯେ ଏହା ଆଫଗାନିସ୍ତାନ ସୀମାରେ ଲୁଚି ରହିଥିବା ଜମାତ-ଉଲ୍-ଅହରାର୍ ଏବଂ ଟିଟିପି ଆତଙ୍କବାଦୀ ସଙ୍ଗଠନ ବିରୋଧରେ ଏକ ସଠିକ୍ ସାମରିକ କାର୍ଯ୍ୟାନୁଷ୍ଠାନ ଥିଲା ।

# ଭେନେଜୁଏଲା ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୫୦ ଟପିଲା

କାରାକାସ୍, ୨୯ ।୬(ଏଜେନ୍ସି): ଶକ୍ତିଶାଳୀ ଦୁଇଟି ଭୂକମ୍ପ ଝଟକା ପରେ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ସ୍ଥିତି ଅତି ସଙ୍ଗିନ ହୋଇପଡ଼ିଛି । ବିପର୍ଯ୍ୟୟର ୭୨ ଘଣ୍ଟା ବିତିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାରିକୁ ଜୀବିତ ଉଦ୍ଧାର କରିବା ଆଶା ଏବେ ମଉଳିବାରେ ଲାଗିଛି । ସରକାରୀ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୧, ୪୫୦ ଟପିଥିବା ବେଳେ ୩, ୧୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଦେଶର ପ୍ରାୟ ୨୦୦ରୁ ଅଧିକ ବହୁତଳ ପ୍ରାସାଦ ଓ କୋଠାବାଡ଼ି ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି । ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ୭.୨ ଏବଂ ୭.୫ ତୀବ୍ରତାର ଏହି ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ଏବଂ ଉପକୂଳବର୍ତ୍ତୀ ସହର ଲା ଗୁଆଇରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ପ୍ରଶାସନର ମନ୍ଥର ଉଦ୍ଧାର କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକେ ନିଜ ହାତରେ ମାଟି ଓ କଂକ୍ରିଟ୍ ଖୋଳି ନିଜ ସମ୍ପର୍କୀୟମାନଙ୍କୁ ଖୋଜୁଛନ୍ତି ।

# ସପିଙ୍ଗ୍ ବାହାନାରେ କେତନଠାରୁ କୋଟିଏ ଆଣି ପ୍ରେମିକକୁ ଦେଇଥିଲା ସିୟା

ପୁଣେ, ୨୯ ।୬(ଏଜେନ୍ସି): ପୁଣେର ପ୍ରସିଦ୍ଧ ଲୋହଗଡ଼ ଦୁର୍ଗରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟା ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ବିବାହ ପାଇଁ କିଣାକିଣି କରିବା ବାହାନାରେ ତାଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ନେଇଥିଲେ ଏବଂ ସେହି ଅର୍ଥକୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଦେଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ପରେ ଦୁହେଁ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲେ । ଗତକାଲି ପୁଲିସଙ୍କ ଗହଣରେ ଅଭିଯୁକ୍ତଙ୍କ ଦ୍ୱାରା ଲୋହଗଡ଼ ଠାରେ କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଥିଲା । ଏବେ ଉଭୟ ଅଭିଯୁକ୍ତ ସିୟା ଗୋୟଲ ଓ ଚେତନ ଚୌଧୁରୀଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି ।

ପୁଲିସ୍‌ର ସୂଚନା ଅନୁସାରେ, ୨୦ ବର୍ଷୀୟା ସିୟା ଏବଂ ୨୨ ବର୍ଷୀୟ ଚେତନ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହତ୍ୟାକାଣ୍ଡର ପୂରା ଯୋଜନା ପ୍ରସ୍ତୁତ କରିଥିଲେ । ଚେତନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିଲା । ତାଙ୍କ ବ୍ୟବସାୟକୁ ସ୍ଥିର କରିବା ପାଇଁ ସିୟା କେତନଙ୍କଠାରୁ ଠକି ଆଣିଥିବା ୧ କୋଟି ଟଙ୍କା ଚେତନଙ୍କୁ ଦେଇଥିଲେ । ସନ୍ଦେହରୁ ବଞ୍ଚିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ ଯେ ହତ୍ୟାକାଣ୍ଡର ୩ ବର୍ଷ ପର୍ଯ୍ୟନ୍ତ ସିୟା ବିବାହ କରିବେ ନାହିଁ । ମାମଲା ଶାନ୍ତ ହେବା ପରେ ଦୁହେଁ ବିବାହ କରିବେ । ତଦନ୍ତ ବେଳେ, ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ସିୟା ଓ ଚେତନ ଏକ କାଫେରେ ବସି ଯୋଜନା କରିଥିବା ଜଣାପଡ଼ିଛି । ଏପରିକି ସେମାନେ ଦୁର୍ଗ ପରିଦର୍ଶନ କରି ହତ୍ୟାକାଣ୍ଡର ସ୍ଥାନ ନିରୂପଣ କରିଥିଲେ । ପରେ ଜୁନ୍ ୧୮ ରେ ପ୍ରି-ୱେଡିଂ ଫଟୋସୁଟ୍ ବାହାନାରେ ସିୟା କେତନଙ୍କୁ ଲୋହଗଡ଼ ଦୁର୍ଗକୁ ନେଇଥିଲେ । ହତ୍ୟାକାଣ୍ଡ ଦିନ ଗିରଫ ଏଡାଇବା ପାଇଁ ଚେତନ ଏକ ସ୍କୁଟରରେ ୯୦ କିଲୋମିଟର ଯାତ୍ରା କରି ଦୁର୍ଗରେ ପହଞ୍ଚିଥିଲେ । ଦୁର୍ଗ ଉପରେ ସିୟା ପାଣି ପିଇବା କିମ୍ବା ଜୋତା ଫିତା ବାନ୍ଧିବା ବାହାନାରେ ବସି ଚେତନଙ୍କୁ ସଙ୍କେତ ଦେଇଥିଲେ, ଯାହା ପରେ ଚେତନ କେତନଙ୍କୁ ପାହାଡ଼ ତଳକୁ ଠେଲି ଦେଇଥିଲେ । ଏହାପୂର୍ବରୁ ଜୁନ୍ ୧୪ରେ ମଧ୍ୟ ହତ୍ୟା ପାଇଁ ପ୍ରଥମ ଚେଷ୍ଟା କରାଯାଇଥିଲା, କିନ୍ତୁ ସେତେବେଳେ କେତନ ଗୋଟିଏ ବୁଦାକୁ ଧରି ବଞ୍ଚି ଯାଇଥିଲେ । ତାଙ୍କୁ ଏପରି ବିପଜ୍ଜନକ ଭାବେ ଠେଲିବାର କାରଣ କେତନ ପଚାରିବାରୁ ସିୟା ମିଛରେ କେତନଙ୍କୁ ସାପ କବଳରୁ ରକ୍ଷା କରିବାକୁ ଠେଲି ଦେଇଥିବା କହିଥିଲେ । ହତ୍ୟାକାଣ୍ଡର ମାତ୍ର ୩୪ ମିନିଟ୍ ପୂର୍ବରୁ ସିୟା ଓ ଚେତନଙ୍କ ମଧ୍ୟରେ ହୋଇଥିବା ଗୋପନୀୟ ଫୋନ୍ କଲ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ୍ ଉଭୟଙ୍କୁ ଗିରଫ କରିଛି । ପୁଲିସ୍ ଏହି ଘଟଣାରେ ବ୍ୟବହୃତ ଦୁଇଚକିଆ ଗାଡ଼ି ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।







# ଶୋଇଥିବାବେଳେ ଜଗୁଆଳିଙ୍କୁ ହାଣି ହତ୍ୟା

କୋକସରା,୨୯ ।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଡାଲଗୁମା ଗ୍ରାମରେ ଧାନମଣ୍ଡି ନିକଟସ୍ଥ ଏକ ବଗିଚାଘର ଦୁଆରେ ଶୋଇଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଡାଲଗୁମା ଗାଁର ଶୁକଦେବ ଧରୁଆ (୫୫) । ସେ ଗାଁ ମୁଣ୍ଡରେ ଥିବା ଏକ ବଗିଚାରେ ଜଗୁଆଳି ଭାବେ କାମ କରୁଥିଲେ।

ସୂଚନା ଅନୁଯାୟୀ, ଶୁକଦେବ ସବୁଦିନ ସକାଳୁ ବଗିଚାରୁ ଘରକୁ ଫେରିଥାନ୍ତି। ସୋମବାର ସକାଳୁ ସେ ଘରକୁ ନ ଫେରିବାରୁ ତାଙ୍କ ଝିଅ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ଏହାପରେ ଝିଅ ନିଜେ ବଗିଚା ନିକଟରେ ପହଞ୍ଚି ଘର ଦୁଆର ସାମ୍ନା ଖଟିଆ ଉପରେ ବାପାଙ୍କ ରକ୍ତଭିଜା ଶବ ଦେଖିବାକୁ ପାଇଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ କୋକସରା ପୁଲିସକୁ ଖବର ଦେଇଥିଲେ। ବାପାଙ୍କୁ କେହି ଅନ୍ୟତ୍ର ଟେକିନେଇ ହତ୍ୟା କରିବା ପରେ, ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପୁଣି ଆଣି ଖଟିଆରେ ଶୁଆଇ ଦେଇଛନ୍ତି, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଝିଅ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଖବରପାଇ କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସଦଳବଳେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ, ପରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଉର୍ଷିତା ଆଡେପୁ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଛାନ୍‌ଭିନ କରିଛନ୍ତି। ଘଟଣାର ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି।

# ଓଡ଼ିଶା କ'ଣ ସାବତ ଛୁଆ?

## କେନ୍ଦ୍ର ମଧ୍ୟସ୍ଥତାରେ ହରିୟାଣା-ରାଜସ୍ଥାନ ଜଳ ବିବାଦ ସମାଧାନ

ଭୁବନେଶ୍ୱର,୨୯।୬(ସମିସ): ହରିୟାଣା ଓ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଯମୁନା ଜଳ ବିବାଦର ଐତିହାସିକ ସମାଧାନ ହୋଇଛି। ସୋମବାର କେନ୍ଦ୍ର ଗୃହମନ୍ତ୍ରୀ, ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଳ ବିବାଦର ସମାଧାନ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କେନ୍ଦ୍ର ସରକାର ହରିୟାଣା, ରାଜସ୍ଥାନ ମଧ୍ୟରେ ମଧ୍ୟସ୍ଥତା କରି ଜଳ ବିବାଦ ସମାଧାନ କରିଥିବା ସମୟରେ ଓଡ଼ିଶା ପ୍ରତି କାହିଁକି ପାତରଅନ୍ତର କରୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ଉଭୟ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଅଛି। କେନ୍ଦ୍ର ସରକାର ଚାହିଁଲେ ଓଡ଼ିଶାର ସ୍ୱାର୍ଥ ରକ୍ଷା ହୋଇପାରନ୍ତା ଓ ଯମୁନା ଜଳ ବିବାଦ ପରି ମହାନଦୀ ଜଳ ବିବାଦ ସମାଧାନ ହୋଇପାରନ୍ତା। ମାତ୍ର ଦୀର୍ଘଦିନ ଧରି ଏହି ବିବାଦକୁ ସମାଧାନ ପାଇଁ କେନ୍ଦ୍ର ସରକାର କାହିଁକି ଚାହୁଁ ନାହାନ୍ତି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ଟ୍ରିବ୍ୟୁନାଲରେ ଜଳ ବିବାଦର ସମାଧାନ ସମୟ ସାପେକ୍ଷ ଓ ସମାଧାନ ଆଶା କ୍ଷୀଣ। ରାଜ୍ୟରେ କ୍ଷମତାକୁ ଆସିଲେ ମହାନଦୀ ସମସ୍ୟାର ସମାଧାନ କରିଦେବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ବିଜେପିର ପ୍ରତିଶ୍ରୁତି ଉପରେ ଭରଷି ରାଜ୍ୟବାସୀ ଦଳକୁ କ୍ଷମତାକୁ ମଧ୍ୟ ଆଣିଲେ। ମାତ୍ର ସରକାରଙ୍କୁ ଦୁଇ ବର୍ଷ ପୂରି ୩ ବର୍ଷ ଚାଲିଥିଲେ ହେଁ ବିବାଦର ସମାଧାନ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ ଅଭିବୃଦ୍ଧି ଘଟିପାରି ନାହିଁ। ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନେଇ ଗୁରୁତ୍ୱାରୋପ କରୁଛନ୍ତି। ଇତିମଧ୍ୟରେ ଉଭୟ ରାଜ୍ୟ ଦ୍ୱାରା ଗଠିତ ଯୁଗ୍ମ ବୈଷୟିକ କମିଟି ୩୦ରୁ ଅଧିକ ବୈଠକ କଲାଣି। ମାତ୍ର ଆପୋଷ ସମାଧାନର ସର୍ତ୍ତ ତଥା ସର୍ତ୍ତଟି କଣ ସେ ନେଇ ରାଜ୍ୟ ସରକାର ସାଧାରଣରେ ମୁହଁ ଖୋଲୁନାହାନ୍ତି। ଯାହାଫଳରେ ସରକାରଙ୍କ ଆଭିମୁଖ୍ୟକୁ

- କେନ୍ଦ୍ର ହସ୍ତକ୍ଷେପ ନ କଲେ ମହାନଦୀ ଭୋଗିବ କାବେରୀ ଦଶା
- ଓଡ଼ିଶା, ଛତିଶଗଡ଼, କେନ୍ଦ୍ରରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର

ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପଟେ ଉଭୟ ରାଜ୍ୟର ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟକୁ ନେଇ ମଧ୍ୟ ଜଳ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ଛତିଶଗଡ଼ରେ ମହାନଦୀରେ ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ରହିଛି। ତେଣୁ ଛତିଶଗଡ଼ ଦାବି କରୁଥିବା ୨୭ ମିଲିୟନ ଏକର ଫୁଟ ପାଣିକୁ ଓଡ଼ିଶା ସରକାର ମାନି ନେଇଛନ୍ତି କି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରଶ୍ନ କରାଯାଉଛି। ଯଦି ଓଡ଼ିଶା ସରକାର ଏହି ଦାବିକୁ ଗ୍ରହଣ କରିଥାଆନ୍ତି, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ତଥା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ସେହିପରି ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ରାଜ୍ୟ ସରକାର ସବୁ ସନ୍ଦେହ, ଘଟଣା ଏବଂ ଅଭିଯୋଗ ଉପରେ ମୁହଁ ଖୋଲୁନଥିବା ବେଳେ ସମାନ ସମୟରେ କେନ୍ଦ୍ର ସରକାର ମଧ୍ୟ ଏନେଇ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ଓଡ଼ିଶା, ଛତିଶଗଡ଼ ଜଳ ବିବାଦ ମଧ୍ୟରେ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟସ୍ଥତା କରିବା ଉଚିତ୍। ଅନ୍ତରାଜ୍ୟ ଜଳ ବିବାଦରେ କେନ୍ଦ୍ର ସରକାର ଉଭୟ ରାଜ୍ୟକୁ ଆଲୋଚନା ବୈଠକକୁ ଆଣି ସମାଧାନ କରିପାରନ୍ତେ। ଏନେଇ ଆମ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଛି। ମାତ୍ର କେନ୍ଦ୍ର ସରକାର ତାହା କରୁନାହାନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଲଢ଼େଇ କାବେରୀ ଜଳ ବିବାଦ ରାସ୍ତାରେ ଯାଇପାରେ। ତେଣୁ କେନ୍ଦ୍ର ସରକାର ତୁରନ୍ତ ବିବାଦରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### ମୌସୁମୀ ଲୁଚିଛି, ବର୍ଷା ଉଭାନ

# ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି

ଭୁବନେଶ୍ୱର,୨୯।୬(ସମିସ): ମୌସୁମୀ ଓଡ଼ିଶା ଏରୁଣ୍ଡି ଛୁଇଁ କେଉଁଠି ଲୁଚିଗଲା, କେହି ଜାଣି ପାରିଲେ ନାହିଁ । ମୌସୁମୀ ପଛେପଛେ ବର୍ଷା ବି ଉଭାନ। ଏପରି ସମୟରେ ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି ଚଳାଇଛି। ମଧ୍ୟାହ୍ନ ପରେ କିଛି ଅଂଶରେ ପାଗ ମେଘୁଆ ରହୁଥିଲେ ମଧ୍ୟ ବର୍ଷା ନ ହେବା ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏହି କ୍ରମରେ ସୋମବାର ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ କଲବଲ କରିଛି। ସୋମବାର ଆଂଶିକ ମେଘୁଆ ଆକାଶ ଥିବା ସତ୍ତ୍ୱେ, ହାଲୁକା ପବନ, ଅତ୍ୟଧିକ ଆର୍ଦ୍ରତା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗରମ ଓ ଅସହଜ ଅନୁଭୂତି ହୋଇଛି। ଦୁର୍ବଳ ପବନ ଯୋଗୁଁ ବାୟୁଚଳାଚଳ କମ୍ ରହିଥିବାରୁ ପରିବେଶ ଉଷ୍ମ, ଆର୍ଦ୍ର ଓ ଗୁଳୁଗୁଳି ରହିବା ଯୋଗୁଁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି।

କୁହାଯାଉଛି ଯେ ରାଜ୍ୟରେ ମୌସୁମୀ ବର୍ଷାର ସ୍ଥିତି ଧୀରେ ଧୀରେ ସୁଧୁରିବ। ପଶ୍ଚିମ ଓଡ଼ିଶାକୁ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବର୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ରାଜ୍ୟରେ ମୌସୁମୀ ବର୍ଷା ପାଇଁ ପରିସ୍ଥିତି ଏପର୍ଯ୍ୟନ୍ତ ଅନୁକୂଳ ହୋଇନାହିଁ। ମାତ୍ର ଜୁଲାଇ ପ୍ରଥମ ସପ୍ତାହରୁ ବର୍ଷା ନେଇ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ବି ଦୁର୍ବଳ ଓ ଅସମାନ ଅବସ୍ଥାରେ ରହିଛି। ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଅନୁସାରେ ୩୦ ଜୁନରୁ ୧ ଜୁଲାଇରୁ ଧୀରେ ଧୀରେ ସୁଧାର ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହରେ ପରିସ୍ଥିତି ଅଧିକ ଅନୁକୂଳ ହୋଇପାରେ। ପ୍ରଥମେ ଉପକୂଳ ଓ ଦକ୍ଷିଣ ଓଡ଼ିଶା, ପରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ଚାଷ ଉପଯୋଗୀ ବର୍ଷା ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ। ବର୍ତ୍ତମାନର ସଙ୍କେତ ଅନୁସାରେ ବର୍ଷାର ସୁଧାର ଶକ୍ତିଶାଳୀ ଲଘୁଚାପ ଯୋଗୁଁ ନୁହେଁ, ବରଂ ମୌସୁମୀ ଅକ୍ଷରେଖା ଧୀରେ ଧୀରେ ଦକ୍ଷିଣକୁ ଆସି ସକ୍ରିୟ ହେବା ଦ୍ୱାରା ହେବ। ବଙ୍ଗୋପସାଗରର ପଶ୍ଚିମ-ମଧ୍ୟରୁ ଉତ୍ତର-ପଶ୍ଚିମ ଅଞ୍ଚଳରେ ସମ୍ଭାବ୍ୟ ଉପରିସ୍ତରୀୟ ଘୂର୍ଣ୍ଣିବଳୟ ଏବଂ ଆରବ ସାଗରରୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଶକ୍ତିଶାଳୀ ହେବା ମଧ୍ୟ ବର୍ଷା ପାଇଁ ପାଗ ଅନୁକୂଳ କରାଇବ। ତେଣୁ ସମଗ୍ର ରାଜ୍ୟରେ ହଠାତ୍ ବର୍ଷା ବଢ଼ିବା ପରିବର୍ତ୍ତେ ଧୀରେ ଧୀରେ ମୌସୁମୀ ବର୍ଷାର ସୁଧାର ହେବାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ ମୋହନ-ଧର୍ମେନ୍ଦ୍ର





ପୁରୀ,୨୯।୬(ସମିସ): ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ରଥଯାତ୍ରାର ଏହି ଆଦ୍ୟ ପର୍ବରେ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତ୍ୟକ୍ଷ ସ୍ନାନ ସହ ହାତୀବେଶ ଦେଖିଥା'ନ୍ତି ଶ୍ରଦ୍ଧାଳୁ। ସୋମବାର ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ନିଜକୁ କୃତାର୍ଥ ମଣିଛନ୍ତି। ଏମାନଙ୍କ ଭିତରେ ବହୁ ନେତାମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସାମିଲ୍ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମହାପ୍ରଭୁଙ୍କ ଦର୍ଶନକୁ ନେଇ ଏବେ ପୁରୀରେ ବେଶ୍ ଚର୍ଚ୍ଚା। ଦୁହେଁ ଅଲଗା ଭାବେ ନିଜ ସମର୍ଥକଙ୍କ ସହ ମହାପ୍ରଭୁଙ୍କ ଦର୍ଶନକୁ ନେଇ ବିଜେପି ରାଜନୀତି ସରଗରମ ହୋଇଛି। ସକାଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପହଞ୍ଚି ସ୍ନାନମଣ୍ଡପରେ ଠାକୁରଙ୍କ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ତାଙ୍କ ସହିତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହିତ କିଛି ଦଳୀୟ ନେତା ଉପସ୍ଥିତ ଥିଲେ। ଶ୍ରୀମନ୍ଦିରର କିଛି ସେବାୟତ ମଧ୍ୟ ଦର୍ଶନ ସମୟରେ ତାଙ୍କ ସହିତ ରହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ରହିଥିଲେ। ଯେହେତୁ ଉଭୟେ ଗୋଟିଏ ଦଳର; ଜଣେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ଉଭୟ ଏକାଠି ମହାପ୍ରଭୁଙ୍କ ଦର୍ଶନ କରିପାରିଥାଆନ୍ତେ। ସେପରି ହୋଇଥିଲେ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହୋଇ ନ ଥାନ୍ତା । ମାତ୍ର ପୁରୀର ଏହି ଘଟଣା ଏବେ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । ଅନ୍ୟପକ୍ଷରେ ନିକଟରେ ଘଟିଥିବା ଅନ୍ୟଏକ ପ୍ରସଙ୍ଗକୁ ଲୋକମାନେ ଆଜିର ଘଟଣା ସହ ଯୋଡ଼ିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ପୁରୀ ସାଂସଦ ଡ. ପାତ୍ର ଉଦ୍‌ଘାଟନ କରିଥିଲେ ବି ପଦୁଟିଏ କେନ୍ଦ୍ରମନ୍ତ୍ରୀଙ୍କ ନାଁ ନେଇ ନଥିଲେ।

# ରାଗିଛନ୍ତି କି କାଳିଆ ଠାକୁର?

## ସ୍ନାନବେଦୀରେ ଲିଭିଗଲା ଦୀପ

ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତି ଓ ବନ୍ଦାପନା କରୁଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଆଳତି ଦୀପ ହଠାତ୍ ଲିଭିଯାଇଥିଲା। ବିଶ୍ୱନିୟନ୍ତାଙ୍କ ସମ୍ମୁଖରେ ଆଳତି ଦୀପ ଲିଭିବା ଘଟଣା ଭକ୍ତଙ୍କୁ ବ୍ୟଥିତ କରିଛି। ନିକଟ ଅତୀତରେ ସ୍ନାନମଣ୍ଡପରେ ଏଭଳି ଦୃଶ୍ୟ କେବେ ଦେଖିବାକୁ ମିଳି ନ ଥିଲା। ଭକ୍ତମାନେ ଏହି ବ୍ୟତିକ୍ରମକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେହି କେହି ଏହାକୁ ଆଗାମୀ ବଡ଼ ବିପଦର ସଙ୍କେତ ବୋଲି କହୁଥିବାବେଳେ, ଆଉ କେହି ରାଜ୍ୟ ଉପରେ ବିପଦ ଏପରିକି ପ୍ରାକୃତିକ ପ୍ରଳୟ ଆସିବାର ଆଶଙ୍କା ପ୍ରକାଶ କରୁଛନ୍ତି। ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି- କ'ଣ ଆମ କାଳିଆ ସାଆନ୍ତ ରାଗିଛନ୍ତି କି? ମହାପ୍ରଭୁଙ୍କ ପାଖରେ ଦୀପ ଲିଭିବା ଘଟଣାକୁ ଭକ୍ତମାନେ ସାଧାରଣ ବୋଲି ଭାବି ପାରୁନାହାନ୍ତି।

ସ୍ନାନଯାତ୍ରା ଦର୍ଶନ ପାଇଁ ପୁରୀ ଆସିଥିବା ବାଲେଶ୍ୱରର ସୁଦର୍ଶନ ଦାସ କହିଛନ୍ତି, "ମହାପ୍ରଭୁଙ୍କ ଆଗରେ ଦୀପ ଲିଭିବା ଶୁଭ ସଙ୍କେତ ନୁହେଁ। ଆଗକୁ ରାଜ୍ୟ ପାଇଁ କିଛି ଖରାପ ସମୟର ସଙ୍କେତ ହୋଇଥାଇପାରେ। ନିଶ୍ଚୟ ଆମଠାରୁ କିଛି ଭୁଲ ହୋଇଛି। ସମସ୍ତେ ମିଶି କାଳିଆଙ୍କୁ କ୍ଷମା ମାଗିବା ଉଚିତ୍। ସେହିପରି ମାମିନା ପଣ୍ଡା କହିଛନ୍ତି "କାଳିଆ କେବେ ଭକ୍ତଙ୍କ ଉପରେ ରାଗନ୍ତି ନାହିଁ। ଏହା ହୁଏତ ଆମକୁ ସଚେତନ କରାଇବା ପାଇଁ ତାଙ୍କର ଲୀଳା। ଅଧିକ ଭକ୍ତି ଓ ଶୁଦ୍ଧ ମନରେ ତାଙ୍କୁ ପ୍ରାର୍ଥନା କରିବା। ଅନ୍ୟଜଣେ ଶ୍ରଦ୍ଧାଳୁ ସରୋଜ ପ୍ରଧାନ "ପବନ ଯୋଗୁଁ ଦୀପ ଲିଭି ଯାଇଥାଇପାରେ। ଏହାକୁ ଅନ୍ୟ ଅର୍ଥରେ ନ ନେଇ ଆମେ ସମସ୍ତେ ମହାପ୍ରଭୁଙ୍କ ଉପରେ ବିଶ୍ୱାସ ରଖିବା ଦରକାର। ସେ ସବୁ ମଙ୍ଗଳ କରିବେ' ବୋଲି କହିଛନ୍ତି।

### ମୟୂରଭଞ୍ଜରେ ବିଜେଡିର ୨ଟି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

# ମାଆ-ଝିଅଙ୍କୁ ହତ୍ୟା ଓ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ତୀବ୍ର ଉଦବେଗ

ବାରିପଦା/ବେତନଟୀ/ଠାକୁରମୁଣ୍ଡା/ମହୁଲଡିହା, ୨୯ ।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୃଥକ ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ନିର୍ମମ ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜିଲ୍ଲାର ସୁରକ୍ଷା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ



ଏହି ଦୁଇଟି ଘଟଣାକୁ ନେଇ ବିରୋଧୀ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଦୁଇଟି ପୃଥକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ (ତଥ୍ୟ ଅନୁସନ୍ଧାନକାରୀ ଦଳ) ସୋମବାର ପୃଥକ ଭାବେ ମୟୂରଭଞ୍ଜ ଗସ୍ତ କରି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ତତ୍‌ସହିତ ଗସ୍ତର ରିପୋର୍ଟ ଦଳର ସଭାପତିଙ୍କ ପାଖକୁ ପଠାଇଛନ୍ତି।

ଜିଲ୍ଲାର ମହୁଲଡିହା ଥାନା ଅନ୍ତର୍ଗତ ଡୋକେଇପାଳ ଗ୍ରାମର ମୁକ୍ତାଝରି ସାହିରେ ଘଟିଥିବା ମାଆ ଓ ନାବାଳିକା ଝିଅଙ୍କ ନିର୍ମମ ହତ୍ୟାକାଣ୍ଡ (ଡବଲ

- ପୀଡ଼ିତାଙ୍କ ପରିବାରକୁ ଭେଟିଲେ ପ୍ରତିନିଧି ଦଳ
- ଏସ୍‌ପିଙ୍କୁ ସାକ୍ଷାତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ମର୍ଡର) ସ୍ଥଳ ଗସ୍ତ କରିଛି ପ୍ରଥମ ଟିମ୍। ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ସଭାପତି ଡା. ଦେବାଶିଷ ମାରାଣ୍ଡିଙ୍କ ସଂଯୋଜନାରେ ଗଠିତ ଟିମରେ ପୂର୍ବତନ ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ ଓ କାଶୀନାଥ ହେମ୍ବ୍ରମଙ୍କ ସହିତ ଅନ୍ୟମାନେ ସାମିଲ ହୋଇ ପ୍ରଭାବିତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ମହୁଲଡିହା ଥାନା ଅଧିକାରୀ ଓ ରାଇରଙ୍ଗପୁର ଏସ୍‌ପିଙ୍କୁ ଭେଟି ତ୍ୱରିତ ପଦକ୍ଷେପ ସାଙ୍ଗକୁ ହତ୍ୟାକାରୀକୁ ଗିରଫ ଦାବି କରିଛନ୍ତି।

ସେହିପରି ବେତନଟୀ ଅଞ୍ଚଳର ୩୯ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଅନୁସନ୍ଧାନ ପାଇଁ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ସଂଯୋଜନାରେ ଦ୍ୱିତୀୟ ଟିମରେ ପ୍ରୀତିନନ୍ଦା କାନୁନଗୋ, ଦୀପ୍ତିଲତା ମିଶ୍ର, ସୁବାସିନୀ ନାଏକ, ସବିତା ଦାସ, ସବିତା ବେହେରା, ବୀଣାପାଣି ସାହୁ, ଶ୍ରାବଣୀ ଦାସ, ବିଶ୍ୱନାଥ ହେମ୍ବ୍ରମ, ରାଜୀବ ରଞ୍ଜନ ସେନାପତି, ଦୁବାୟ ବେହେରା, ଚୈତନ୍ୟ ଟୁଡୁ, କିଶୋର ନାୟକ, ରାଜେନ ଦାସ, ଦୀପକ ସାହୁ ଓ ଚିତେଶ୍ୱର ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ପରିବାରକୁ ଭେଟିଛନ୍ତି। ଉଭୟ ଟିମ୍ ଘଟଣାର ସରଜମିନ ତଦନ୍ତ କରିଥିଲେ। ମୃତା ମହିଳାଙ୍କ ସ୍ୱାମୀ ପରିବାର ପ୍ରତି ବିପଦ ଆଶଙ୍କା କରି ସୁରକ୍ଷା ଲୋଡିଛନ୍ତି। ଏ ନେଇ ଟିମ ବେତନଟୀ ଆଇଆଇସି ଓ ବାରିପଦାରେ ଏସ୍‌ପିଙ୍କୁ ଭେଟି ଦାବି ରଖିଛନ୍ତି। ତତସହିତ ଉଭୟ ଟିମ୍ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଦଳର ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ଏକ ପ୍ରେସ ବିବୃତିରେ ରାଜ୍ୟରେ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ସହ ଦ୍ରୁତ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ଦାବି କରିଛନ୍ତି।

### ରାଜ୍ୟରେ ହତ୍ୟାକାଣ୍ଡ ଗ୍ରାଫ୍ ଉପରମୁହାଁ

# ୨୯ ଦିନରେ ୩୨ ଜଘନ୍ୟ ହତ୍ୟାକାଣ୍ଡ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅବସ୍ଥା ସଙ୍ଗୀନ। ପ୍ରତିଦିନ କେଉଁଠି ନା କେଉଁଠି ମୁଣ୍ଡ ଗଡ଼ିବା ଖବର ଗଣମାଧ୍ୟମ ଶିରୋନାମା ପାଲଟୁଛି। କେତେବେଳେ ଅପରାଧୀ ପିଟି ପିଟି ମାରି ଦେଉଛନ୍ତି। ପୁଣି କେତେବେଳେ ନାବାଳିକାଙ୍କୁ ଦୁଷ୍କର୍ମ କରି ହତ୍ୟା କରି ଘର ପଛପଟେ ଫୋପାଡି ଚାଲିଯାଉଛନ୍ତି। ଆଉ କେତେବେଳେ ପୁଅ ବାପାର ବେକରେ ଶାବଳ ଭୁଷି ହତ୍ୟା କରୁଛି ତ କେଉଁଠି ଦିନ ଦି ପହରରେ ତଣ୍ଟିକାଟି ହତ୍ୟା କରାଯାଉଛି । ଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଜଘନ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଘଟିଛି। ଯାହା ପୁଲିସର ଆଇନଶୃଙ୍ଖଳା ପରିସ୍ଥିତିକୁ ଖୋଲା ଚ୍ୟାଲେଞ୍ଜ ଦେଉଛି।

ରାଜ୍ୟରେ ପୁଲିସର ସ୍ଥିତି ଏଭଳି ହେଲାଣି ଯେ ହତ୍ୟାକାଣ୍ଡ ପୂର୍ବରୁ ଅପରାଧୀଙ୍କୁ ଚିହ୍ନଟ କରି ଅପରାଧ ରୋକିବା ଦୂରରେ ଥାଉ ଏବେ ପୁଲିସ ହତ୍ୟାକାଣ୍ଡ ଚାଲିଥିଲା ବେଳେ ବି ଲୋକଙ୍କୁ ଅଟକାଇ ପାରୁ ନାହିଁ। ପୂର୍ବରୁ ବାଲିଅନ୍ତାରେ ପୁଲିସ ଉପସ୍ଥିତିରେ ଲୋକେ ପିଟି ପିଟି ଜଣେ ଜିଆର୍‌ପି କନ୍‌ଷ୍ଟେବଲ୍‌ଙ୍କୁ ହତ୍ୟା କରିଥିଲେ। ପୁଣି ଥାନା ହାଜତ ଭିତରେ ପୁଲିସ ନିଜେ ପିଟି ପିଟି ଦିବ୍ୟାଙ୍ଗକୁ ହତ୍ୟା କରିଦେଉଛି। ପୁଲିସ ଉପସ୍ଥିତିରେ ବି ହତ୍ୟା ଘଟଣା ଆସୁଛି। ବିଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲା ରେକର୍ଡର୍ ହୋଇଥିବାବେଳେ ଆଉ କିଛି ଲୋକଲୋଚନକୁ ଆସିପାରୁ ନାହିଁ। ଦୃଷ୍ଟିକୁ ଆସି ନ ଥିବା ଘଟଣାକୁ ମିଶାଇଲେ ହତ୍ୟାକାଣ୍ଡ ସଂଖ୍ୟା ଅର୍ଦ୍ଧଶତକ ହେବ ବୋଲି ଆଶଙ୍କା କରାଯାଉଛି।

ରାଜ୍ୟର ଅନ୍ୟ ସ୍ଥାନର କଥା ଦୂରରେ ଥାଉ ରାଜଧାନୀରେ ବିଗତ ୨୯ ଦିନ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଗତ ଜୁନ୍ ୨୦ ତାରିଖରେ ବ୍ୟବସାୟୀ ଶତ୍ରୁତାକୁ କେନ୍ଦ୍ର କରି ପାହାଲ ଥାନା ଅଞ୍ଚଳରେ ପ୍ରଭାତ ବେହେରାଙ୍କୁ ହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ଦୁଇ ଥର ଥାନା ଘେରାଉ କରିବାରୁ କରିବାରୁ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଧ୍ୟରେ ଜଣେ ବ୍ୟକ୍ତି ଦିନ ଦ୍ୱିପହରେ ଜଣେ ଠିକାଦାରଙ୍କ ବେକରେ ଛୁରୀ ଭୁଷି ହତ୍ୟା କରିଥିଲା। ସେହିପରି ୨୮ ତାରିଖରେ ଜଣେ ପୁରୋହିତଙ୍କୁ ଦୁର୍ବୃତ୍ତମାନେ ରାତି ଅଧିଆ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ ବାପାଙ୍କୁ ଆକ୍ରମଣ କରି କୋମାରେ ପକାଇ ଦେଇଥିଲା ବେଳେ ଭଉଣୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି ।

କେନ୍ଦ୍ରାପଡା ଜିଲ୍ଲାରେ ଗତ ମାସକ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ମାମଲା ସାମ୍ନାକୁ ଆସିଛି। ଭଦ୍ରକ, ନୟାଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ ସମେତ ୨୦ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଅନ୍ୟପକ୍ଷରେ ବାଲିଅନ୍ତା ଭିଡ଼ହତ୍ୟା ପରେ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ବିଚାରବିମର୍ଷ କରି ଏକ ବହୁ ସୂତ୍ରୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଗଣମାଧ୍ୟମକୁ କହିଥିଲା। ଥାନାରେ ମର୍ଣ୍ଣିଂ ପରେଡ୍, ପ୍ୟାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବା, ଦଙ୍ଗା ବିରୋଧି ଗାଡ଼ି ବୁଲାଇବା ଭଳି କଥା ସାମ୍ନାକୁ ଆସିଲା। ହେଲେ ତରବରିଆ ଏବଂ ଅଧପଇଁତରା ଭାବେ ନିଆଯାଇଥିବା ନିଷ୍ପତ୍ତି ଆଇନ୍‌ଶୃଙ୍ଖଳାକୁ ସଜାଡିବା ପରିବର୍ତ୍ତେ ଅଧିକ ବିଗାଡ଼ି ଚାଲିଛି। କୌତୂହଳ କଥା ହେଉଛି ନୟାଗଡ଼ ଜିଲାରେ ଏକ ହତ୍ୟାକାଣ୍ଡ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗଣମାଧ୍ୟମ ସାମ୍ନାରେ ହାଜର କରାଇଦେଲା। ହତ୍ୟାକାଣ୍ଡ ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନଥିଲେ ମଧ୍ୟ ତାଙ୍କ ମୁହଁରେ କପଡ଼ା ଗୁଡାଇ ତାଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଗଲା। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଛାଡି ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୁଣି ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି ବେପରୁଆ ମନୋଭାବ ଓ ଆଇନଶୃଙ୍ଖଳାର ଅଧୋଗତି ରାଜ୍ୟରେ ପୁଲିସର ଭୂମିକାକୁ କାଠଗଡ଼ାରେ ଠିଆ କରିଛି ।

ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି

# ଗଜାନନ ବେଶରେ ଭକ୍ତଙ୍କୁ ଦେଲେ ଦର୍ଶନ

**ସମ୍ବଲପୁର, ୨୯।୬ (ସମିସ)**

ସମ୍ବଲପୁରରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନଯାତ୍ରା ଆଜି ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାପରେ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶରେ ସ୍ନାନବେଦୀରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆଜି ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ବିଧି ଓ ପରମ୍ପରା ଅନୁଯାୟୀ ଦେବସ୍ନାନ ନୀତି କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ଆଜି ଭୋର୍ ପ୍ରାୟ ୪ଟାରେ ମଙ୍ଗଳ ଆଳତୀ ପରେ ବରୁଣଙ୍କୁ ଆବାହନ କରି ଗଙ୍ଗାଜଳ ଦେଇ ୧୦୮ ଗରିଆ ଜଳ ଆଶିଷ ସୂପକାରଙ୍କ ଘର କୂପରୁ ସେବାୟତମାନେ ଆଣିଥିଲେ। ଏହି କୂପ ବର୍ଷତମାମ ବନ୍ଦ ରହିଥାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ରହିଆସିଛି। ପାଣି ଅଣିବାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତିକାନ୍ତି କରାଯାଇ ଆଳତୀ କରାଗଲା। ଏହାପରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସେନାପଟା ଲାଗି କରାଯାଇଥିଲା। ପରେ ପ୍ରାୟ ୮ଟାରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନମଣ୍ଡପକୁ ବିଜେ କରିଥିଲେ। ପରେ ସ୍ନାନ ପୂଜାର ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ୧୦୮ ଗରିଆ ଜଳରେ ଅଗୁରୁ, ସର୍ବଔଷଧି, ଚନ୍ଦନ, କର୍ପୁର ଗୋଲାପ ଜଳ, ସୁଗନ୍ଧିତ ଫୁଲ ମିଶ୍ରଣ କରାଯାଇ ଉକ୍ତ ପବିତ୍ର ସୁବାସିତ ଜଳରେ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଜାନନ ବେଶ କରାଯାଇ ମହାଆଳତୀ କରାଯାଇଥିଲା। ରାତି ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଦର୍ଶନ ଦେଇଥିଲେ। ପରେ ରାତି ୯ଟାରେ ଅଣସର



ଘରକୁ ବିଜେ କରିଥିଲେ। ପଣ୍ଡିତ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିବାବେଳେ ଦଇତାପତି, ପହଡ଼ ସେବାୟତଙ୍କ ସହ ବ୍ରହ୍ମପୁରା ମନ୍ଦିର କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ଖଡ୍ଗାଧାପଡ଼ାର ଶ୍ରୀ ବ୍ରହ୍ମପୁରାଙ୍କ ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ବଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାମମଠ, ଉତରାର ରାମଜୀ ମଠ, ଧନୁପାଲି ଓ କମଳିକାବାରର ଗୋପାଳଜୀମଠରେ ଜଗନ୍ନାଥଙ୍କ ସହ ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମୋହନ ଗୋପାଳ ମନ୍ଦିର ଆଦି ସମସ୍ତ ଜଗନ୍ନାଥ ମନ୍ଦିର ମାନଙ୍କରେ ଆଜି ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମନ୍ଦିର କମିଟି ପକ୍ଷରୁ ସ୍ନାନପୂର୍ଣ୍ଣିମାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

# ଏମ୍‌ସିଏଲ୍ ପକ୍ଷରୁ ମହିଳାମାନଙ୍କ ପାଇଁ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୯।୬ (ସମିସ) :** ମହାନଦୀ କୋଲଫିଲ୍ଡ୍‌ସ୍ ଲିମିଟେଡ୍ (ଏମ୍‌ସିଏଲ୍) ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି




ରଖି ଏହାର ସମ୍ବଲପୁରସ୍ଥିତ ମୁଖ୍ୟାଳୟଠାରେ 'ୱିମେନ୍ ଇନ୍ ପବ୍ଲିକ୍ ସେକ୍ଟର' (ଡବ୍ଲୁଆଇପିଏସ୍) ର 'ସ୍ୱୟଂସିଦ୍ଧା' ପଦକ୍ଷେପ ଅଧୀନରେ ମହିଳା କର୍ମଚାରୀମାନଙ୍କ ପାଇଁ ଏକ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ସୁବର୍ଣ୍ଣା କାଓଲେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ବୈଷୟିକ) ଏସ୍.କେ. ଝାଙ୍କ ସମେତ ଜାଗୃତି ମହିଳା ମଣ୍ଡଳର ଉପସଭାନେତ୍ରୀଗଣ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ, ୩୦ ଜଣ ମହିଳା କର୍ମଚାରୀଙ୍କୁ ସିମ୍ୟୁଲେଟର୍ ଆଧାରିତ ଏବଂ ଅନ୍-ରୋଡ୍ ଡ୍ରାଇଭିଂର ଏକ ସୁଚିନ୍ତିତ ମଡ୍ୟୁଲ୍ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳା କର୍ମଚାରୀମାନଙ୍କୁ ଆବଶ୍ୟକୀୟ ଡ୍ରାଇଭିଂ ଦକ୍ଷତାରେ ନିପୁଣ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଜାଗୃତି ମହିଳା ମଣ୍ଡଳର ଉପସଭାନେତ୍ରୀ ଅଞ୍ଜନା ଶୁକ୍ଳା ରାଓ ଡ୍ରାଇଭିଂକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଭାବରେ ଅଭିହିତ କରି କହିଛନ୍ତି ଯେ, ଏହା ମହିଳାମାନଙ୍କ ଆତ୍ମନିର୍ଭରଶୀଳତାକୁ ବଢ଼ାଇବା ସହ ସାମାଜିକ ଓ ବୃତ୍ତିଗତ କ୍ଷେତ୍ରରେ ସେମାନଙ୍କୁ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ।

# ହୀରାକୁଦ ଏକ୍ସପ୍ରେସ୍ ୧୦ ଘଣ୍ଟା ବିଳମ୍ବ; ଯାତ୍ରୀ ହନ୍ତସନ୍ତ

**ସମ୍ବଲପୁର, ୨୯।୬ (ସମିସ) :** ସମ୍ବଲପୁରରୁ ନୂଆଦିଲ୍ଲୀ ପଟକୁ ଯାଉଥିବା ୨୦୮୦୭ ହୀରାକୁଦ ଏକ୍ସପ୍ରେସ୍ ଜୁନ୍ ୨୮ ତାରିଖରେ ୧୦ ଘଣ୍ଟାରୁ ଅଧିକ ବିଳମ୍ବରେ ପହଞ୍ଚିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ଆଇନଜୀବୀ ପ୍ରଶାନ୍ତ ପାଢ଼ୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳବୋର୍ଡ ଅଧ୍ୟକ୍ଷ ଏବଂ ଜିଏମ୍ ଇଷ୍ଟକୋଷ୍ଟ ରେଳୱେଙ୍କୁ ଚିଠି ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜୁନ୍ ୨୭ରେ ଏହି ଟ୍ରେନ୍ ସମ୍ବଲପୁରରୁ ଯାଇ ୨୮ ତାରିଖ ଅପରାହ୍ଣ ୨:୩୦ରେ ନୂଆଦିଲ୍ଲୀ ପହଞ୍ଚିବାର ଥିଲା, କିନ୍ତୁ ରାତି ପ୍ରାୟ ୧୦ଟାରେ ପହଞ୍ଚିଥିଲା। ଫଳରେ ଯାତ୍ରୀଙ୍କୁ ପ୍ରାୟ ୪୦ ଘଣ୍ଟା ଯାତ୍ରା କରିବାକୁ ପଡ଼ିଥିଲା। ଶ୍ରୀ ପାଢ଼ୀ ଅଭିଯୋଗ କରିଛନ୍ତି ଯେ, ୧୦ ଘଣ୍ଟାରୁ ଅଧିକ ବିଳମ୍ବ ଯୋଗୁଁ ଯାତ୍ରୀ ମାନଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହାବ୍ୟତୀତ ହୀରାକୁଦ ଏକ୍ସପ୍ରେସ ନିୟମିତ ଭାବେ ୬ରୁ ୧୦ ଘଣ୍ଟା ବିଳମ୍ବରେ ଚାଲୁଛି, ତଥାପି ରେଳବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏନେଇ ବିଭାଗୀୟ ସହାୟତା ନାହିଁ, କୌଣସି ସୂଚନା, ଖାଦ୍ୟ ବ୍ୟବସ୍ଥା ବା ନୂଆଦିଲ୍ଲୀ ଷ୍ଟେସନରେ ରାତ୍ରି ସହାୟତା କେନ୍ଦ୍ର ନଥିଲା। ରାତି ୧୦ଟାରେ ଆଗକୁ ଯିବା ପାଇଁ ଗାଡ଼ି ପାଇବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଥିଲା। ରେଲମଦଦ୍‌ରେ ଅଭିଯୋଗ ପଞ୍ଜିକରଣ ପରେ ମଧ୍ୟ କୌଣସି ପ୍ରଭାବଶାଳୀ ସହାୟତା ମିଳିନଥିଲା। ଶ୍ରୀ ପାଢ଼ୀ ତାଙ୍କ ଚିଠିରେ ଦାବି କରିଛନ୍ତି ଯେ, ହୀରାକୁଦ ଏକ୍ସପ୍ରେସର ନିୟମିତ ବିଳମ୍ବ ପାଇଁ ଦାୟିତ୍ୱ ନିର୍ଦ୍ଧାରଣ କରାଯାଉ, ବିଳମ୍ବିତ ଟ୍ରେନଗୁଡ଼ିକରେ ପାଣି, ଖାଦ୍ୟ ଓ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉ ଏବଂ ବଡ଼ ଷ୍ଟେସନଗୁଡ଼ିକରେ ରାତ୍ରି ସହାୟତା କେନ୍ଦ୍ର ଖୋଲାଯାଉ।

# ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ

**ସମ୍ବଲପୁର, ୨୯।୬ (ସମିସ) :** ଆଗାମୀ ମାସରେ ବଢ଼ୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନ୍‌ରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁଯାୟୀ, ଟ୍ରେନ ନଂ. ୧୮୩୦୧ ସମ୍ବଲପୁର-ରାୟଗଡ଼ା ଏକ୍ସପ୍ରେସ ଏବଂ ଟ୍ରେନ ନଂ ୧୮୩୦୨ ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସରେ ଜୁଲାଇ ୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର କୋଚ୍ ବୃଦ୍ଧି କରାଯିବ। ଟ୍ରେନ ନଂ ୨୦୮୩୨ ସମ୍ବଲପୁର-ଶାଳିମାର ଏକ୍ସପ୍ରେସରେ ଜୁଲାଇ ୨ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନଂ ୨୦୮୩୧ ଶାଳିମାର-ସମ୍ବଲପୁର ଏକ୍ସପ୍ରେସରେ ଜୁଲାଇ ୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସହିତ ଚାଲିବ। ଟ୍ରେନ ନଂ ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକ ସୁପରଫାଷ୍ଟ ଏକ୍ସପ୍ରେସରେ ଜୁଲାଇ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ ନଂ ୧୨୮୯୪ ପୁରୁଣା କଟକ-ଭୁବନେଶ୍ୱର ସୁପରଫାଷ୍ଟ ଇଣ୍ଟରସିଟି ଏକ୍ସପ୍ରେସରେ ଜୁଲାଇ ୨ ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଦୈନିକ ଭିତ୍ତିରେ ଦୁଇଟି ଅତିରିକ୍ତ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ସହିତ ଚାଲିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀଙ୍କ ଚାପକୁ ସମ୍ଭାଳିବାରେ ସହାୟକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# ଭାରତ ବିକାଶ ପରିଷଦର କର୍ମଶାଳା

**ସମ୍ବଲପୁର, ୨୯।୬ (ସମିସ):** ପାନ୍ଥନିବାସଠାରେ ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ପକ୍ଷରୁ ଏକ ଶାଖାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରୀୟ ସଂଗଠନ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ଯୁଗ୍ମ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ, କ୍ଷେତ୍ରୀୟ ସଂସ୍କାର ସଂଯୋଜକ ଡ. କଲ୍ୟାଣୀ ମିଶ୍ର, କ୍ଷେତ୍ରୀୟ ସମ୍ପର୍କ ସଂଯୋଜକ ଶ୍ୟାମସୁନ୍ଦର ଶର୍ମା, ପ୍ରାନ୍ତୀୟ ମହାସଚିବ ଦୁର୍ଯ୍ୟୋଧନ ସାହୁ, ପ୍ରାନ୍ତୀୟ ସଂଗଠନ ସଚିବ ସନ୍ତୋଷ ପଣ୍ଡାଙ୍କ ସମେତ ଅନ୍ୟ ପ୍ରାନ୍ତୀୟ ପଦାଧିକାରୀମାନେ ଯୋଗଦେଇ ପରିଷଦର ଇତିହାସ, ଲକ୍ଷ୍ୟ, ଦୃଷ୍ଟିକୋଣ, ପଞ୍ଚସୂତ୍ରୀ କାର୍ଯ୍ୟପଦ୍ଧତି ଏବଂ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମା' ଭାରତୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶାଖା ସଚିବ ସରୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶାଖା ସଭାପତି ହେମନ୍ତ କୁମାର ପ୍ରଧାନ ସ୍ୱାଗତଭାଷଣ ଦେଇଥିଲେ। ଭାରତ ବିକାଶ ପରିଷଦରେ ନୂତନ ଭାବରେ ଯୋଗଦେଇଥିବା ୯ ଜଣ ସଦସ୍ୟଙ୍କୁ କ୍ଷେତ୍ରୀୟ ଯୁଗ୍ମ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ।

# ସମ୍ବଲପୁରୀ ନୃତ୍ୟ ଉପରେ ଦିନିକିଆ କର୍ମଶାଳା



**ସମ୍ବଲପୁର, ୨୯।୬ (ସମିସ) :** ବଡ଼ବଜାରସ୍ଥିତ ଦୁତିକା ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ରଣୀ ଅନୁଷ୍ଠାନ 'ଲହରୀ' ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକ ନୃତ୍ୟ, ଲୋକ ଗୀତ, ଲୋକ ସଙ୍ଗୀତ ଓ ଲୋକ କଳାର ସଂରକ୍ଷଣ ପାଇଁ ତଥା ଆଜିର ଯୁବପିଢ଼ି ମଧ୍ୟରେ ନିଜ ସଂସ୍କୃତିକୁ ଜାଣିବା ଏବଂ ଏହାର ସଂରକ୍ଷଣ ଦିଗରେ ସଜାଗ ରହିବା ପାଇଁ ଏକ କର୍ମଶାଳା ଓ ସେମିନାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତନୟ ପ୍ରଧାନ, ଶିକ୍ଷୟିତ୍ରୀ ସୁନିତା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ 'ଲହରୀ' ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟଗୁରୁ ଡ. ମୋହିତ କୁମାର ସ୍ୱାଇଁ ଏବଂ ଲୋକଗାୟିକା ପଦ୍ମିନୀ ଦୋରା ତଥା ଲହରୀ ସାଂସ୍କୃତିକ ଅନୁଷ୍ଠାନର ଛାତ୍ରଛାତ୍ରୀ ସଙ୍ଗୀତା ଭୋଇ, ଅଙ୍କିତା ବହିଦାର, କିରନ ସାହୁ, ଅଜୟ ସୁନା ପ୍ରମୁଖ ଲୋକ ସଂସ୍କୃତି ଉପରେ ଆଲୋଚନା କରିବାସହ ଡାଲଖାଇ ନୃତ୍ୟର ଅନେକ ଅଙ୍ଗଭଙ୍ଗୀ ଓ ପାଦଚାଳନା ଶିକ୍ଷା ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ଅନୁଷ୍ଠାନ ପକ୍ଷରୁ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ନୃତ୍ୟ ନିର୍ଦ୍ଦେଶକ ଡ. ସ୍ୱାଇଁ ସୂଚନା ଦେଇଛନ୍ତି।



ସ୍ନାନବେଦୀରେ ମୁଦିପଡ଼ା ଜଗନ୍ନାଥ ମହାପ୍ରଭୁ



କ୍ଷେତରାଜପୁର ଶ୍ରୀ ଜଗନ୍ନାଥ ମନ୍ଦିର

# ଜୁଲାଇରେ ମିଳିତ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର, ୨୯।୬ (ସମିସ) :** ସମ୍ବଲପୁର ଜିଲ୍ଲାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ମିଳିତ ଭାବେ ଆସନ୍ତା ଜୁଲାଇ ମାସରେ ବିଭିନ୍ନ ବ୍ଲକରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ଶୁଣାଣି ଜୁଲାଇ ୬ ତାରିଖରେ ଧନକଉଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୩ ତାରିଖରେ ଜମନକିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୦ ତାରିଖରେ ଯୁଯୋମୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୨୭ ତାରିଖରେ ରେଢ଼ାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଜଣାଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜର ଅଭିଯୋଗ ସହିତ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ



**ରେଢ଼ାଖୋଲ, ୨୯।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସୋମବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ରେଢ଼ାଖୋଲ ବ୍ରହ୍ମ ସମାଜ ଓ ଦେବୋତ୍ତର ବୋର୍ଡ଼ ମିଳିତ ଆନୁକୂଲ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଶ୍ରୀଜୀଉ ମାନଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜାପରେ ସେବାୟତମାନେ ମନ୍ଦିରର ରତ୍ନସିଂହାସନରୁ ତିନି ଠାକୁର ଓ ଦଧିବାମନଙ୍କୁ ପହଣ୍ଡି କରି ସ୍ନାନମଣ୍ଡପରେ ବିରାଜମାନ କରାଇଥିଲେ। ପରେ ସେଠାରେ ରୀତିନୀତି ଅନୁଯାୟୀ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯିବାପରେ ଠାକୁରଙ୍କୁ ସୁସଜ୍ଜିତ ସୁନ୍ଦରମୟ ଗଜାନନ ବେଶ କରାଯାଇଥିଲା। ଶ୍ରୀଜୀଉଙ୍କୁ ସନ୍ଧ୍ୟା ଆଳତି ପରେ ଅଣସର ପିଣ୍ଡିକୁ ବିଜେ କରି ଗୁପ୍ତନୀତି କରାଯାଇଥିଲା।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ସମ୍ବଲପୁର, ୨୯।୬(ସମିସ):** ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ଗିରଫ। ସଦର ପୁଲିସ ପତ୍ନୀହନ୍ତା ରଙ୍ଗିଆଟିକିର ସୁଡୁଙ୍ଗାର ଦିଲୁ ମୁଣ୍ଡ(୩୨)କୁ ଗିରଫ କରିଛି। ସୂଚନା ଅନୁସାରେ, ରବିବାର ରାତିରେ ପତ୍ନୀ ଅନିତା ଓରାମ(୩୦)ଙ୍କ ସହ ଦିଲୁର ଝଗଡ଼ା ହୋଇଥିଲେ। ଏଥିରେ ଉତକ୍ଷୀପ୍ତ ହୋଇ ଦିଲୁ କାଠ ଫାଳିଆରେ ଅନିତାଙ୍କୁ ଆକ୍ରମଣ କରିଥିଲା। ମାତ୍ରାଧିକ ରକ୍ତସ୍ରାବ ହେବାରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଅନିତାଙ୍କ ମୃତ୍ୟୁ ହୋଇଥିଲା। ଅଭିଯୋଗ ଅନୁସାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରେଳବାଇ କର୍ମଚାରୀ ପୁରସ୍କୃତ



**ସମ୍ବଲପୁର, ୨୯।୬ (ସମିସ) :** କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ଦୁଇ ଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ଟେକ୍ନିସିଆନ୍-ଓଓ/ଟିଆରଡି, କଣ୍ଟାବାଞ୍ଜି ପଙ୍କଜ କୁମାର ମୀନା ଏବଂ ଲୋକୋ ପାଇଲଟ୍, ଟିଟିଲାଗଡ଼ ଶ୍ରୀ ପଙ୍କଜ କୁମାର। ଏହି ଅବସରରେ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(ଟିଆରଡି), ପାର୍ଥସାରଥୀ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି), ଧୀରେନ୍ଦ୍ର ସିଂହ ଏବଂ ମଣ୍ଡଳ ନିରାପତ୍ତା ଅଧିକାରୀ, ଲିଙ୍ଗରାଜ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ରେଳମଣ୍ଡଳର ପିଏନ୍‌ଏମ୍ ବୈଠକ

**ସମ୍ବଲପୁର, ୨୯।୬(ସମିସ):** ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ସମ୍ବଲପୁର ମଣ୍ଡଳ ଏବଂ ମଣ୍ଡଳ ରେଳ ପ୍ରଶାସନ ମଧ୍ୟରେ ଦୁଇ ଦିନିଆ ପିଏନ୍‌ଏମ୍ ବୈଠକ ଶେଷ ହୋଇଛି। ଡିଆରଏମ୍ ଅଫିସ୍ ସମ୍ମିଳନୀ କକ୍ଷରେ ଗତ ଜୁନ୍ ୨୪ ଏବଂ ୨୫ ତାରିଖରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ରେଳ କର୍ମଚାରୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଉପସ୍ଥାପିତ ୪୨ଟି ପ୍ରସ୍ତାବ ମଧ୍ୟରୁ ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସକାରାତ୍ମକ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ କଂଗ୍ରେସର ସମ୍ବଲପୁର ମଣ୍ଡଳ ସମନ୍ୱୟକାରୀ ମହମ୍ମଦ ରଫି, ସଂଗଠନର ସାଧାରଣ ସମ୍ପାଦକ ଆର. ସି. ସାହୁ ଏହି ଦାବି ଜଣାଇଥିଲେ। ଲାଇନ୍ କଡ଼ରେ ଥିବା ଛୋଟ ରେଳଷ୍ଟେସନ ଗୁଡ଼ିକରେ କାର୍ଯ୍ୟରତ ଏସଏଣ୍ଡଟି ଏବଂ ଇଞ୍ଜିନିୟରିଂ କର୍ମଚାରୀମାନଙ୍କ ପାଇଁ ରେଳବାଇ



କ୍ୱାର୍ଟର ଯୋଗାଇ ଦେବାକୁ ପ୍ରଶାସନ ନୀତିଗତ ଭାବେ ସମ୍ମତି ପ୍ରକାଶ କରିଛି। କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟଭାର ହ୍ରାସ କରିବା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନୂତନ ପଦ ସୃଷ୍ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବାକି ରହିଥିବା ଓଭରଟାଇମ୍ ଭତ୍ତାକୁ ତୁରନ୍ତ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ମିଳିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରହୁଥିବା ରେଳ କର୍ମଚାରୀଙ୍କ ପାଇଁ ଘରଭଡ଼ା ଭତ୍ତା ବୃଦ୍ଧି କରିବାକୁ ଥିବା ଦାବିକୁ ଗ୍ରହଣ କରାଯାଇଛି।

# ବରଗଡ଼ରୁ ବିମାନବନ୍ଦରକୁ ଦ୍ରୁତ ପରିବହନ ବ୍ୟବସ୍ଥା ଦାବିକଲେ ପୂର୍ବତନ ସାଂସଦ

**ସମ୍ବଲପୁର, ୨୯।୬ (ସମିସ) :** ପୂର୍ବତନ ସମ୍ବଲପୁର ସାଂସଦ ଭବାନୀ ଶଙ୍କର ହୋତା ବରଗଡ଼ରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଦ୍ରୁତ ପରିବହନ ବ୍ୟବସ୍ଥା (ଇଲେଭେଟେଡ୍ ରାପିଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ୍) ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି। ଏହାହେଲେ ରାଜ୍ୟର ପ୍ରଥମ ଏଭଳି ପରିବହନ ବ୍ୟବସ୍ଥା ହେବ। ଏନେଇ ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଆସିବାପରେ ଏଭଳି ବ୍ୟବସ୍ଥାର ସମ୍ଭାବ୍ୟତା ଓ କାର୍ଯ୍ୟକାରୀ କରିବାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃଆରୀ ୭ ତାରିଖରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଜରିଆରେ ବରଗଡ଼ରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର, ଝାରସୁଗୁଡ଼ାକୁ ଗୋଶାଳା, ଜ୍ୟୋତି ବିହାର (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଭିମସାର ବୁର୍ଲା, ଭିସୁଟ ବୁର୍ଲା, ସମ୍ବଲପୁର, ଜମାଦାରପାଲି ଏୟାରଷ୍ଟ୍ରିପ୍, ରେଙ୍ଗାଲି ଦେଇ ଇଲେଭେଟେଡ୍ କରିଡର୍‌ରେ ଏକ ଦ୍ରୁତ ପରିବହନ ବ୍ୟବସ୍ଥା ସକାଶେ ପ୍ରସ୍ତାବ ଦେଇଥିଲେ। ବରଗଡ଼ରୁ ବାହାରି ଉପରୋକ୍ତ ପଥ ଦେଇ ଏହା ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚି ପୁଣି ବରଗଡ଼କୁ ଫେରିବ। ଏହି ରୁଟ୍‌ରେ ପ୍ରତିଦିନ ବହୁସଂଖ୍ୟକ ଯାତ୍ରୀ ଯାତାୟାତ କରନ୍ତି ଯେଉଁଥିରେ ଛାତ୍ରଛାତ୍ରୀମାନେ ସାମିଲ ଅଛନ୍ତି। ଗୋଶାଳା ଏବଂ ଏହାର ଆଖପାଖରେ ପ୍ରତିଷ୍ଠିତ ଅନେକ ପ୍ରତିଷ୍ଠାନକୁ ଯାତାୟାତ କରନ୍ତି। ତନ୍ମଧ୍ୟରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସମ୍ବଲପୁର, ସିଆର୍‌ପିଏଫ୍, ପୋଲିସ ଟ୍ରେନିଂ ସେଣ୍ଟର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଓୟୁଏଟି କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ଆଦି ରହିଛି। ପୁଣି କୃଷି ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବାର ସମ୍ଭାବନା ଅଛି। ଏହାବ୍ୟତୀତ, ପ୍ରସ୍ତାବିତ ଇଲେଭେଟେଡ୍ କରିଡର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିମସାର ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ଭିସୁଟ୍ ଦେଇ ଯିବ। ଝାରସୁଗୁଡ଼ା ବିମାନବନ୍ଦରରୁ ପ୍ରସ୍ତାବିତ ଏଲିଭେଟେଡ୍ କରିଡର ଅଧ୍ୟାପକ, ପ୍ରଖ୍ୟାତ ପ୍ରଫେସରଙ୍କ ଯାତାୟାତକୁ ସୁବିଧାଜନକ କରିବ। ଓଡ଼ିଶା ବାହାରୁ ଭିସୁଟ୍‌କୁ ଛାତ୍ରଛାତ୍ରୀ, ଭିମସାର୍‌କୁ ପ୍ରଖ୍ୟାତ ଡାକ୍ତର, ସୁପର ସ୍ପେଶାଲିଷ୍ଟ ଏବଂ ଛାତ୍ର ଏବଂ ଶିକ୍ଷକ; ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସାରା ଭାରତରୁ ପ୍ରଖ୍ୟାତ ପ୍ରଫେସର ଏବଂ ପରୀକ୍ଷକ, ବିଶେଷଜ୍ଞ, ଗବେଷକ, ପିଏଚଡି ଗାଇଡ୍ ଦେଶବିଦେଶରୁ ଆସିପାରିବେ। ଏହାବ୍ୟତୀତ ବରଗଡ଼, ଅତାବିରା, ସମ୍ବଲପୁର ଏବଂ ଅନ୍ୟାନ୍ୟ ନିକଟବର୍ତ୍ତୀ ସ୍ଥାନର ଲୋକମାନେ ଏବଂ ବିଭିନ୍ନ ପ୍ରତିଷ୍ଠାନର କର୍ମଚାରୀମାନେ ଝାରସୁଗୁଡା ବିମାନବନ୍ଦର ଏବଂ ଫେରିବା ପାଇଁ ଦ୍ରୁତ ଏବଂ ମିତବ୍ୟୟୀ ପରିବହନର ଲାଭ ପାଇବେ। ଅଞ୍ଚଳରେ ଶିକ୍ଷାର ହବ୍, ପ୍ରତିଷ୍ଠାନ ଗୁଡ଼ିକର ଅଧିକ ବିକାଶ ଏବଂ ଜନସାଧାରଣଙ୍କ ଏକ ବଡ଼ ବର୍ଗକୁ ଲାଭ ଦେବା ପାଇଁ ଉପରୋକ୍ତ ପ୍ରସ୍ତାବ ଉପରେ ବିଚାର କରିବାକୁ ପୂର୍ବ ସାଂସଦ (ଲୋକସଭା), ସମ୍ବାଇପୁର ଶ୍ରୀ ହୋତା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ତଥ୍ୟ କେବଳ ସଂଗ୍ରହ ନୁହେଁ; ବିଶ୍ଳେଷଣ ଦ୍ୱାରା ହିଁ ସମସ୍ୟା ସମାଧାନ ସମ୍ଭବ

**ସମ୍ବଲପୁର, ୨୯।୬ (ସମିସ)**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ସମ୍ବଲପୁର ଆନୁକୂଲ୍ୟରେ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷର ମୂଳ ଆଭିମୁଖ୍ୟ

## ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

'ପ୍ରଶାସନିକ ତଥ୍ୟର ସାମର୍ଥ୍ୟର ଉନ୍ମୋଚନ' (ଅନ୍‌ଲକିଂ ଦ' ପୋଟେନ୍‌ସିଆଲ୍ ଅଫ୍ ଆଡମିନିଷ୍ଟ୍ରେଟିଭ୍ ଡାଟା) ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଯୋଗଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ରାହୁଲ ପଟେଲ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ମୁଖ୍ୟ ପ୍ରଫେସର ମୋନାଲିଶା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପ୍ରଶାସନିକ ସେବା ଏବଂ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନରେ ତଥ୍ୟ ବା ଡାଟାର ସଠିକ୍ ବିଶ୍ଳେଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ସେ କହିଥିଲେ ଯେ, 'ତଥ୍ୟ କେବେ ମିଛ କହେ ନାହିଁ'। ସରକାରଙ୍କ ପ୍ରତ୍ୟେକ ବିଭାଗ ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଜନମଙ୍ଗଳ ବିଭାଗ ପାଖରେ ବହୁ ପରିମାଣର ପ୍ରଶାସନିକ ତଥ୍ୟ ରହିଛି। ମାତ୍ର ଏହି ତଥ୍ୟଗୁଡ଼ିକର କେବଳ ସଂଗ୍ରହ ନୁହେଁ, ବରଂ ଏହାର ଗଭୀର ଓ ସଠିକ୍ ବିଶ୍ଳେଷଣ ଦ୍ୱାରା ହିଁ ପ୍ରକୃତ




ସମସ୍ୟାର ସମାଧାନ କରାଯାଇପାରିବ। ଏହି ଅବସରରେ ମହାନଦୀ ଅବବାହିକାର ମୁଣ୍ଡଲୀ ଅଞ୍ଚଳରେ ବନ୍ୟା ଏବଂ ବୃଷ୍ଟିପାତର ପୂର୍ବାନୁମାନ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ଅତ୍ୟାଧୁନିକ ଗବେଷଣା ମଡେଲ, ୧୦୦ ପ୍ରତିଶତ ସଠିକତା ସହ ବୃଷ୍ଟିପାତ ଓ ଜଳ ପ୍ରବାହର ଆକଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ସମ୍ବଲପୁରର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ସ୍ୱାଗତ ଭାଷଣ ଏବଂ ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା**

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ରାଉରକେଲା, ୨୯।୬(ସମିସ)







ସ୍ଥାନୀୟ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗଜାନନ ବେଶର ଦର୍ଶନ ସହସ୍ରାଧିକ ଭକ୍ତ ଦର୍ଶନ କରିଥିଲେ। ସେକ୍ଟର ୩ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିଲା। ଗତକାଲି ରାତିରେ ପହଡ଼ ପରେ ପୁନର୍ବାର ପହଡ଼ ଖୋଲି ଚକାଛାଡ ନୀତି କରାଯାଇ ମହାପ୍ରଭୁ ରତ୍ନବେଦୀ ରୁ ଓହ୍ଲାଇ ନାଟମଣ୍ଡପ କୁ ଆସିଥିଲେ। ଆଜି ଦେବସ୍ନାନ ନୀତି ନିର୍ଘଣ୍ଟ ଅନୁସାରେ ପାଳନ ହୋଇଥିଲା। ସକାଳ ୬.୧୫ ମିନିଟ୍ ରେ ପହଣ୍ଡି ବିଜେ ଆରମ୍ଭ ହୋଇ ସକାଳ ୧୦ ଟା ରେ ସମାପ୍ତ ହୋଇଥିଲା।ପରେ ମଙ୍ଗଳ ଆଳତି, ଦ୍ୱାରାପାଳ ପୂଜା, ସୂର୍ଯ୍ୟ ପୂଜା ବଡ଼ପଣ୍ଡାଙ୍କ ଦ୍ୱାରା ସମାପନ ହୋଇଥିଲା। ବଡ଼ପଣ୍ଡାଙ୍କ ସମେତ ଚାରିବାଡର ଦଇତାପତିମାନେ ଶ୍ରୀ ବୈଦ୍ୟନାଥ ମହାପ୍ରଭୁ ମନ୍ଦିରର କୂପରୁ ଜଳ ଆଣି ଜଳଲାଗି କରିଥିଲେ। ଜଳଲାଗି ହେବା ପରେ ସେବାୟତ ମାନେ ୧୦୮ କଳସ ବିଧି ଅନୁସାରେ ସ୍ଥାପନା କରିଥିଲେ। ମହାପ୍ରଭୁଙ୍କୁ ସମସ୍ତ ପଣ୍ଡା ଓ ସେବାୟତମାନେ ସ୍ନାନ କରାଇଥିଲେ। ଏହି ସ୍ନାନ ପୂର୍ବାହ୍ନ ୧୧ଟାରେ ସମାପନ ହେବାପରେ ମନ୍ଦିରର ଠାକୁର ରାଜା ତଥା ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଆଳତି, ପୁଷ୍ପାଞ୍ଜଳି ଆଦି ପ୍ରଦାନ କରି ଛେରାପହଁରା କର୍ଯ୍ୟ ସମ୍ପାଦନ କରିଥିଲେ। ଛେରାପହଁରା ନୀତି ସମାପନ ପରେ ମହାପ୍ରଭୁଙ୍କ ନିକଟରେ ଭୋଗଲାଗି ହେବା ସହ ପହଡ ପଡ଼ିଥିଲା। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ଗଜାନନ ବେଶରେ ସୁସଜ୍ଜିତ କରାଯାଇ ସନ୍ଧ୍ୟା ୫ ଟାରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ସାହାଣମେଳା ସନ୍ଧ୍ୟା ୭ଟାରୁ ରାତ୍ର ସାଢେ ନଅଟା, ହାତୀବେଶ ମଇଲମ୍ ରାତ୍ରି ୧୦ ଘଟିକା, ପୁଷ୍ପାଞ୍ଜଳି ଓ ଡୋରଲାଗି ରାତ୍ରି ସାଢେ ଦଶଟା ଓ ବାହୁଡା ପହଣ୍ଡି ରାତ୍ରି ୧୧ଟା ପରେ ଅନୁଷ୍ଠିତ ହୋଇଥିଲା। ଆଜି ଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତିରେ ବଡ଼ପଣ୍ଡା ତ୍ରିନାଥ ପାଢ଼ୀ, ସେବାୟତ ନିୟୋଗ ସଭାପତି ପ୍ରକାଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କିଶୋର ନାୟକ ଓ ଅନ୍ୟାନ୍ୟ ସେବାୟତ ସେବା ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନାରେ ଶ୍ରୀଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ଅନ୍ୟତମ ଟ୍ରଷ୍ଟି ସୁଶାନ୍ତ ତ୍ରିପାଠୀ, ସୁଧିର ସୁନ୍ଦର ରାୟ, ବିଜୟ ପତ୍ରୀ ଓ ଷ୍ଟିଅରିଂ କମିଟି ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଉଭୟ ସକାଳେ ଓ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା ଯେଉଁଥିରେ ରାଉରକେଲାର ଭଜନ ଗାୟକମାନେ ଭଜନ ପରିବେଷଣ କରିଥିଲେ।

**ବଣାଇଁ:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଦେବ ସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ଏକ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପାରିକ ରୀତିରେ ଦେବଧ୍ୱନୀ ପୂର୍ବକ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଏ। ପ୍ରତିବର୍ଷ ଏହି ଦିନ ତିନି ଠାକୁର ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନ ମଣ୍ଡପକୁ ବିଜେ କରିଥାନ୍ତି। ଏହି ଅବସରରେ ବଣାଇଁ ରାଜ ନଅର ସମ୍ମୁଖରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମଧ ସକାଳ ୭ଟା ସମୟରୁ ଦେବ ନିତିକାନ୍ତି ଅନୁସାରେ ବଣାଇଁ ର ସମସ୍ତ ପୂଜକ ସେବାୟତ, ରାଜା ବୀରକେଶରୀ ଇନ୍ଦ୍ରଦେଓ ଦେବ ଓ ଶ୍ରଦ୍ଧାଳୁମାନେ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ଆଣିଥିଲେ। ରାଜ ନଅରରେ ଥିବା ସୁନାକୂଅରୁ ୧୦୮ ଗରାରେ ପବିତ୍ର ଓ ସୁବାସିତ ଜଳ ଆଣି ରୀତିନୀତି ଅନୁଯାୟୀ ତିନି ଠାକୁରଙ୍କ ସ୍ନାନ ସମାପନ କରାଯାଇଥିଲା। ସ୍ନାନ ସମାରୋହ ପରେ ଚତୁର୍ଦ୍ଧା ମୂର୍ତ୍ତି ହାତୀବେଶ ଧାରଣ କରି ସାହାଣମେଳା ଦର୍ଶନ ଦେଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମୃଦଙ୍ଗ, ଘଣ୍ଟ, ଝାଞ୍ଜ, ବାଦ୍ୟରେ ସମ୍ପୂର୍ଣ୍ଣ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା।

**ରାଉରକେଲା :** ଇସ୍ପାତ ସହରସ୍ଥିତ ସେକ୍ଟର-୬ଠାରେ ଶ୍ରୀ ପତିତପାବନଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଅଛି। ଏଥିରେ ପ୍ରଧାନ ସେବକ ପ୍ରଦୀପ କୁମାର ଧଳ ଠାକୁର ରାଜା ଭୂମିକାରେ ମନ୍ଦିରର ରୀତିନୀତି, ହୋମ ଆଦି ଓ ଠାକୁରଙ୍କ ପହଣ୍ଡି ନିମନ୍ତେ ଛେରା ପହଁରା କାର୍ଯ୍ୟ କରିଥିଲେ। ଏହି ସ୍ନାନଯାତ୍ରାରେ ଏକ ମଞ୍ଚ ନିର୍ମାଣ କରାଯାଇ ତହିଁ ଉପରେ ଶ୍ରୀ ବିଗ୍ରହଙ୍କୁ ଧାଡି ପହଁଣ୍ଡିରେ ଅଧିଷ୍ଠିତ ପୂର୍ବକ ସ୍ଥାପିତ କରି କୂପ ଜଳରେ ଚୁଆ, ଚନ୍ଦନ ଓ କର୍ପୁର ମିଶ୍ରିତ ସୁଗନ୍ଧିତ ଜଳରେ ସମୁଦ୍ରଜେଷ୍ଟା ମନ୍ତ୍ରରେ ଅଭିଷେକ କରାଯାଇଥିଲା। ପୂଜା ପଣ୍ଡା ମାନେ ୧୦୮ ଜଳକୁ ଚାରି ଭାଗରେ ବିଭକ୍ତକରି ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଭବାନୀ ଶଙ୍କର ପଣ୍ଡା, ଭାସ୍କର ଚଇନି, ପ୍ରମୋଦ ପଣ୍ଡା, ନେପାଳ ଚନ୍ଦ୍ର ଶତପଥୀ ପୂଜକ ମାନେ ମଙ୍ଗଳ ଆଳତି, ମଇଲମ ନୀତି, ଅଧର ପୋଛା, ଟେରା ଲାଗି, ଅବକାଶ ନୀତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାରରେ ହୋମ ଆଦି ପୂଜାର ସମ୍ପନ୍ନ କରାଯାଇଥିଲା। ଏଥିରେ ଅଶୋକ ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ସୁବାସ ପାତ୍ର, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ରାମ ମୋହନ ନାୟକ, ପ୍ରଶାନ୍ତ କୁମାର ବାରିକ, ଉତ୍ତମ ସାହୁ, ସରୋଜ କୁମାର ନାୟକ, ପ୍ରସନ୍ନ କୁମାର ରଥ, ମନରଞ୍ଜନ ସାମଲ, ରମାକାନ୍ତ ବେହେରା, ଚିରଞ୍ଜିବୀ ଡୋରା, ମନୋଜ ମିରକାପ, ଦେବଦତ୍ତ ଜେନା, ଲୋକେଶ ରାଉତ, ରବିନାରାୟଣ ରାଉତ, ଶ୍ରୀଦାନ ମଲ୍ଲିକ, ବିଭୁତି ପରିଡ଼ା, ଜଗନ୍ନାଥ ଦାଶ, ସନ୍ୟାସୀ ନନ୍ଦ, ସୁରେଶ ପାତ୍ର, ହୃଷୀକେଶ ପ୍ରଧାନ ପ୍ରମୁଖ ଠାକୁର ପହଣ୍ଡି କରି ଅଣସର ଘରେ ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ସଞ୍ଜୟ ପରିଡ଼ା, ପ୍ରତାପ ଦେଓ, ଜଗଦୀଶ ମୁନ୍ନା, ସୁବାସ ବେହେରା, ରଞ୍ଜିତ ପଡ଼ିହାରୀ, ଶରତ ଜେନା, ଡୁଲା ମହାନନ୍ଦ, ଅନହଳି ନାୟକ ପ୍ରମୁଖ କୀର୍ତ୍ତନ ମଣ୍ଡଳୀ ନେତୃତ୍ୱ ନେଇଥିଲେ।




ସେକ୍ଟର - ୩ ଐରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ପହଣ୍ଡିବେଳେ ଛେରା ପହଁରା କରୁଛନ୍ତି।

**■ ଏକ ତରଫା ପ୍ରେମ ପ୍ରତ୍ୟାଖ୍ୟାନର ପ୍ରତିଶୋଧ ଘଟଣା**

## ଯୁବତୀଙ୍କୁ ଜାଳିଦେବା ଘଟଣାରେ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୯।୬(ସମିସ):** ଏକ ତରଫା ପ୍ରେମରେ ବିଫଳ ହେବାପରେ ପ୍ରତିଶୋଧ ପରାୟଣ ହୋଇ ରାଉରକେଲା ବିଶ୍ରା ଥାନା ଅଧୀନ ସନ୍ତୋଷପୁର ଅଞ୍ଚଳର ଜଣେ ଯୁବତୀଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳିଦେବା ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେମ ପ୍ରସ୍ତାବରେ ପ୍ରତ୍ୟାଖ୍ୟିତ ହେବା ପରେ ପ୍ରତିଶୋଧପରାୟଣ ହୋଇ ଅଭିଯୁକ୍ତ ଏହି ଜଘନ୍ୟ କାଣ୍ଡ ଘଟାଇଥିବା ନେଇ ପୁଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ହେଉଛି ରାଜତ କିରୋ। ସୂଚନାଯୋଗ୍ୟ ଯେ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅଧୀନ ସନ୍ତୋଷପୁର ଗ୍ରାମର ଜଣେ ଯୁବତୀଙ୍କୁ ରଜତ କିରୋ ଏକ ତରଫା ପ୍ରେମ ନିବେଦନ କରିଆସୁଥିଲା। ହେଲେ ଯୁବତୀ ଜଣଙ୍କ ତାଙ୍କୁ ବାରମ୍ବାର ମନା କରି ଆସୁଥିଲେ। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ନିରାଶ ହୋଇ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା। ଗତ ୨୬ ରାତି ପ୍ରାୟ ସାଢେ ୧୧ଟା ବେଳେ ଯୁବତୀ ଜଣଙ୍କ ଶୋଇଥିବା ଘରର ଝରକା ବାଟେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ଯୁବତୀ ଗୁରୁତର ଭାବେ ପୋଡିଯିବା ସହ ସମ୍ପୂର୍ଣ୍ଣ ସେ ଶୋଇଥିବା ଘରଟି ମଧ୍ୟ ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇ ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲାକୁ ରେଫର କରାଯାଇଥିଲା। କିନ୍ତୁ ସେଠାରେ ଶଯ୍ୟା ଉପଲବ୍ଧ ନଥିବାରୁ ତାଙ୍କୁ ପୁଣି ଫେରାଇ ଦିଆଯାଇଥିଲା। ସେଠାରୁ ତାଙ୍କୁ ଡାକ୍ତର ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରାଯାଇଥିଲା। ପ୍ରାୟ ୧୧ ଘଣ୍ଟା ଧରି ଏପଟ ସେପଟ ହେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପୁଣି ରାଉରକେଲା ଅଣାଯାଇ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯୁବତୀଙ୍କ ଅବସ୍ଥା ଏବେ ମଧ ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି। ସେପଟେ ଏହି ଘଟଣାପରେ ଯୁବତୀଙ୍କ ପିତା ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଗୁରୁତର ଭାବେ ଗ୍ରହଣ କରି ତଦନ୍ତ ଆରମ୍ଭ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ବିଭିନ୍ନ ଆଡେ ଚଢ଼ଉ ପରେ ଲାଠିକଟା ଅଞ୍ଚଳରୁ ଅଭିଯୁକ୍ତ ରଜତ କିରୋଙ୍କୁ ଠାବକରି ଗିରଫ କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି ଯେ, ଅଭିଯୁକ୍ତ ରାଉରକେଲା ଓ ବିଶ୍ରା ଅଞ୍ଚଳରୁ ଆବଶ୍ୟକ ପରିମାଣର ପେଟ୍ରୋଲ ନ ପାଇବାରୁ ପ୍ରାୟ ୧୦୦ କିଲୋମିଟର ଦୂର ସୁନ୍ଦରଗଡ଼ରୁ ପ୍ରାୟ ୩୦ ଲିଟର ପେଟ୍ରୋଲ ସଂଗ୍ରହ କରିଥିଲେ। ସେ ଏହାକୁ ଏକ ପ୍ଲାଷ୍ଟିକ ଜାର୍‌ରେ ଆଣି ଏହି ଜଘନ୍ୟ କାଣ୍ଡ ଘଟାଇବା ପାଇଁ ଯୋଜନା କରିଥିଲା ବୋଲି ପୁଲିସ ସୂଚନା ଦେଇଛି। ପରିବାର ଲୋକେ ଏହି ଘଟଣାରେ ଅଭିଯୁକ୍ତ କିପରି ଏତେ ପରିମାଣର ପେଟ୍ରୋଲ ଏକ ପାତ୍ରରେ ସଂଗ୍ରହ କରି ନେଇପାରିଲେ, ଯେତେବେଳେ ନିୟମ ଅନୁଯାୟୀ ଅନୁମତି ବିନା ଜାର୍ କିମ୍ବା କ୍ୟାନ୍‌ରେ ପେଟ୍ରୋଲ ଦିଆଯାଏ ନାହିଁ, ସେ ଦିଗକୁ ମଧ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆର୍‌ଏସ୍‌ପି ଭିଜିଲାନ୍ସ ବିଭାଗ ପକ୍ଷରୁ 'ଚେତନା'



**ରାଉରକେଲା, ୨୯।୬(ସମିସ):** ପ୍ରତିଷେଧକ ସତର୍କତା ପଦକ୍ଷେପର ଏକ ଅଂଶସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ପକ୍ଷରୁ ୱାର୍କସ ଅଞ୍ଚଳର ପ୍ଲାନିଂ ଅଫିସରମାନଙ୍କ ପାଇଁ 'ଚେତନା' (ସଚେତନତାରୁ ଜାଗ୍ରତି ଆଡ଼କୁ) ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବି.ଆର୍. ପଲାଇ ଏବଂ ଆରଏସ୍‌ପିର ମହାପ୍ରବନ୍ଧକ (ସତର୍କତା) ଓ ଏସିଭିଓ ରଞ୍ଜନ ଭାରତୀ ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ପ୍ରାୟ ୬୦ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପଲାଇ ସ୍ପଷ୍ଟ ଏବଂ ସନ୍ଦେହମୁକ୍ତ ଚୁକ୍ତିନାମା ନିର୍ଦ୍ଦିଷ୍ଟତା ଏବଂ ସୁନିଶ୍ଚିତ କାର୍ଯ୍ୟ ପରିସର ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଇନଗତ ଭାବେ ଲାଗୁ କରାଯାଇ ପାରୁଥିବା ଜରିମାନା ଧାରା, ପରସ୍ପର ବିରୋଧୀ ନିୟମାବଳୀକୁ ଏଡାଇବା ଏବଂ ଚୁକ୍ତିଭିତ୍ତିକ ସର୍ତ୍ତାବଳୀ ଯେପରି ବ୍ୟବହାରିକ ଏବଂ କାର୍ଯ୍ୟକାରୀ ହୋଇପାରିବ ତାହା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ରଞ୍ଜନ ଭାରତୀ ସରକାରୀ ପାଣ୍ଠିର ସଦୁପଯୋଗ କ୍ଷେତ୍ରରେ ଆବଶ୍ୟକୀୟ ସତର୍କତା ଏବଂ ନିଷ୍ଠାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ ସତର୍କତା ବିଭାଗର ସହ ମହାପ୍ରବନ୍ଧକ ଅବନୀ କୁମାର ବିଶ୍ୱାଳ ପ୍ରତିଷେଧକ ସତର୍କତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ।

## ମହିଳାଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ



**ରାଉରକେଲା, ୨୯।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିରମିତ୍ରପୁର ଥାନା ଅଞ୍ଚଳରେ ଥିବା ଏକ ରାଇସ୍ ମିଲ୍ ପରିସରରୁ ଜଣେ ମହିଳାଙ୍କ ମୃତଦେହ ସନ୍ଦେହଜନକ ପରିସ୍ଥିତିରେ ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତ ମହିଳା ବନ୍ଧନୀ ଲାକୁଆ (୪୦) ବୋଲି ଜଣାପଡ଼ିଛି। ସୂଚନା ପାଇବା ପରେ ବିରମିତ୍ରପୁର ଥାନା ପୁଲିସ ଓ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବନ୍ଧନୀ ଗତ ଶନିବାର କାମ କରିବା ପାଇଁ ଘରୁ ବାହାରିଥିଲେ। କିନ୍ତୁ ସେ ଘରକୁ ଫେରି ନ ଆସିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସେ ରାଉରକେଲାର ବେଦବ୍ୟାସ ଅଞ୍ଚଳରେ ଅନ୍ୟ କିଛି ମହିଳାଙ୍କ ସହ ମିଶି ପୁରୁଣା ଜୁଟ୍ ବସ୍ତା ଓ ଅନ୍ୟାନ୍ୟ ପୁନଃ ବ୍ୟବହାରଯୋଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ରବିବାର ସକାଳେ କୁମଝରିଆ ପଞ୍ଚାୟତ ଅଧୀନ ରାମପାଲ ଅଞ୍ଚଳର ଏକ ରାଇସ୍ ମିଲ୍ ଭିତରେ ଧାନ କୁଣ୍ଡା ଗଦା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତ୍ୟୁର ପରିସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବନ୍ଧନୀଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ସହ କାମ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରାଯାଇନାହିଁ। ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଚାଲିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ସୂଚନା ମିଳିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଓ ତାଙ୍କ ପତ୍ନୀ ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ

**ରାଉରକେଲା, ୨୯।୬(ସମିସ):** ଆୟବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜସିଟ୍ ଦାଖଲ ହୋଇଥିବା ବଣାଇଁ ଥାନାର ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଏବଂ ତାଙ୍କ ପତ୍ନୀ ତଥା ଝିରପାଣି ସରକାରୀ ଉଚ୍ଚ ବିଦ୍ୟାଳୟ, ରାଉରକେଲାର ଅବସରପ୍ରାପ୍ତ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କୁ ଆଜି ସୁନ୍ଦରଗଡ଼ ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ପଠିତ ଧାରା ୧୩(୧) (ଇ) ଅନୁଯାୟୀ ଆୟବହିର୍ଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ମାନ୍ୟବର ଅଦାଲତ ଉଭୟ ଦୋଷୀଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହାସହ ଉଭୟଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ଆୟବହିର୍ଭୂତ ସମ୍ପତ୍ତିର ମୂଲ୍ୟ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ପାତ୍ରଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି।

## ବିଦ୍ୟୁତ ସଂଯୋଗ ନ ଥାଇ ଆସିଛି ବିଲ୍

**ବଣାଇଁ, ୨୯।୬(ସମିସ):** ବଣାଇଁ ବ୍ଲକ ଅଧୀନ ଜକେଇକଳା ପଞ୍ଚାୟତର ଜମକେଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ସତ୍ତ୍ୱେ ୬ ବର୍ଷ ପରେ ୫ ହଜାର ଟଙ୍କାର ବିଦ୍ୟୁତ ବିଲ୍ ନୋଟିସ୍ ଆସିଥିବା ଘଟଣାସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ୨୦୧୯ରେ ସୌଭାଗ୍ୟ ଯୋଜନାରେ ଜମକେଇ ଗ୍ରାମର ସୌଭାଗ୍ୟ ବେହେରାଙ୍କୁ ବିଦ୍ୟୁତ ସଂଯୋଗ ପାଇଁ ଆବଶ୍ୟକ ବିଦ୍ୟୁତ ଉପକରଣ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କ ଘରକୁ ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇ ନ ଥିବାରୁ ସେହି ଉପକରଣଗୁଡ଼ିକ ବସ୍ତାରେ ପ୍ୟାକ୍ ଅବସ୍ଥାରେ ପଡ଼ି ରହିଛି। ଶ୍ରୀ ବେହେରାଙ୍କ କହିବାନୁସାରେ, ଗତ ଜୁନ୍ ୨୩ ତାରିଖରେ ତାଙ୍କ ନାମରେ ୫ ହଜାର ଟଙ୍କାର ବିଦ୍ୟୁତ ବିଲ୍ ନୋଟିସ୍ ଆସିଥିଲା। ଏହାପରେ ସେ ବଣାଇଁଗଡ଼ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଭାଗର ଦୁଇ ଜଣ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ଘରକୁ ବିଦ୍ୟୁତ ଲାଇନ୍ ସଂଯୋଗ ହୋଇନଥିବା ସ୍ପଷ୍ଟ ହୋଇଥିବା ସେ କହିଛନ୍ତି। ତଥାପି ସଂଯୋଗ ନ ଥାଇ କିପରି ତାଙ୍କ ନାମରେ ବିଦ୍ୟୁତ ବିଲ୍ ଜାରି ହେଲା, ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନ ହୁଏ, ତେବେ ସେ ବାଧ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବିରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ବିଦ୍ୟୁତ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ, ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଗୁରୁଣ୍ଡିଆରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନଶୁଣାଣି

**ବଣାଇଁ, ୨୯।୬(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଜନଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୮୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୨୭ଟି ଅଭିଯୋଗ ଆସିଥିବାବେଳେ ଦଳଗତ ଭାବେ ମୋଟ ୬୨ଟି ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିଶେଷ କରି ରାସ୍ତା, ବିଦ୍ୟୁତ୍, ନେଟୱାର୍କ ସମସ୍ୟାକୁ ନେଇ ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂରଞ୍ଜନ କୁମାର ସାହୁ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅତିରିକ୍ତ ଆରକ୍ଷୀଅଧୀକ୍ଷକ ରାଉରକେଲା, ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବିନେଇ ଆର୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଉରକେଲା, ୨୯।୬(ସମିସ)

ବିଭିନ୍ନ ଦାବିନେଇ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ସେକ୍ଟର-୫ସ୍ଥିତ ଆର୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଶ୍ରମିକସଂଘ ପକ୍ଷରୁ ଆୟୋଜିତ ଏହି ଗଣବିକ୍ଷୋଭରେ ଶତାଧିକ ସଂଖ୍ୟାରେ କର୍ମଚାରୀ ଯୋଗଦାନ କରିଥିଲେ। ଆର୍‌ଏଲ୍‌ସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଅଗଣତାନ୍ତ୍ରିକ ଓ ଏକପାଖିଆ ଭାବେ କର୍ମଚାରୀମାନଙ୍କୁ ବଦଳି ବିରୋଧରେ ଏହି ଗଣବିକ୍ଷୋଭ ଆୟୋଜିତ ହୋଇଥିଲା। ଗୋଟିଏ ଏଲଓପିରୁ ଅନ୍ୟ ଗୋଟିଏ ଏଲଓପିକୁ ବଦଳି କରିବାର କୌଣସି ନିୟମ ନଥିବା ସତ୍ତ୍ୱେ, ୨୦୨୫ ମସିହା ସେପ୍ଟେମ୍ବର ୨୪ ତାରିଖରେ କର୍ତ୍ତୃପକ୍ଷ ବିଭିନ୍ନ ବିଭାଗରୁ ୧୮ ଜଣ କର୍ମଚାରୀଙ୍କୁ ଏସ୍‌ଏମ୍‌ଏସ୍-୨ ବିଭାଗକୁ ବଦଳି କରିଥିଲେ। ଏହାର ପ୍ରତିବାଦରେ ଗତ ୨୦୨୫ ସେପ୍ଟେମ୍ବର ୨୫ ତାରିଖରେ ରାଉରକେଲା ଶ୍ରମିକ ସଂଘ ଔଦ୍ୟୋଗିକ ବିବାଦ ଆଇନ ଅନୁଯାୟୀ ଆର୍‌ଏଲ୍‌ସିଙ୍କ ନିକଟରେ ଏକ ମାମଲା ଦାଖଲ କରିଥିଲା। ଉକ୍ତ ମାମଲାର କନସିଲିଏସନ୍ ପ୍ରକ୍ରିୟା ଚାଲିଥିବା ସମୟରେ, ୨୦୨୬ ମେ' ୯ ତାରିଖରେ କର୍ତ୍ତୃପକ୍ଷ ପୁଣିଥରେ ୩୫ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପ୍‌ରୁ ପ୍ଲାଣ୍ଟ ଏବଂ ପ୍ଲାଣ୍ଟରୁ ଟାଉନ୍‌ସିପ୍‌କୁ ବଦଳି କରିଥିଲେ। ଏହି ବିଷୟରେ ସଂଘ ଆରଏଲସିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ, ଆରଏଲସି ୨୦୨୬ ମେ' ୧୨ ତାରିଖରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ୨୦୨୬ ଜୁନ ୨ ତାରିଖରେ ପୁଣି ୩୦ ଜଣ କର୍ମଚାରୀଙ୍କୁ ପ୍ଲାଣ୍ଟକୁ ଏବଂ ୩୦ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପ୍‌କୁ ବଦଳି କରାଯାଇଥିଲା। ଆରଏଲସିଙ୍କୁ ଏହି ବିଷୟରେ ସଂଘ ଅବଗତ କରାଇବା ପରେ, ଆରଏଲସି ଉଭୟ ପକ୍ଷଙ୍କୁ ୨୦୨୬ ଜୁନ ୮ ତାରିଖରେ କନସିଲିଏସନ୍ ପାଇଁ ଡାକିଥିଲେ। ଏହି ବୈଠକରେ ମ୍ୟାନେଜମେଣ୍ଟ ପକ୍ଷରୁ ମହାପ୍ରବନ୍ଧକ (ମାନବ ସମ୍ବଳ) ଏବଂ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦସ୍ତଖତ କରି ସ୍ଥିତାବସ୍ଥା ବଜାୟ ରଖିବାକୁ ସହମତି ପ୍ରକାଶ କରିଥିଲେ। ପରବର୍ତ୍ତୀ କନସିଲିଏସନ୍ ବୈଠକ ଆଜି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ, ଏହା ପୂର୍ବରୁ ହିଁ ଗତ ୧୦ ତାରିଖରେ କର୍ତ୍ତୃପକ୍ଷ ପୂର୍ବରୁ ସ୍ଥଗିତ ରଖାଯାଇଥିବା ସମସ୍ତ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଦେଇଥିଲେ। ରାଉରକେଲା ଶ୍ରମିକ ସଂଘ ଏହାକୁ ଏକ ଅନୈତିକ, ଅଗଣତାନ୍ତ୍ରିକ ଏବଂ ଏକଛତ୍ରବାଦୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି। ସଂଘର ସାଧାରଣ ସମ୍ପାଦକ ଶ୍ରୀ ବେହେରା କହିଛନ୍ତି ଯେ, ଏହିପରି ମନମୁଖୀ କାର୍ଯ୍ୟକଳାପ ଆଗାମୀ ଦିନରେ ଯେକୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିପାରେ ଏବଂ ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ। ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ଉପସଭାପତି ଆର୍ କେ ପଣ୍ଡା, ଅକ୍ଷୟ ଜେନା, ସୁଦାନ ଚୌଧୁରୀ, ନିହାର ଦାସ, ସତ୍ୟ ସାହୁ, ସୁରେଶ ପାଣିଗ୍ରାହୀ, ସୁରେଶ କିଶାନ, ମନୋଜ କିଶାନ, ଦୁଶାସନ ନାୟକ, ବିକାଶ ବେହୁରିଆ, ସୌମ୍ୟ ଧଳ, ପଦ୍ମାଳୟା ଧର, ରଘୁନାଥ ପ୍ରଧାନ, ପ୍ରଫୁଲ୍ଲ ଦାସ, ସରୋଜ ଦାସ, ସରୋଜ ମିଶ୍ର, ବିଶ୍ୱ ମୋହନ ପୁହାଣ, ସୁଜିତ ନାୟକ, ବିନୋଦ ତନ୍ତୀ, ମନମୋହନ ବେହେରା, ଅଖିଳ ପୃଷ୍ଟି, ପିକେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





## ଏଲ୍‌ଏଡି କ୍ଷେତ୍ରରେ ଟିଆଣ୍ଡ ଆର୍‌ଏମ୍ ବିଭାଗ ଶ୍ରେଷ୍ଠ ବିବେଚିତ

**ରାଉରକେଲା, ୨୯।୬ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଟି.ଆଣ୍ଡ ଆରଏମ୍ ବିଭାଗକୁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମସ୍ତ ସେଲ୍‌ଫ ୟୁନିଟ୍ ମଧ୍ୟରେ ଲର୍ଣ୍ଣିଂ ଆଣ୍ଡ ଡେଭଲପ୍‌ମେଣ୍ଟ କ୍ଷେତ୍ରରେ ଶ୍ରେଷ୍ଠବିଭାଗ ଭାବେ ବିବେଚିତ କରାଯାଇଛି। ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରିୟରଞ୍ଜନ ଗତ ୨୫ ତାରିଖରେ ରାଞ୍ଚିର ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଦଳକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆର୍‌ଏସ୍‌ପି ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ଏଲ୍‌ଆଣ୍ଡଡି) ପି. କେ. ସାହୁ ଏବଂ ମହାପ୍ରବନ୍ଧକ (ଟି ଆଣ୍ଡ ଆରଏମ୍) ମନୋଜ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ନେତୃତ୍ୱ ଶିକ୍ଷା, ବ୍ୟବସାୟିକ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ, ମୂଲ୍ୟ ସଦୁପଯୋଗ, କଷ୍ଟମାଇଜ୍ଡ ଏମଓୟୁ, ସାଇବର ସୁରକ୍ଷା ସଚେତନତା, ଶକ୍ତି ସଂରକ୍ଷଣ, ପର୍ଯ୍ୟବେକ୍ଷଣ କ୍ଷମତା ବିକାଶ, ପରିବେଶ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତା, ଅଗ୍ନି ନିୟନ୍ତ୍ରଣ ପରିଚାଳନା, 'ଲର୍ଣ୍ଣ ଟୁ ଲିଡ୍ ଇନ୍ ଅଲ୍ ସିଚୁଏସ୍‌ନସ' କାର୍ଯ୍ୟକ୍ରମ ଏବଂ ସାମଗ୍ରୀ ପରିଚାଳନା ପଦ୍ଧତିରେ ନିରନ୍ତର ସୁଧାର ମାଧ୍ୟମରେ ସାଂଗଠନିକ ଉତ୍କର୍ଷତା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତା ପାଇଁ ଟି ଆଣ୍ଡ ଆରଏମ୍ ବିଭାଗକୁ ଏହି ସ୍ୱୀକୃତି ମିଳିଛି। ଏହି ବିଭାଗ ସଣ୍ଟିଂ ଅପରେଟର ଏବଂ ଲୋକୋମୋଟିଭ୍ ଅପରେଟରମାନଙ୍କ ପାଇଁ କଷ୍ଟମାଇଜ୍ଡ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ ପରିଚାଳନା କରିଥିଲା, ଯାହା ସେମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ସହ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ସୁଦୃଢ଼ କରିଥିଲା। ଏହି ପୁରସ୍କାର ଶିଳ୍ପ ସୁରକ୍ଷା ଏବଂ କାର୍ଯ୍ୟ ଉତ୍କର୍ଷତା କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଆର୍‌ଏସ୍‌ପିର ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବ୍ୟାପକ ଶିକ୍ଷା ଏବଂ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ଟି.ଆଣ୍ଡ ଆରଏମ୍ ବିଭାଗ ସମଗ୍ର କାରଖାନାରେ ସୁରକ୍ଷା, ଉତ୍କର୍ଷ ଏବଂ ପ୍ରସ୍ତୁତିର ଏକ ଦୃଢ଼ ସଂସ୍କୃତି ଗଢ଼ି ତୋଳିଛି।



# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।
-ମାରଶାଲ୍ ମାକଲୁହାନ୍

ସକାଳ
THE SAKALA

## ଉଦ୍‌ବିଗ୍ନ ମୁହୂର୍ତ୍ତ

ସୂଚନା ପ୍ରଯୁକ୍ତି ବା ଆଇଟି କ୍ଷେତ୍ର ଭାରତ ସମେତ ସମଗ୍ର ବିଶ୍ୱରେ ଅର୍ଥନୀତିକ ଅଭିବୃଦ୍ଧିର ଏକ ବଡ଼ ବାହକ ହୋଇଥିବା ବେଳେ ପ୍ରତିଭା ନିଯୁକ୍ତିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଭାରତ ଭଳି ଦେଶ ଯେଉଁଠି ସରକାରୀ ଚାକିରିରେ କୋଟା ରାଜ ବ୍ୟବସ୍ଥା ପ୍ରତିଭାର ସ୍ୱାଭାବିକ ଉଦ୍‌ବର୍ତ୍ତନକୁ ଉଦ୍ଦେଶ୍ୟମୂଳକ ଭାବେ ଜାତିଆଣ ଆଧାରରେ ସଂକୁଚିତ କରି ପଜିଟିଭ ଡିସ୍‌କ୍ରିମିନେସନ ବା ଗଠନମୂଳକ ପାତର ଅନ୍ତର ତତ୍ତ୍ୱକୁ ଅଗ୍ରାଧିକାର ଦିଏ, ସେଠାରେ ଆଇଟି କ୍ଷେତ୍ର ପ୍ରତିଭାଧାରୀଙ୍କ ପାଇଁ ଶେଷ ଗନ୍ତବ୍ୟ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଭାରତୀୟ ଆଇଟି ବୃତ୍ତିଧାରୀମାନେ ନିଜର କର୍ମକୁଶଳତା ଓ ନିଷ୍ଠା ଯୋଗୁଁ ପ୍ରତିଷ୍ଠିତ ହୋଇପାରିଛନ୍ତି। ବିଡ଼ମ୍ବନା ହେଲା ଏ କ୍ଷେତ୍ର ଏବେ ମଧ୍ୟ ଏକ ଉଦ୍‌ବିଗ୍ନ ମୁହୂର୍ତ୍ତ ଦେଇ ଗତି କରୁଛି। ପ୍ରଚୁର ଅର୍ଥର ଅଧିକାରୀ ଧନାଢ୍ୟ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ବଡ଼ ଧରଣର ଛଟେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପ୍ରକ୍ରିୟାରେ ଭାରତୀୟଙ୍କ ସମେତ ବହୁ ପୁରାତନ ପେସାଦାର ବୃତ୍ତିଜୀବୀ ଅସମୟରେ ଚାକିରି ହରାଉଛନ୍ତି। ଏସବୁ କମ୍ପାନୀ ନୂଆ ଯାନ୍ତ୍ରିକତା ଓ ପ୍ରଯୁକ୍ତିକୁ ଅଗ୍ରାଧିକାର ଦେଇ ସ୍ୱୟଂକ୍ରିୟ ଯନ୍ତ୍ରଚାଳିତ ବ୍ୟବସ୍ଥାରେ ନିଜର କାମ କରିବା ସହିତ ମାନବସମ୍ବଳର ଉପଯୋଗକୁ ନିରନ୍ତର ଭାବେ କମାଉଛନ୍ତି। ଏହାଛଡ଼ା ବିଭିନ୍ନ ବୈଶ୍ୱିକ ଓ ଜାତୀୟସ୍ତରର ଅର୍ଥନୈତିକ ମାନ୍ଦା ସମସ୍ୟା ଯୋଗୁଁ କର୍ମଚାରୀ ଛଟେଇ କରିବାକୁ ବାଧ୍ୟ ହେଉଛନ୍ତି।

ଏବେ ଆୟ ବୃଦ୍ଧି ପାଇଁ ଅତିରିକ୍ତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ଅର୍ଥ ପିଶାଚ ଏସବୁ କମ୍ପାନୀ ନିଜର ଆୟ ବୃଦ୍ଧି ପାଇଁ ବିଭିନ୍ନ ବାହାନା କରି କର୍ମଚାରୀ ଛଟେଇ ଆରମ୍ଭ କରିଛନ୍ତି। ଯେଉଁଠି ମେଧାବୀ ପେସାଦାରମାନଙ୍କୁ ଏକ ପ୍ରୋଗ୍ରାମ୍‌ର କୋଡିଂ କରିବାକୁ ହାରାହାରି ଦୁଇମାସ ସମୟ ଲାଗୁଥିଲା ସେଠାରେ ଏବେ ଏଆଇ ମାତ୍ର ୧୦ମିନିଟ୍ ମଧ୍ୟରେ ତାହା ସମ୍ପନ୍ନ କରିପାରୁଛି। ତେଣୁ ଏକ ସଫ୍ଟୱେର ସଂସ୍ଥା ମାନବସମ୍ବଳର ନିଯୁକ୍ତିରେ ବିପୁଳ ଅର୍ଥ ଅପଚୟ କରିବ କାହିଁକି? ଏହି ମାନସିକତାରେ ଏବେ ଆଇଟି କ୍ଷେତ୍ରରେ ମାତ୍ର ଚାରି/ପାଞ୍ଚ ବର୍ଷ ପରେ ପେସାଦାରମାନଙ୍କ ହାତରେ ଗୋଲାପୀ ପତ୍ର(ବହିଷ୍କାର ଆଦେଶ) ଧରାଇ ଦିଆଯାଉଛି। ଆଲ୍‌ଫାବେଟ୍, ମେଟା, ମାଇକ୍ରୋସଫ୍ଟ, ଆମାଜନ, ସେଲ୍ସଫୋର୍ସ, ଗୁଗୁଲ ଓ ସାପ୍ ଆଦି ଆଇଟି କମ୍ପାନୀମାନେ କର୍ମଚାରୀ ଛଟେଇ ଜାରି ରଖିଥିବା ବେଳେ ଆଉ କେତେକ କମ୍ପାନୀ ସମାନ ନୀତି ମଧ୍ୟ ଅନୁସରଣ କରୁଛନ୍ତି।

ଭାରତୀୟ ଆଇଟି କମ୍ପାନୀମାନେ ଏହି ଧାରାରେ ମଧ୍ୟ ସାମିଲ ହୋଇଛନ୍ତି। ମହାମାରୀ ପରେ ଭାରତୀୟ ଆଇଟି କମ୍ପାନୀମାନେ ସେମାନଙ୍କର ନୂଆ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ବେଳେ ନୂତନ ବୃତ୍ତିଧାରୀମାନଙ୍କୁ ଅପେକ୍ଷାକୃତ କମ୍ ବେତନ ଦେଉଛନ୍ତି। ଅପରପକ୍ଷରେ ଚାକିରିରେ ଥିବା ମଧ୍ୟମ ଓ ବରିଷ୍ଠ ବର୍ଗର ଉଚ୍ଚ ବେତନ ଭୋଗୀଙ୍କୁ ପ୍ରସ୍ଥାନ ପଥ ବାଧ୍ୟତାମୂଳକ ଭାବେ ଦେଖାଇ ଦିଆଯାଉଛି। ଏସବୁ ଉଦ୍ୟୋଗ ଏପରି ସଂସ୍ଥା, ଯେଉଁଠି ଶ୍ରମିକ ସଂଗଠନ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ବା ନାହିଁ କହିଲେ ଚଳେ। ସେ ବ୍ୟବସ୍ଥାରେ କର୍ମଚାରୀଙ୍କ ବୃତ୍ତିଗତ ସୁରକ୍ଷା ନୀତି ଅତ୍ୟନ୍ତ ଦୁର୍ବଳ। ସରକାରୀ ଆଇନର ସୁଯୋଗ ନେଇ ଏସବୁ ଉଦ୍ୟୋଗ ଏକ ସୁରକ୍ଷିତ ପରିବେଶରେ କାମ କରନ୍ତି ଯେଉଁଠି ଦେଶର ଶ୍ରମ ଆଇନ୍ କାନୁନ୍ ସେମାନଙ୍କୁ ବିଶେଷ ପ୍ରଭାବିତ କରେନାହିଁ।ଭବିଷ୍ୟତରେ ଏହି ସଙ୍କଟ ଆହୁରି ଭୟଙ୍କର ଆକାର ଧାରଣ କରିପାରେ।

ଷ୍ଟକ୍ ମାର୍କେଟରେ ତାଲିକା ଭୁକ୍ତ ହୋଇଥିବା ଆଇଟି କମ୍ପାନୀମାନଙ୍କର ଆୟ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହୁଏ ଯେ ଆଗଭଳି ଆଉ ସେମାନଙ୍କର ଷ୍ଟକ୍ ପ୍ରାଇମ୍ କମ୍ ରହୁନାହିଁ କି ବେପାର ପ୍ରଭାବିତ ହେଉନି। ସେମାନଙ୍କ ଆୟ ଓ ଲାଭ ବଢ଼ିଛି। ସେମାନେ ଏହି ସୁଯୋଗରେ ନୂଆ ଟେକ୍‌ନୋଲୋଜିର ଉପଯୋଗ କରି ନିଜର କର୍ମଚାରୀ ସଂଖ୍ୟା ହ୍ରାସ କରିବା ସହ ଲାଭ ବଢ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏସବୁ କମ୍ପାନୀ ଏବେ ନୂଆ ଟେକ୍‌ନୋଲୋଜି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ଅଟୋମେସନ୍ ଆଦିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି। ଓପନ୍ ଏଆଇ ଚାଟ୍‌ବଟ୍ ଚାଟ୍‌ଜିପିଟିର ସଫଳତା ପରେ ଏବେ ଏକାଧିକ ସଂସ୍ଥା ନିଜସ୍ୱ ଏଆଇ ଚାଟ୍‌ବଟ୍ ବିକଶିତ କରୁଛନ୍ତି, ଯାହାର ସର୍ବାଧିକ ଗ୍ରାହକ ହେଉଛନ୍ତି ଭାରତୀୟ।

ନୂଆ ଯୁଗର ଆବଶ୍ୟକତା ପୂରଣ ପାଇଁ ଏସବୁ ଟେକ୍‌ନୋଲୋଜିର ପ୍ରବର୍ତ୍ତନ ଜରୁରୀ ଏବଂ ଏହା ଆମ ୫-ଜି ସ୍ମାର୍ଟ ଟେଲିଫୋନ୍ ବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇବ। ତେବେ ଏହି ନବ ପ୍ରଯୁକ୍ତି ଓ ଯନ୍ତ୍ରାୟନ ବ୍ୟବସ୍ଥା କ'ଣ ମଣିଷର ବିକଳ୍ପ ହୋଇ ସେମାନଙ୍କ ହାତରୁ ନିଯୁକ୍ତି ଓ ରୋଜଗାର ଛଡ଼ାଇ ନେବ? ବ୍ୟବସାୟରେ ଲାଭ ପରମ ଧର୍ମ। ତେଣୁ ଏଥିରେ ମଣିଷର ଶ୍ରମ, ମାନବିକତା, ନୈତିକତାକୁ ଉପଯୁକ୍ତ ମର୍ଯ୍ୟାଦା ମିଳିବା ସମ୍ଭାବନା କମ୍। ଅର୍ଥନୀତିକୁ ଏବେ ମଣିଷ ନୁହେଁ, ଯନ୍ତ୍ର ଓ ପ୍ରଯୁକ୍ତି ବିଦ୍ୟାର ବିସ୍ତାର ହେଉଛି, ତାହାର ପରିଣତି ଭୟଙ୍କର ହୋଇପାରେ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ନୂତନ କମ୍ପ୍ୟୁଟର, ଯାନ୍ତ୍ରିକ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା ଏବଂ ଡାଟା ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ବହୁ ବର୍ଗ ଓ ସଂଖ୍ୟାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହେଉଛି। ଆଗାମୀ ଦିନରେ ଭାରତ ସମେତ ସମଗ୍ର ବିଶ୍ୱର ଆଇଟି କ୍ଷେତ୍ରର ନିଯୁକ୍ତି ଉପରେ ଏହାର ପ୍ରଚଣ୍ଡ ପ୍ରଭାବ ଅନୁଭୂତ ହେବ ଓ ଅନେକ ଲୋକ ଚାକିରି ହରାଇବା ଥୟ। ପୁରୁଣା ଓ ଅଭିଜ୍ଞ କର୍ମୀଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବ। ଭାରତ ସରକାର ଏହି ଉଦ୍‌ବିଗ୍ନ ମୁହୂର୍ତ୍ତ ପ୍ରତି ସତର୍କ ରହିବା ଆବଶ୍ୟକ।

## ମୂଲ୍ୟବୋଧର ଅବକ୍ଷୟ

ସୌଭାଗ୍ୟ ସୁନ୍ଦରରାୟ

କିଛିମାସ ତଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଦୁଇ ପୁତ୍ର ସନ୍ତାନ ୯୫ ବର୍ଷୀୟା ମା'ଙ୍କୁ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। ପୁଲିସ ସଂପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ଏକ ଜରାଶ୍ରୟରେ ଆଶ୍ରୟ ପ୍ରଦାନ କଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ମା'ଙ୍କ ସେବାଯତ୍ନ ନିମନ୍ତେ ଦୁଇପୁତ୍ର ଅମଙ୍ଗ ଥିବାରୁ ଏପରି ଘଟଣା ଘଟିଛି। ଘଟଣାଟି ଏକ ମାନସିକ କମ୍ପନ ସୃଷ୍ଟି କରିବା ସ୍ୱାଭାବିକ ଏବଂ ନିଶ୍ଚିତ ଭାବେ ସାମାଜିକ ନୈତିକତାର ଅବକ୍ଷୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପ୍ରକାର ଅନେକ ଘଟଣା ବର୍ତ୍ତମାନର ସାମାଜିକ ଚଳଣିରେ ଘଟୁଥିବା ଦେଖାଯାଉଛି। କେବଳ ଯେ ନ ଥିଲାବାଲାଙ୍କ ଘରେ ଏପ୍ରକାର ଘଟଣା ଘଟୁଛି ତାହା ନୁହେଁ, ଥିଲାବାଲାଙ୍କ ଘରେ ମଧ୍ୟ ଏହା ଘଟୁଛି।

ବିଜୟପତ୍ ସିଂଘାଣିଆଙ୍କ ବିଷୟକୁ ଆସିବା। ଦେଶର ବିଶିଷ୍ଟ ଶିଳ୍ପପତି। ରେମଣ୍ଡ ଶିଳ୍ପଗୋଷ୍ଠୀର ମାଲିକ। ଦିନେ ଥିଲେ ୩୬ ମହଲାବିଶିଷ୍ଟ ମୁମ୍ବାଇ ଜେକେ ହାଉସର ଅଧିପତି। ପରବର୍ତ୍ତୀ ସମୟରେ କଂପାନୀରେ ଥିବା ବ୍ୟକ୍ତିଗତ ୩୭% ଅଂଶଧନ ଯେଉଁଦିନ ନିଜ ପୁତ୍ରଙ୍କୁ ହସ୍ତାନ୍ତର କଲେ ତା'ପରଠାରୁ ତାଙ୍କ ଦିନ ଓକିଲଙ୍କ ବାରଣ୍ଡାରେ କଟିଲା। ନିଜର ଏହା ଏକ ଭୁଲ୍ ନିଷ୍ପତ୍ତି ଥିଲା ବୋଲି ଆତ୍ମଜୀବନୀ 'ଆନ ଇନ୍‌କଂପ୍ଲିଟ ଲାଇଫ'ରେ ବିଜୟପତ୍ ଲେଖିଛନ୍ତି। ଶେଷ ସମୟକୁ ନଥିଲା ତାଙ୍କର ରମ୍ୟ ସୌଧ ବା ରାଜକୀୟ ଜୀବନଶୈଳୀ। ୮୭ ବର୍ଷ ବୟସରେ ଏକ ଭଡ଼ା ଘରେ ଏକାକୀ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ବିଜୟପତ୍‌ଙ୍କ ପୁତ୍ର ଗୌତମ ଚାହିଁଥିଲେ କ'ଣ ବାପାଙ୍କୁ ନିଜ ପାଖରେ ରଖିପାରି ନ ଥା'ନ୍ତେ ବା ଏକ ଗୃହ ଯୋଗାଇ ପାରି ନ ଥା'ନ୍ତେ? ଏ ପ୍ରକାର ପରିସ୍ଥିତିରେ ପିତାମାତାଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ କ'ଣ ରହିବା ଆବଶ୍ୟକ ବୋଲି ପ୍ରଶ୍ନ ଉଠୁଛି। ପ୍ରଶ୍ନଟି ଏବେ ବି ଅସମାହିତ। ଯେମିତି ପିତାଙ୍କ ସତ୍ୟ ରକ୍ଷା ପାଇଁ ପ୍ରଭୁ ଶ୍ରୀରାମ ବନବାସ ଯାଇଥିଲେ ନା ଅସୁରକୁଳ କବଳରୁ ଧରାକୁ ରକ୍ଷା ନିମନ୍ତେ ବନଗମନ କରିଥିଲେ? ସେହିପରି ଦିନେ ପିତା ଯଯାତିଙ୍କ ବାର୍ଦ୍ଧକ୍ୟ ଗ୍ରହଣ କରିଥିଲେ ପୁତ୍ର ପୁରୁ। ପିତାଙ୍କ ଆଶୀର୍ବାଦରେ ପରବର୍ତ୍ତୀ ସମୟରେ ପୁରୁ ପ୍ରତିଷ୍ଠା କରିଥିଲେ ଏକ ବିଶାଳ ତଥା ଦୀର୍ଘ ରାଜବଂଶ। ଜରା ଗ୍ରହଣ ସମୟରେ ପୁରୁ କହିଥିଲେ ଯେ - 'ଯେ ଉତ୍ତମ ପୁତ୍ର ସେ ପିତାଙ୍କ ମନଜାଣି କାର୍ଯ୍ୟ କରିଥାଏ। ଯେ ମଧ୍ୟମ, ପିତା କହିବା ମାତ୍ରେ ସେ ତାହା ପାଳନ କରିଥାଏ। ଯେ ଅଧମ, କହିବା ପରେ ଶ୍ରଦ୍ଧା ନ ଥାଇ ପିତାଙ୍କ ଆଦେଶ ପାଳନ କରିଥାଏ।' ଯେଉଁ ପୁତ୍ର କହିବା ସତ୍ତ୍ୱେ ପିତାଙ୍କ ଆଦେଶ ପାଳନ କରିନଥାଏ, ସେ ପିତାଙ୍କ ମଳମୂତ୍ର ସହ ସମାନ ହୋଇଥାଏ। ଏହା ପୁରାଣ ପୃଷ୍ଠାର କଥା। ଏକଥା ଶୁକମୁନି ପରୀକ୍ଷିତଙ୍କୁ ଶୁଣାଇଥିଲେ।

ଅନ୍ୟ ଏକ ଘଟଣାରେ ଜଣେ ୮୩ ବର୍ଷ ବୟସ୍କା ବିଧବା ମହିଳାଙ୍କ ଭରଣପୋଷଣ ଓ ସେବାଯତ୍ନ ଦାୟିତ୍ୱ ଦୁଇ ପୁଅ ନେବାକୁ ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଏକ ନିର୍ଦ୍ଦେଶନାମାରେ କହିଛନ୍ତି। ପୁଅଙ୍କ ଦ୍ୱାରା ଅବହେଳାର ଶିକାର ହେଉଥିବା ଅଭିଯୋଗ ଆଣି ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ଅନୁଯାୟୀ ସଂପୃକ୍ତ ମହିଳା ପ୍ରଥମେ ଅପିଲ ଟ୍ରିବ୍ୟୁନାଲ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଅଦାଲତରେ ଅଭିଯୋଗ ଦାଖଲ କଲେ। ଅଭିଯୋଗ ବିଚାର ପାଇଁ ଗ୍ରହଣ କରି ଜଣେ ପୁଅ ମା'ର ଖାଦ୍ୟପେୟ ବୁଝିବା ଏବଂ ଅନ୍ୟ ପୁଅ ମାସିକ ୫୦୦୦ ଟଙ୍କା ପ୍ରଦାନ ନିମନ୍ତେ ଟ୍ରିବ୍ୟୁନାଲ ୨୦୨୪ ମସିହା ଫେବୃୟାରୀ ମାସରେ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ଜଣେ ପୁଅ ଜିଲ୍ଲାପାଳଙ୍କ ନିକଟରେ ପାଲଟା ଅପିଲ କରିଥିଲେ। ଜିଲ୍ଲାପାଳ ପ୍ରଥମ ଅପିଲ ଟ୍ରିବ୍ୟୁନାଲ ଆଦେଶ ଖାରଜ କରି ମାମଲାର ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ ମହିଳା ଏହି ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ଏହାର ଶୁଣାଣି କରି ଆଇନ ଅନୁଯାୟୀ ୨୦୦୭ ମସିହା ଆଇନର ଆପିଲେଟ ବ୍ୟବସ୍ଥାକୁ ପୁଅ ଉପଯୋଗ କରିପାରିବ ନାହିଁ ବୋଲି କହିଥିଲେ। ଅର୍ଥାତ ଉପ-ଜିଲ୍ଲାପାଳ ଭରଣପୋଷଣ ନିମନ୍ତେ ଯେଉଁ ଆଦେଶ ଦେଇଥିଲେ ତାହାକୁ କାଏମ ରଖିଥିଲେ। ଜଣାପଡ଼ିଛି ଯେ ଦୁଇ ପୁଅଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ଭାଗବଣ୍ଟା ପରେ ମା'ଙ୍କ କଥା କେହି ବୁଝିନଥିଲେ। ଏପରିକି ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଦେଇ ନ ଥିଲେ। ଦୁଇ ପୁତ୍ର ବିବାହିତ। ଜଣେ ପରିବା ବିକ୍ରିବଟା କରେ ଏବଂ ଅନ୍ୟ ଜଣେ ଗୃହରକ୍ଷୀ ଭାବେ କାର୍ଯ୍ୟ କରିଥାଏ।

ସେହିପରି ଗତ ମେ' ୧୭ ତାରିଖରେ ଆଉ ଏକ ଖବର ପ୍ରକାଶ ପାଇଥିଲା। ବୃଦ୍ଧ ପିତାମାତାଙ୍କୁ ଖାଇବାକୁ ନଦେଇ ନିର୍ଯାତନା ଦେବା ଅଭିଯୋଗରେ ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୁଇ ପୁଅଙ୍କୁ ପୁଲିସ ସହାୟତାରେ ଘରୁ ବିତାଡ଼ିତ କରାଯାଇଛି। ଘଟଣାଟି ଘଟିଛି ପୁରୀ ବାୟାବାବା ମଠ ଗଳିରେ। ଦୟାନିଧି ବେହେରାଙ୍କ ଅର୍ଜିତ ବାସଗୃହରେ ତାଙ୍କ ପତ୍ନୀ ଓ ଦୁଇ ପୁଅ ରହୁଥିଲେ। ପରିଣତ ବୟସରେ ବୃଦ୍ଧଦମ୍ପତିଙ୍କୁ ଦୁଇ ପୁଅ ଖାଇବାକୁ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ପିତାମାତାଙ୍କ ଭରଣପୋଷଣ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଁଏ ଦେବାକୁ ଉପ-ଜିଲ୍ଲାପାଳ ଦୁଇ ପୁଅଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଅ ଦ୍ୱୟ ଏହା ପାଳନ କରିନଥିଲେ। ଫଳରେ ପୁଲିସ ସହାୟତାରେ ଦୁଇ ପୁଅଙ୍କୁ ଘରୁ ବାହାର କରିଦେବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସବୁ ଗଲା ଆଇନ ଅଦାଲତର ବିଷୟ। ନ୍ୟାୟିକ ବ୍ୟବସ୍ଥା। ଆଇନଗତ ଲଢ଼େଇରେ ବୃଦ୍ଧ ଦମ୍ପତିଙ୍କର ବିଜୟ ହେଲା। କିନ୍ତୁ ସାମାଜିକ ଓ ସାଂସ୍କୃତିକ ଦିଗରୁ କ'ଣ ଦମ୍ପତି ନ୍ୟାୟ ପାଇପାରିଛନ୍ତି? ବୋଧହୁଏ ନା। ମୁଣ୍ଡକୁ ହାତ ପାଇବା ପର୍ଯ୍ୟନ୍ତ ଯେଉଁ ସ୍ନେହଶ୍ରଦ୍ଧା ଦେଇ ପିତାମାତା ପିଲାଙ୍କୁ ବଢ଼ାଇ ଆଣିଥିଲେ, ପରିଣତ ବୟସରେ କ'ଣ ସେମାନେ ଅନୁରୂପ ଶ୍ରଦ୍ଧା, ମର୍ଯ୍ୟାଦା ପାଇପାରିଲେ?

ଉପରୋକ୍ତ ଘଟଣାରୁ ଜଣାପଡୁଛି ଯେ ପରିଣତ ବୟସର ପିତାମାତାଙ୍କ ବୋଝ ମୁଣ୍ଡାଇବା ପାଇଁ ପୁତ୍ର, ପୁତ୍ରବଧୂ ବର୍ତ୍ତମାନ ସମୟରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚାକିରି ହେଉ ବା ବ୍ୟବସାୟ, ଉଦ୍ୟୋଗ ଆଦି ବିଭିନ୍ନ ସୂତ୍ରରୁ ରୋଜଗାର କରି ଏକ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ବିତାଇବା ନିମନ୍ତେ ନୂତନ ପିଢ଼ି ଅଧିକ ଇଚ୍ଛୁକ। ଗୃହସ୍ଥର ଦାୟିତ୍ୱ ନିର୍ବାହ ନିମନ୍ତେ ଅନିଚ୍ଛୁକ। ପିତାମାତାଙ୍କୁ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ମା'ର ପଣତକାନି ଓ ବାପାର ଛତ୍ରି ଚିରଦିନ ସନ୍ତାନଙ୍କ ସୁରକ୍ଷା କବଚ ହୋଇ ରହିଥାଏ। ପିତମାତାଙ୍କ ଅନୁଭବ, ଅଭିଜ୍ଞତା, ଦୁଃଖ-କଷ୍ଟ, ଧୈର୍ଯ୍ୟ, ସହନଶୀଳତା ପିଲାଙ୍କୁ ଆଗେଇ ଯିବାରେ ବାଟ ଦେଖାଇଥାଏ। ଏପ୍ରକାର ଗୁରୁଙ୍କୁ ପରିତ୍ୟାଗ କରାଯାଉଛି କ'ଣ ପାଇଁ? ନିଜର ସମସ୍ତ ପୁତ୍ରଙ୍କୁ ଅଯୋଗ୍ୟ ମନେ କରି ରାଜା ଭରତ ଦିନେ ଭରଦ୍ୱାଜଙ୍କୁ ପତ୍ର ରୂପେ ଗ୍ରହଣ କରିଥିଲେ। କିନ୍ତୁ ବିଜୟପତ୍ ସିଂଘାଣିଆ ପୁତ୍ରଙ୍କୁ ଯୋଗ୍ୟ ମନେ କରି ସମସ୍ତ ସମ୍ପତ୍ତି ଅର୍ପଣ କରିଥିଲେ। ପୁତ୍ର ପ୍ରତି ଅଧିକ ଆସ୍ଥା, ସ୍ନେହ ଓ ମମତାରୁ ତାଙ୍କ ଶେଷଜୀବନ ଦୁର୍ବିସହ ହୋଇଥିଲା। ପୁତ୍ର ରହିଲେ ଭୋଗବିଳାସରେ।

ଦେଶରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଘରର ବରିଷ୍ଠ ସଦସ୍ୟ କ୍ରମଶଃ ଅବହେଳାର ଶିକାର ହେଉଥିବା ଘଟଣା ପଦାକୁ ଆସୁଛି। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ୬୦ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟାଠାରୁ ଅଧିକ ହୋଇଯିବ। ଏହା ବିଶ୍ୱର ବିକାଶମୁଖୀ ଅଞ୍ଚଳ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବ। ଜନ୍ମ ହାର ହ୍ରାସ ଓ ଜୀବନ ଧାରଣ ଅବଧି ବୃଦ୍ଧି ଯୋଗୁଁ ଏହି ସମସ୍ୟା ଏବେ ତୀବ୍ର ହେବାରେ ଲାଗିଛି। ଭାରତର ଜନସଂଖ୍ୟାକୁ ଦେଖିଲେ ଦେଶ ଜନସଂଖ୍ୟାର ୧୧% ହେଉଛନ୍ତି ୬୦ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧.୧%। ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶକୁ ବାଦ ଦେଲେ ଦେଶର ଅନ୍ୟ ସବୁରାଜ୍ୟରେ ଜନ୍ମହାର ହ୍ରାସ ପାଇଛି। ଏଥିପାଇଁ ଆନ୍ଧ୍ରପ୍ରଦେଶ ସରକାର 'ତିନିସନ୍ତାନ' ନୀତିକୁ ପ୍ରୋତ୍ସାହିତ କରିଛନ୍ତି। ତେବେ ଅଧିକ ସନ୍ତାନ ପ୍ରସବ ଦ୍ୱାରା ବୃଦ୍ଧ ପିତାମାତାଙ୍କ ପ୍ରତି ପୁତ୍ରର ଉଚିତ୍ ଦାୟିତ୍ୱ ନିର୍ବାହ କରିପାରିବାର କିଛି ନିଶ୍ଚିତତା ନାହିଁ।

ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ରହିଛି। ଏହା ସତ୍ତ୍ୱେ ବୃଦ୍ଧ ପିତାମାତା ଅବହେଳାର ଶିକାର ହେଉଥିଲେ ମଧ୍ୟ ପରିବାରର ମର୍ଯ୍ୟାଦା ଦୃଷ୍ଟିରୁ ଆଇନର ଉପଯୋଗ କରିବାକୁ ଚାହୁଁନାହାନ୍ତି। ଆଉ କେତେକଙ୍କର ଅଦାଲତରେ ବୁଲିବା ପାଇଁ ଆଉ ବଳ ନାହିଁ। ଅନ୍ୟ ଦିଗରୁ ଦେଖିଲେ ଆଇନ ବା ଜରାଶ୍ରମ ଏ ସମସ୍ୟାର ବିଶେଷ ସମାଧାନ କରିପାରିବା ଭଳି ମନେ ହୁଏ ନାହିଁ। ପିତୃ-ମାତୃ ଦିବସ ପାଳନ ଏକ ଉତ୍ସବ। ବାସ୍ତବରେ ଦେଖିଲେ ସମସ୍ୟାଟି ମାନବିକ ମୂଲ୍ୟବୋଧର। ନୈତିକ ଦାୟିତ୍ୱବୋଧ ଏଥିସହ ଜଡ଼ିତ ରହିଛି। ଏଣୁ ପରିଣତ ବୟସର ପିତାମାତାଙ୍କ ମାନସିକତାକୁ ଶିକ୍ଷିତ ଆଧୁନିକ ସମାଜ ବୁଝିବା ଆବଶ୍ୟକ। ପୁତ୍ର ପରିବାରରେ ପିତାମାତାଙ୍କ ସ୍ଥାନ ଅନିବାର୍ଯ୍ୟ। ଏଥିରେ ଅର୍ଥନୈତିକ ଅବସ୍ଥା ଏକ ବାଧକ ନୁହେଁ। ଏକଥା ଆମେ ବୁଝିପାରିଲେ ଏ ସଂସାର ସୁନ୍ଦର, ତଥା ଶୃଙ୍ଖଳିତ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା

ଗୋସ୍ୱାମୀ ଅନାମ ଚରଣ ଦାଶ

ଏହା କେବଳ ଏକ ସ୍ଲୋଗାନ ନୁହେଁ; ଏକ ଗଭୀର ପ୍ରଶ୍ନ। ଯଦି ରାଷ୍ଟ୍ର ଦୁର୍ବଳ ହୋଇଯାଏ, ତାହାର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହୁଏ, ସମାଜ ଭିତରୁ ଭାଙ୍ଗିବାକୁ ଲାଗେ ତେବେ ନାଗରିକଙ୍କ ସ୍ୱାଧୀନତା, ଅଧିକାର ଓ ସୁରକ୍ଷା ଅକ୍ଷୁଣ୍ଣ ରହିପାରିବ? ଆମେ ସାଧାରଣତଃ ନାଗରିକ ଅଧିକାର ବିଷୟରେ କଥା ହେଉ। ମତପ୍ରକାଶର ସ୍ୱାଧୀନତା, ନ୍ୟାୟ, ସୁରକ୍ଷା, ଉନ୍ନତି, ସୁଯୋଗ, ଗରିମା। କିନ୍ତୁ ଏକ ମୌଳିକ ପ୍ରଶ୍ନ ଅନେକ ସମୟରେ ଆଲୋଚନାରୁ ବାହାରେ ରହିଯାଏ - ଏହି ସବୁ ଅଧିକାର କାହାର ଛତା ତଳେ ସମ୍ଭବ? ଏକ ସୁସଂଗଠିତ, ସୁରକ୍ଷିତ ଓ ସ୍ଥିର ରାଷ୍ଟ୍ର ବିନା ନାଗରିକତ୍ୱର ଅର୍ଥ କିଛି ରହିଥାଏ?

ଭାରତୀୟ ଚିନ୍ତନ ପରମ୍ପରା ଏହି ପ୍ରଶ୍ନକୁ ନୂଆ ଭାବେ ଦେଖିବାକୁ ଆମକୁ ଆମନ୍ତ୍ରଣ କରେ। ମହାଭାରତରେ ରାଜଧର୍ମ କେବଳ ଶାସନ ନୁହେଁ; ଏହା ଲୋକରକ୍ଷା, ନ୍ୟାୟ ଓ ସମାଜ ସମନ୍ୱୟର ଧର୍ମ। ରାମାୟଣରେ ରାମଙ୍କ ଶକ୍ତି କେବଳ ରାଜଶକ୍ତି ନୁହେଁ; ସେହି ଶକ୍ତି ଧର୍ମ ଦ୍ୱାରା ନିୟନ୍ତ୍ରିତ ଶକ୍ତି। ଅନ୍ୟପଟେ ରାବଣଙ୍କ ପାଖରେ ମଧ୍ୟ ଶକ୍ତି ଥିଲା, ଜ୍ଞାନ ଥିଲା, ସମ୍ପଦ ଥିଲା; କିନ୍ତୁ ଧର୍ମବୋଧର ଅଭାବ ତାଙ୍କୁ ଅବଶେଷରେ ବିନାଶର ପଥକୁ ନେଇଗଲା। ସେହିପରି ରାଷ୍ଟ୍ରଶକ୍ତିର ଆଲୋଚନା ମାନେ ଆକ୍ରମଣଶୀଳତାର ଆଲୋଚନା



ନୁହେଁ। ଏହା 'ରାବଣ ପଥ', 'କଂସ ପଥ', 'ଦୁର୍ଯ୍ୟୋଧନ ପଥ'ର ପକ୍ଷ ସମର୍ଥନ ନୁହେଁ। ବରଂ ଏହା ଧାର୍ମିକ ଶକ୍ତିର ଚିନ୍ତନ, ଯେଉଁଠାରେ ଶକ୍ତିର ଲକ୍ଷ୍ୟ ହେଉଛି ସୁରକ୍ଷା, ସ୍ଥିରତା, ନ୍ୟାୟ ଓ ଲୋକକଲ୍ୟାଣ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମଧ୍ୟ ଏହି ଦୃଷ୍ଟିକୋଣ ସ୍ପଷ୍ଟ। ସୁରକ୍ଷା, ସମ୍ପଦ, ପ୍ରଶାସନ, ସୀମାରକ୍ଷା, ଗୁପ୍ତସୂଚନା, ସମାଜିକ ସ୍ଥିରତା - ଏସବୁକୁ ସେ ରାଷ୍ଟ୍ରଜୀବନର ଆବଶ୍ୟକ ଭିତ୍ତି ଭାବେ ସେ ଦେଖିଥିଲେ। କାରଣ ଦୁର୍ବଳ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇପଡ଼େ। ଆଜିର ବିଶ୍ୱରେ ଏହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ। ସୁରକ୍ଷା କେବଳ ସୀମାରେ ସେନା ରଖିବାର ନାମ ନୁହେଁ। ଏହାର ଅର୍ଥ ହେଉଛି ସାର୍ବଭୌମତ୍ୱର ସୁରକ୍ଷା, ସାମାଜିକ ଏକତା, ଆର୍ଥିକ ସ୍ଥିରତା, ଖାଦ୍ୟ ଓ ଜଳ ସୁରକ୍ଷା, ସୂଚନା ଓ ସାଇବର ସୁରକ୍ଷା ଏବଂ ଏକ ଆତ୍ମବିଶ୍ୱାସୀ ସମାଜର ଗଠନ।

ଏଠାରେ ଆଉ ଏକ ପ୍ରଶ୍ନ ଉଠେ - ରାଷ୍ଟ୍ରର ସୁରକ୍ଷା କ'ଣ କେବଳ ସରକାର, ସେନା ବା ପୁଲିସର ଦାୟିତ୍ୱ? ନା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଏକ ନାଗରିକ ଧର୍ମ ରହିଛି? ଧାର୍ମିକ ଦୃଷ୍ଟିରୁ ଦେଖିଲେ, ନାଗରିକତ୍ୱ କେବଳ ଅଧିକାର ନୁହେଁ; ଏହା ଏକ କର୍ତ୍ତବ୍ୟ। ନିଜକୁ ସକ୍ଷମ କରିବା, ପରିବାରକୁ ସୁଦୃଢ଼ କରିବା, ସମାଜରେ ସହଯୋଗ ଓ ସେବାଭାବ ବଢ଼ାଇବା, ଦେଶର ସମସ୍ୟା ଓ ଆହ୍ୱାନକୁ ବୁଝିବା, ମାନସିକ ଓ ଶାରୀରିକ ଭାବେ ସୁଦୃଢ଼ ହେବା - ଏସବୁ ମଧ୍ୟ ନାଗରିକ ଜୀବନର ଅଂଶ ହୋଇପାରେ। ଏହାର ଅର୍ଥ ଏମିତି ନୁହେଁ ଯେ ଆମେ ଭୟ, ଘୃଣା ବା ଅନ୍ଧ ଜାତୀୟତାର ରାଜନୀତିକୁ ସମର୍ଥନ କରିବା। ଭାରତୀୟ ସଭ୍ୟତାର ଶକ୍ତି ହେଉଛି ତାହାର କରୁଣା, ବିବିଧତା, ସହଅସ୍ତିତ୍ୱ ଓ ଧର୍ମବୋଧ। କିନ୍ତୁ କରୁଣାର ଅର୍ଥ ଦୁର୍ବଳତା ନୁହେଁ; ଶକ୍ତିର ଅର୍ଥ ନିଷ୍ଠୁରତା ନୁହେଁ। ଧାର୍ମିକ ପଥ ଏହି ଦୁଇର ମଧ୍ୟରେ ସନ୍ତୁଳନ ଖୋଜେ।

ଆଜି ଭାରତ ସମ୍ମୁଖୀନ ଅନେକ ପ୍ରଶ୍ନରେ ଯଥା - ସୀମା ସୁରକ୍ଷା, ସାମାଜିକ ସମନ୍ୱୟ, ସୂଚନା ଯୁଦ୍ଧ, ସାଂସ୍କୃତିକ ଆତ୍ମବିଶ୍ୱାସ, ଯୁବପିଢ଼ିର ପ୍ରସ୍ତୁତି, ଉପନିବେଶିକ ମାନସିକତାରୁ ମୁକ୍ତ ଆଦି। ଏହି ପ୍ରଶ୍ନଗୁଡ଼ିକୁ ଆମେ କେବଳ ରାଜନୀତିକ ସ୍ଲୋଗାନ ଭାବେ ନୁହେଁ, ବରଂ ନାଗରିକ ଧର୍ମର ପ୍ରଶ୍ନ ଭାବେ ଦେଖିପାରିବା କି? ଶେଷରେ ପ୍ରଶ୍ନଟି ସରଳ: ଆମେ କ'ଣ କେବଳ ସୁବିଧାଭୋଗୀ ନାଗରିକ ହୋଇ ରହିବାକୁ ଚାହୁଁଛୁ ନା ସଚେତନ, ସକ୍ଷମ, କରୁଣାଶୀଳ ଓ ଦାୟିତ୍ୱବାନ ନାଗରିକ ଭାବେ ଏକ ସୁଦୃଢ଼ ରାଷ୍ଟ୍ର ଗଢ଼ିବାର ସହଭାଗୀ ହେବାକୁ ଚାହୁଁଛୁ? ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା ସମ୍ଭବତଃ ଏହି ପ୍ରଶ୍ନର ଏକ ଚିନ୍ତନମୂଳକ ଆରମ୍ଭ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା
ମୋ: ୯୯୩୭୨୨୭୯୯୪

## ବିନ୍ଦୁର ସିନ୍ଧୁ ଦର୍ଶନ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଜଗନ୍ନାଥ ବେହେରା

ଅନନ୍ତକୋଟି ବ୍ରହ୍ମାଣ୍ଡର ଠାକୁର। ନାହିଁ ଆଦି ନାହିଁ ଅନ୍ତ। ଶୂନ୍ୟରେ ସେ, ଜଡ଼ରେ ସେ। ଆକାଶରେ ପାତାଳରେ ସେ। ସେ ଜଗତର ନାଥ ଜଗନ୍ନାଥ। ପତିତ ଉଦ୍ଧାର ପାଇଁ ପତିତପାବନ। ରାଜାଧିରାଜ କାଳିଆ ସାଆନ୍ତ। ମହାବାହୁ ବଳିଆର ଭୁଜ। ଯିଏ ବାଇଶି ପାହାଚ ପରେ ପରେ ଶାଳଗ୍ରାମ ସିଂହାସନରେ ବିଜେ। ସବୁଠୁ ବଡ଼ଦେଉଳରେ ତାଙ୍କର ନିବାସ। ବିଶ୍ୱବିଖ୍ୟାତ ନୀଳାଚଳ ଧାମ। ବିଶାଳ ବଡ଼ଦାଣ୍ଡ। ମର୍ତ୍ତ୍ୟର ସ୍ୱର୍ଗଭୂମି। ପାଦ ପଡ଼ିଲେ ପ୍ରାଣ ହୁଏ ପବିତ୍ର। ବିଶ୍ୱର ବଡ଼ ଯାତରା - ଘୋଷଯାତରା। ଆସ୍ତିକ ନାସ୍ତିକଙ୍କ ମିଶ୍ରଣ ପର୍ବ। ଧନୀନିର୍ଧନ ସଭିଏଁ ସମାନ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନରେ ମୋକ୍ଷ ପ୍ରାପ୍ତି। ପାପ ଉପରେ ପୁଣ୍ୟର ବିଜୟ ରଥ। ବିରାଟ ରନ୍ଧାଶାଳ। ଅଭଡ଼ା ନିର୍ମାଲ୍ୟ ପାଟିରେ ପଡ଼ିଲେ ଜୀବନଚକ୍ରରୁ ମୁକ୍ତ। ଉଚ୍ଚ ମୁକ୍ତିମଣ୍ଡପ। ମୋକ୍ଷ ଓ ମୁକ୍ତିର ସିଡ଼ି। ଜଗତଜିତାର ପ୍ରତୀକ। କି ସୁନ୍ଦର ଗୋଲ ଗୋଲ ଆଖି। ଆଖି ନୁହଁ ସେ ସୂର୍ଯ୍ୟ ଓ ଚନ୍ଦ୍ର। ପ୍ରଚଣ୍ଡ ଉତ୍ତାପ ଆଉ ଶାନ୍ତି ଶୀତଳର ପ୍ରତୀକ। ନାଲି ନାଲି ଓଠ। ମୁରୁକି ମୁରୁକି ହସ। ପାହୁଣ୍ଡେ ପାହୁଣ୍ଡେ ଚାଲି। ଭାବିଚିନ୍ତି ଗତି କରିବାର ନିୟମ। ଖଣ୍ଡିଆ ଖଣ୍ଡିଆ ହାତ। କେହି କିଛି ଆଣି ନାହାନ୍ତି କି କେହି କିଛି ନେବେନାହିଁ। ମୁଠାଏ ମାଟି ବି ତୁମର ନାହିଁ। ଆଜି ମାଟି ଉପରେ କାଲି ମାଟି ତଳେ। ଆଜି ଗର୍ବ ଅହଙ୍କାର କାଲି ନିରବ। ସେ ସରଧା ବାଲି ମୁଁ ଟିପେ ଧୂଳି। ଉଡ଼ି ଗଡ଼ି ପଡ଼ି କେବେ କେଉଁଠି। ସ୍ଥିତି ନାହିଁ କି ମୋର ସ୍ଥାନ ନାହିଁ। ସିନ୍ଧୁଙ୍କ ଇଚ୍ଛାରେ କେବେ କାହା ପାଦରେ କେବେ ମଥାରେ।

ସେ ହିଁ ସକଳ ସୃଷ୍ଟିର ଆଧାର। ତାଙ୍କ ଆଜ୍ଞା, ଆଦେଶ, ଉପଦେଶ ଓ ନିର୍ଦ୍ଦେଶରେ ଆକାଶରେ ମାଳ ମାଳ ମେଘ। ସାଗର ସାଗର ଜଳ। ବ୍ରହ୍ମାଣ୍ଡରେ ଆତଯାତ ଯେତେ ଯେତେ ଗ୍ରହ। କୋଟି କୋଟି ନକ୍ଷତ୍ର, ବୃକ୍ଷଲତା, ଜୀବଜନ୍ତୁ। ସେ ହିଁ ଜନ୍ମର କାରଣ। ମୃତ୍ୟୁର ଦାରୁଣ। ସେ ଚାହିଁଲେ ବର୍ଷା ନ ଚାହିଁଲେ ମରୁଡ଼ି। ସେ ଚାହିଁଲେ ଶୀତ, ଖରା, ବସନ୍ତ। ଏଠି ଦୁବ ମଧ୍ୟ କରେ ଦାରୁ ଦର୍ଶନ।



ସେ ପୁଣ୍ୟ ମୁଁ ପାପୀ। ସେ ସତ୍ୟ ମୁଁ ମିଥ୍ୟା। ସେ ପବିତ୍ର ମୁଁ ଅପବିତ୍ର। ସେ କୋଟିଏରେ ଗୋଟିଏ। ମୁଁ ଅଜଣା ଅଶୁଣା ମାନବ ଟିଏ। ସେ ଆଲୋକ ମୁଁ ଅନ୍ଧାର। ସେ ବିଶାଳ ଆକାଶ। ମୁଁ ତୃଷାତୁର ଚାତକ। ସେ ସ୍ୱର୍ଗ ମୁଁ ନର୍କ। ତାଙ୍କର ନଡ଼ା ବାଉଁଶ। ମୁଁ ଆଣି କରିଛି ଘର। ତାଙ୍କର ଇଟା ପଥର। ମୁଁ କେବଳ ବୋହି ଆଣି ଜମା କରିଛି। ତାଙ୍କର ଧାନ, ଚାଉଳ, ମାଣ୍ଡିଆ। ବଞ୍ଚିବା ପାଇଁ ପେଟକୁ ମୁଁ ଖାଉଛି। ପବନ ତାଙ୍କର। ଟିକିଏ ପ୍ରଶ୍ୱାସ ପାଇଁ ମାଗିଛି। ସବୁ ତାଙ୍କର ମୋର କିଛି ନାହିଁ। ଫୁଲ ତାଙ୍କର, ପତ୍ର, ଫଳ ଓ ମୂଳ ମଧ୍ୟ ତାଙ୍କର। ମୁଁ ଏକ ନିର୍ମୁଳି ଲତା। ଚେର ନାହିଁ କି ଶାଖା ନାହିଁ। ପରଜୀବୀଟିଏ। ସେ ଆଶ୍ରୟ ଦାତା ମୁଁ ଆଶ୍ରିତ।

ସେ ନିରାକାର, ଆକାର ମଧ୍ୟ। ସେ ଶୂନ୍ୟବାଦୀଙ୍କ ନିମନ୍ତେ ନିରାକାର। ପ୍ରକୃତି ଉପାସକ ନିମନ୍ତେ ଦାରୁ। ମୂର୍ତ୍ତି ପୂଜକ ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତି। ଜୈନ ଓ ବୌଦ୍ଧିଷ୍ଟି ପାଇଁ ମହାବୀର, ବୁଦ୍ଧ। କାଠରେ, ପଥରରେ, ମାଟି, ପାଣି, ପବନରେ ସର୍ବତ୍ର ସେ ହିଁ ସେ। ସେ ସର୍ବବିଦ୍ୟମାନ ଏବଂ ସର୍ବଶକ୍ତିମାନ। ଏକ ବ୍ରହ୍ମ ଦ୍ୱିତୀ ନାସ୍ତି। ନାଦରେ ସେ ନାଦ ବ୍ରହ୍ମ। ରାମ ପାଇଁ ଯେତିକି ରାମିଆଁ ପାଇଁ ସେତିକି। ତପି ପାଇଁ ଯାହା ପାପୀ ପାଇଁ ତାହା। ବାଳୁତ ପାଇଁ ଯେମିତି ବୃଦ୍ଧ ପାଇଁ ସେମିତି। ଯେଉଁ ରୂପରେ ଚାହିଁବ, ଯେଉଁ ସ୍ଥାନରେ ଡାକିବ ସେ ଦର୍ଶନ ଦେବେ। ବର୍ଷା ରୂପରେ ମୃଗଣୀକୁ। ନୃସିଂହ ରୂପରେ ପ୍ରହଲ୍ଲାଦଙ୍କୁ। ଯୁଦ୍ଧ ଭୂମିରେ ଅର୍ଜୁନଙ୍କୁ। ସେ ହିଁ ଅବତାର ଓ ଅବତାରୀ। ନିଜକୁ ବିନ୍ଦୁ କରି ଦିଅ। ସିନ୍ଧୁଦର୍ଶନ କରିବ। ସେ ହିଁ ଜଣେ। ସେ ସକଳ ସୃଷ୍ଟିର ଆଧାର - 'ଶ୍ରୀ ଜଗନ୍ନାଥ'।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଣସର ପିଣ୍ଡିରେ...

ଦୁର୍ଲଭ ହାତୀବେଶ ଧାରଣ କରିଛନ୍ତି ଶ୍ରୀଜୀଉ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଛୁଳି ପଡ଼ିଥିଲା ସିଂହଦ୍ୱାର ଓ ବଡ଼ଦାଣ୍ଡ। ପହଣ୍ଡି ଆରମ୍ଭରୁ ମାତ୍ର ୧୫ ମିନିଟ୍ ବିଳମ୍ବ ହୋଇଥିଲେ ହେଁ ମଙ୍ଗଳ ଆଳତି ବେଳକୁ ପୁଣି ସଅଳ ହୋଇଥିଲା ନୀତିକାନ୍ତି। ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ।

ଆରମ୍ଭରୁ ଅଧଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ୫ଟା ୫ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ବାଜିଥିଲା ବିଜେ କାହାଳୀ। ଭୋର ୫ଟା ୧୫ରେ ଆରମ୍ଭ ହୋଇଥିଲା ସ୍ନାନ ପହଣ୍ଡି। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ମାତ୍ର ୨୫ ମିନିଟ୍ ବିଳମ୍ବ ଅର୍ଥାତ୍ ୭ଟା ୨୫ରେ ପହଣ୍ଡି ସରିଥିଲା। ୭ଟା ୩୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୭ଟା ୪୦ରେ ବିଜେ କରିଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୯ଟାରେ ମଙ୍ଗଳ ଆଳତି ଲାଗି ନୀତିକାନ୍ତି ସ୍ଥିର ହୋଇଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୮ଟା ୧୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ଣ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷହୋମ ବଢ଼ି ନିର୍ଘଣ୍ଟ ସମୟରେ ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା।

ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡ଼ୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ପୂର୍ବାହ୍ଣ ୧୧ଟା ୧୫ରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ। ୧୦୮ ଗଡ଼ୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ଜଳଲାଗି ପୂଜା ବଢ଼ିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାଷିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡ଼ୁ, ଦେବୀ ସୁଭଦ୍ରା ୨୨ ଗଡ଼ୁ, ଶ୍ରୀଜଗନ୍ନାଥ ୩୫ ଗଡ଼ୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡ଼ୁ ଜଳରେ ସ୍ନାନ କରିଥିଲେ। ନୂଆ ଲୁଗା ଲାଗି ବେଶ ପରେ ଗଜପତିଙ୍କ ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବାବେଳେ ଏହା ନିର୍ଘଣ୍ଟ ସମୟ ଅର୍ଥାତ୍ ୩ଟା ୩୫ରେ ସରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ଅପରାହ୍ଣ ୪ଟାରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଠିକ୍ ୪ଟାରେ ବେଶ ଆରମ୍ଭ ହୋଇଥିଲା। ପ୍ରାୟ ୪୦ ମିନିଟ୍ ଧରି ଏହି ବେଶ ଚାଲି ୪ଟା ୪୦ରେ ସମ୍ପୂର୍ଣ୍ଣ ହୋଇଥିଲା।

### ଓଡ଼ିଶା ଭଣ୍ଡାରରେ...

ଜଳଭଣ୍ଡାରରେ ୬୬.୧୧ ବିଏମସି ଜଳ ଗଚ୍ଛିତ ରହିଥିଲା। ଉତ୍ତର ଭାରତରେ ୧୧ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୯.୮ ବିଏମସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଅଛି ମାତ୍ର ୬.୬ ବିଏମ୍ସି। ଉତ୍ତର ଭାରତରେ ୨୭ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୨୧.୭ ବିଏମ୍ସି ଥିବା ବେଳେ ୪.୩ ବିଏମ୍ସି ଜଳ ଗଚ୍ଛିତ ରହିଛି। ପଶ୍ଚିମ ଭାରତରେ ସର୍ବାଧିକ ୫୩ଟି ଜଳଭଣ୍ଡାର ରହିଛି। ଏହାର ଜଳଧାରଣ କ୍ଷମତା ୩୮.୦୯ ବିଏମ୍ସି ଥିବା ବେଳେ ଅଛି ୧୦.୮୬ ବିଏମ୍ସି। କେନ୍ଦ୍ରାଞ୍ଚଳରେ ୨୮ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୪୮.୫୮ ବିଏମ୍ସି ଥିବା ବେଳେ ଜଳ ରହିଛି ୧୫.୬୭ ବିଏମ୍ସି। ସେହିଭଳି ଦକ୍ଷିଣ ଭାରତରେ ୪୭ଟି ଜଳଭଣ୍ଡାରରେ ୫୫.୨୮ ମଧ୍ୟରୁ ପାଣି ରହିଛି ମାତ୍ର ୧୧.୪୭ ବିଏମ୍ସି। କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ୬ଟି ରାଜ୍ୟରେ ପରିସ୍ଥିତି ଭୀଷଣ ଖରାପ। ଏହି ରାଜ୍ୟମାନଙ୍କରେ ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଇଛି ବୋଲି ଜାତୀୟ ଜଳ କମିସନ ପକ୍ଷରୁ କୁହାଯାଇଛି। ଏହି ସୂତ୍ର ଅନୁଯାୟୀ ସବୁଠାରୁ ଖରାପ ସ୍ଥିତିରେ ରହିଛି ପଶ୍ଚିମ ବଙ୍ଗ। ଏଠାରେ ଜଳଭଣ୍ଡାର ଜଳସ୍ତର ୧୩.୮୧ ପ୍ରତିଶତକୁ ଖସିଯାଇଛି। ଏହା ଉପରକୁ ରହିଛି ତେଲେଙ୍ଗାନା (୧୩.୯୨%) ଏବଂ କର୍ଣ୍ଣାଟକ (୧୪.୭୧%)। ଓଡ଼ିଶା ଜଳଭଣ୍ଡାର ମାନଙ୍କରେ ଗଚ୍ଛିତ ପରିମାଣ ୧୫.୨୮ ପ୍ରତିଶତକୁ ଖସିଯାଇଛି। ଉତ୍ତରାଖଣ୍ଡରେ ୧୫.୬୨ ଏବଂ ମହାରାଷ୍ଟ୍ରରେ ୨୧.୮୬ ପ୍ରତିଶତକୁ ଖସି ଆସିଛି ଜଳଭଣ୍ଡାର ସ୍ତର। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଜୁନ ୨୫ ତାରିଖ୍ ପର୍ଯ୍ୟନ୍ତ ଦେଶରେ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି କେନ୍ଦ୍ରାଞ୍ଚଳ। ଦେଶର ୭୬ ଭାଗ ଅଞ୍ଚଳ ପ୍ରାୟ ଶୁଖିଲା ପଡ଼ିଛି। ତେବେ ଚଳିତ ସପ୍ତାହ ଶେଷ ଆଡ଼କୁ ପରିସ୍ଥିତିରେ ସୁଧାର ଆସିପାରେ ବୋଲି ଅନୁମାନ କରାଯାଉଛି। ୨୦୦୯ ରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିବର୍ଷ ଜୁନ ମାସରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ସମଗ୍ର ବର୍ଷରେ ସ୍ୱାଭାବିକ ଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଥିଲା।

### ମୌସୁମୀର ବଦମିଜାଜ୍...

ବାକି ଥିବା ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଆବୃତ୍ତ କରିବ। ବର୍ତ୍ତମାନ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀରେ ମୌସୁମୀ-ପୂର୍ବ ବର୍ଷା ଜାରି ରହିଛି। ପାଣିପାଗ ବିଭାଗ ଆଜି ଆସାମ, ମେଘାଳୟ, ସିକିମ୍ ଏବଂ ପଶ୍ଚିମବଙ୍ଗର ତଳିଆ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରିଛି। ଇତିମଧ୍ୟରେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର, ଗୁଜରାଟ ସମେତ ୭ଟି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

### ଅଯୋଧ୍ୟା ଛାଡ଼ିବାକୁ...

ହୋଇଛି। ଆନୁଷ୍ଠାନିକ ଭାବେ ପୁଲିସ୍ ନିକଟରେ ଅଭିଯୋଗ ହେବା ଏବଂ ସ୍ୱତନ୍ତ୍ର ପଦାଧିକାରୀ ଦଳ (ଏସ୍ଆଇଟି) ତଦନ୍ତ ଆରମ୍ଭ କରିବା ପୂର୍ବରୁ ହିଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୁକ୍ତଙ୍କଠାରୁ ୫୮ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ବାକି ଅର୍ଥ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ କରାଯାଇଛି। ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଭଳି ଗୋପନୀୟ ଅର୍ଥ ଆଦାୟକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂତ୍ର ଅନୁଯାୟୀ, ଗତ ଜୁନ୍ ୪ ତାରିଖରେ ଟ୍ରଷ୍ଟ ପାଖରେ ପାଣ୍ଠି ଚୋରି ସମ୍ପର୍କିତ ସୂଚନା ପହଞ୍ଚିଥିଲା। ଏହା ପରଦିନ ଅର୍ଥାତ୍ ଜୁନ୍ ୫ ତାରିଖରେ, ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିର୍ଦ୍ଦେଶରେ କିଛି ସଦସ୍ୟ ପୁଲିସ୍ କର୍ମଚାରୀଙ୍କ ସହ ମିଶି ମୁଖ୍ୟ ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରୁ ପ୍ରାୟ ୫୮ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା। ଏହା ପରେ ଜୁନ୍ ୫ରୁ ୮ ତାରିଖ ମଧ୍ୟରେ ବାକି ଟଙ୍କା ଅଭିଯୁକ୍ତମାନେ ବ୍ୟାଙ୍କ ଜମା ଜରିଆରେ ଟ୍ରଷ୍ଟକୁ ଫେରସ୍ତ କରିଥିଲେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜନସାଧାରଣଙ୍କ ସାମ୍ନାକୁ ଆସିବା ପୂର୍ବରୁ ହିଁ ଶେଷ ହୋଇଯାଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ସିସିଟିଭି ଚିତ୍ରରେ ଅଭିଯୁକ୍ତ ଜଣକ କଳା ବ୍ୟାଗ୍ ଧରି ପୁଲିସ୍ ସହ ଯାଉଥିବା ଦେଖିବାକୁ ମିଳିଛି।

ଗତ ଜୁନ୍ ୭ ତାରିଖରେ ଏହି ଚୋରି ଖବର ସାମ୍ନାକୁ ଆସିବା ପରେ ଉତ୍ତର ପ୍ରଦେଶ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଥିଲେ। ଏହି ଅନୁସନ୍ଧାନ ଆଧାରରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଲାଙ୍କ ସମେତ ଆଠ ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି। ଅନ୍ୟପଟେ, ଏହି ବିବାଦ ଉଗ୍ର ରୂପ ନେବା ପରେ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଅନ୍ୟତମ ସଦସ୍ୟ ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସ୍ୱତନ୍ତ୍ର ତଦନ୍ତ ଦଳ ନିଜ ରିପୋର୍ଟରେ ଦର୍ଶାଇଛି ଯେ, ମନ୍ଦିରର ଦାନ ପରିଚାଳନା, କର୍ମଚାରୀ ଚୟନ ଏବଂ ସିସିଟିଭି ନଜର ରଖିବା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଥିଲା। ବାହ୍ୟ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ଏହି ହେରଫେର୍‌ରେ ସାମିଲ ଥିଲେ। ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସରକାରଙ୍କ ସୁରକ୍ଷା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହି ମାମଲାରେ ସ୍ୱଚ୍ଛ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଟ୍ରଷ୍ଟ କେଉଁ ଆଧାରରେ ଏବଂ କିଭଳି ଭାବେ ଅର୍ଥ ଉଦ୍ଧାର କଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି।

### ସରକାରରେ ଗଣିତ...

ଏହି ମନ୍ତବ୍ୟ ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ବିଳମ୍ବରେ ହେଲେ ମଧ୍ୟ ତ୍ରୁଟିଶୂନ୍ୟ ବହି ମିଳିବ ବୋଲି ପିଲା ଓ ଅଭିଭାବକ ଆଶା କରିଥିଲେ। ମାତ୍ର ଆଜି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମରେ ବିପରୀତ କଥା କହିଛନ୍ତି। ସେ କହିଛନ୍ତି ଯେ ବିଦ୍ୟାଳୟକୁ ସଂଶୋଧିତ ପୁସ୍ତକ ପ୍ରଦାନ କରାଯିବ। ଶିକ୍ଷକମାନେ ତାକୁ ଦେଖି ପିଲାଙ୍କୁ ପାଠ ପଢ଼ାଇବେ। ଅର୍ଥାତ୍ ନୂତନ ପୁସ୍ତକ ସମସ୍ତ ପିଲାଙ୍କୁ ନୁହେଁ, ବରଂ କେବଳ ଶିକ୍ଷକଙ୍କୁ ପ୍ରଦାନ କରାଯିବ ବୋଲି ଏକ ପ୍ରକାର ପରୋକ୍ଷ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେପସ୍ତ କରାଯିବ ବୋଲି କହୁଥିବାବେଳେ ଶିକ୍ଷାମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପୁଣିଥରେ ବିବାଦ ବଢ଼ାଇଛି। ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ଛାପି ପିଲାଙ୍କୁ ଯୋଗାଇବାକୁ ଦାବି ବଢ଼ୁଥିବାବେଳେ ସରକାର ତୁରନ୍ତ ଏନେଇ ସ୍ପଷ୍ଟୋକ୍ତି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

### ୯ ନାମକୁ ନେଇ...

ନେଇଥିବା କାକୋଲି ଘୋଷ ଦସ୍ତିଦାର ଓ ରାମାନନ୍ଦ ସାଗରଙ୍କ ରାମାୟଣରେ ରାମ ଚରିତ୍ରରେ ଅଭିନୟ କରିଥିବା ମେରଠ ସାଂସଦ ଅରୁଣ ଗୋଭିଲଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ପଞ୍ଜାବର ବରିଷ୍ଠ ବିଜେପି ନେତା ଓ ନବନିର୍ବାଚିତ ରାଜ୍ୟସଭା ସାଂସଦ ତରୁଣ ଚୁଘଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି। ଆଗକୁ ପଞ୍ଜାବରେ ବିଧାନସଭା ନିର୍ବାଚନ ଥିବାରୁ ତାଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି। ଦୀର୍ଘ ଦିନ ଧରି ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ତରୁଣଙ୍କୁ ପଞ୍ଜାବରେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ। ପୁନଶ୍ଚ ମହାରାଷ୍ଟ୍ରର କଲ୍ୟାଣ ଲୋକସଭା ସାଂସଦ ଶ୍ରୀକାନ୍ତ ଶିନ୍ଦେଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିବସେନାର ସାଂଗଠନିକ ରଣନୀତିରେ ସକ୍ରିୟ ଭୂମିକା ନେଇଥିବାରୁ ତାଙ୍କୁ କେନ୍ଦ୍ରରେ ସୁଯୋଗ ମିଳିପାରେ। ଅନୁରୂପ ଭାବରେ ମହାରାଷ୍ଟ୍ରର ଅନ୍ୟ ଜଣେ ସାଂସଦ ସଞ୍ଜୟ ଦୀନା ପାଟିଲଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ଏନସିପିରୁ ରାଜନୀତି ଆରମ୍ଭ କରି ପରେ ଶିବସେନା (ଶିନ୍ଦେ ଗୋଷ୍ଠୀ) ରେ ଯୋଗ ଦେଇଥିବା ପାଟିଲଙ୍କୁ ମହାଯୁତି ମେଣ୍ଟକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ପଦ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାବ୍ୟତୀତ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ପ୍ରହ୍ଲାଦ ଯୋଶୀଙ୍କ ବିଭାଗ ପରିବର୍ତ୍ତନ କରାଯାଇପାରେ। ଉଭୟଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି କୁହାଯାଉଛି।

### ଅଭିଯୁକ୍ତକୁ ଆଜୀବନ...

ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଦସ୍ତାବିଜ୍‌କୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିଥିଲେ। ସିସିଟିଭି ଫୁଟେଜ ଓ ବିଭିନ୍ନ ଦିଗକୁ ତଦନ୍ତ କରି ପୁଲିସ ରାକେଶ ଏବଂ ତା' ସହଯୋଗୀ ଅମରେଶ ଓ ଶକ୍ତି ଶେଖର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସୋମବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା। ୨୨ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା, ଅନାଦେୟ ୧ବର୍ଷ ଜେଲ୍ ଏବଂ ସହଯୋଗୀ ଅମରେଶ ରାଉତକୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା, ଅନାଦେୟ ୩ମାସ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଶକ୍ତିଶେଖର ସ୍ୱାଇଁଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଆଇନସେବା ପ୍ରାଧିକରଣ ପକ୍ଷରୁ ମୃତ ଝରାଫୁଲଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୀତାଂଶୁ ମହାନ୍ତି ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର(କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ। ଏହି ଘଟଣାରେ ଯାଜପୁର ପୁଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନ୍‌ଗୋ ଓ କୁଆଖିଆ ଥାନା ଅôଧକାରୀ ସୁଶାନ୍ତ କୁମାର ସେଠୀ ସୋମବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ରାୟକୁ ସ୍ୱାଗତ କରିବା ସହ ଘଟଣାଟି ସଂପୂର୍ଣ୍ଣ ସମ୍ବେଦନଶୀଳ ହୋଇଥିବା ବେଳେ ପୁଲିସର ତତ୍ପରତା ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କରି ପୀଡ଼ିତା ପରିବାର ନ୍ୟାୟ ପାଇଥିବାରୁ ଏହି ଘଟଣାରେ ତଦନ୍ତ କରିଥିବା ପୋଲିସ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ।

## ମା' ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୧.୨୨ କୋଟି

**ରାୟଗଡ଼, ୨୯।୬ (ସମିସ):** ରାୟଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ଦାନ ହୁଣ୍ଡିର ଗଣତି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶେଷ ହୋଇଛି। ସକାଳୁ ଆରମ୍ଭ ହୋଇଥିବା ଗଣତି ପ୍ରକ୍ରିୟାରେ ଓଡିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ, ୨୦୦ ଜଣ ସ୍ୱେଚ୍ଛାସେବୀ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ସମସ୍ତ ହୁଣ୍ଡିର ଦାନ ଗଣନା କରାଯାଇଥିଲା। ଗଣତି ଶେଷ ପରେ ମୋଟ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ନଗଦ ଦାନ ମିଳିଥିବା ଜଣାପଡ଼ିଛି। ଏଥିସହ ୩୨ ଗ୍ରାମ ସୁନା ଏବଂ ୧ କିଲୋ ୩୦୦ ଗ୍ରାମ ରୁପା ଅଳଙ୍କାର ମଧ୍ୟ ହୁଣ୍ଡିରୁ ବାହାରିଛି ବୋଲି ମନ୍ଦିର ଟ୍ରଷ୍ଟି ରାଇସିଂ ବିଡ଼ିକା କହିଛନ୍ତି। ନଗଦ ଦାନ ମଧ୍ୟରେ ୧୦୦ ଟଙ୍କିଆ ନୋଟ୍ ସର୍ବାଧିକ ରହିଥିବା ବେଳେ ୫୦୦, ୨୦୦, ୫୦, ୨୦ ଓ ୧୦ ଟଙ୍କିଆ ନୋଟ୍‌ର ମଧ୍ୟ ବିପୁଳ ପରିମାଣ ମିଳିଛି। ସେହିପରି ୨୦, ୧୦, ୫, ୨ ଓ ୧ ଟଙ୍କିଆ କଏନ୍ ମଧ୍ୟ ଭକ୍ତମାନେ ଦାନ କରିଛନ୍ତି। ହୁଣ୍ଡିରୁ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେପାଳ, କତାର, ଚୀନ ଓ ଫିଲିପାଇନ୍ସ ସମେତ ୮ଟି ଦେଶର ବିଦେଶୀ ମୁଦ୍ରା ମଧ୍ୟ ବାହାରିଛି। ଏଥିରେ ଆମେରିକାର ୧୦ ଡଲାର ଓ ୧ ଡଲାର, କାନାଡାର ୫ ଡଲାର, ଅଷ୍ଟ୍ରେଲିଆର ୫ ଡଲାର, ୟୁଏଇର ୫ ଦିରହାମ୍, ନେପାଳର ୧୦ ରୁପି, କତାରର ୧ ରିୟାଲ୍, ଚୀନର ୧ ୟୁଆନ୍ ଏବଂ ଫିଲିପାଇନ୍ସର ୨୦ ପିସୋର ଗୋଟିଏ ଲେଖାଏଁ ନୋଟ୍ ରହିଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଦେଶ ଓ ବିଦେଶରେ ଥିବା ମା'ଙ୍କ ଭକ୍ତମାନେ ନିଜ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ସ୍ୱରୂପ ଏହି ଦାନ ଅର୍ପଣ କରିଛନ୍ତି।


**NOTICE**
**(above 18 years of age)**

By virtue of an affidavit sworn before Notary Public, Udala, Mayurbhanj, dated 14-05-2026 I, Umakanta Sahu, Address At- Dhanghera, Po- Dhanghera, Ps - Udala, Dist- Mayurbhanj, PIN- 757087, Odisha declare that I have changed my name from Sipusahu to Umakanta Sahu. Henceforth, I shall be known as Umakanta Sahu for all purposes.

(Umakanta Sahu)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar C.F. No. 08, dated 17/06/2026, I **SAROJINI SAHOO** W/o Gangadhar Sahoo resident of Village At- Kendupalli, Dist- Cuttack, Odisha, Pin- 754009 declare that I have changed my name from **SINI SAHOO** (Old Name) to **SAROJINI SAHOO** (New Name). I further declare that **SINI SAHOO** and **SAROJINI SAHOO** refer to one and the same person, that is myself. Henceforth, I shall be known as **SAROJINI SAHOO** for all future purposes.

Sd- **SAROJINI SAHOO**

**AFFIDAVIT**

By virtue of an affidavit CF No.108, sworn before the Executive Magistrate, Bhubaneswar, dated: 23.06.2026, I, **Badani Dehuri,** resident of At/PO: Nimabahali, P.S: Balimi, Dist: Dhenkanal, Odisha, PIN-759121, declare that I have changed the name of my son from Pravat Kumar Murmu to Pravat Kumar Sahoo. Henceforth, he shall be known as **Pravat Kumar Sahoo** for all purposes.

**AFFIDAVIT**

I, Sandip Guha Roy, aged about 59 years, S/o- Late Ashok Guha Roy, resident of Assotech World, Flat No: B1-1308, Avenue 01, Plot No.274, NH-16, Rudrapur, Bhubaneswar, Balianta, Khorda, Pin-752101, Odisha declared by this affidavit CF No. 80, dtd- 29.06.2026 that now onwards I shall be known as **SANDEEP GUHA ROY** for all future purposes.



**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ନଂ. W/623/5/1/NIT — **ଇ-ଟେଣ୍ଡର ବିଜ୍ଞପ୍ତି** — ତାରିଖ: ୨୬.୦୬.୨୦୨୬

**ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ କାର୍ଯ୍ୟ**

ରତଲାମ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ (WA) www.ireps.gov.in ୱେବସାଇଟ୍ ମାଧ୍ୟମରେ 'ଓପେନ୍ ଇ-ଟେଣ୍ଡର' ଆହ୍ୱାନ କରୁଛନ୍ତି। ବିବରଣୀ ନିମ୍ନପ୍ରକାର:- କ୍ରମିକ ସଂଖ୍ୟା-୧ : ଇ-ଟେଣ୍ଡର ନଂ. RTM-2026-27-8R। କାର୍ଯ୍ୟର ନାମ : ଜୋନ୍ ନଂ. 4A ରତଲାମ ରେଳବାଇ କଲୋନୀ କ୍ୱାର୍ଟର୍ସ (ବି.ଜି. ଲାଇନର ପୂର୍ବ ପାର୍ଶ୍ୱ ବ୍ୟତୀତ), ଅଫିସର ବଙ୍ଗଳା/କ୍ୱାର୍ଟର୍ସ, ସର୍ଭିସ୍ ବିଲ୍ଡିଂ ଓ ରେଳବାଇ ହସ୍ପିଟାଲ୍। ଏହି ଜୋନ୍‌ରେ SSE/W-1/RTM ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ। ଆନୁମାନିକ ମୂଲ୍ୟ : ଟ.1,92,09,339.99। ଜମାନତ ରାଶି : ଟ.3,84,200.00। କ୍ରମିକ ସଂଖ୍ୟା-୨ : ଇ-ଟେଣ୍ଡର ନଂ. RTM-2026-27-10R। କାର୍ଯ୍ୟର ନାମ : ଜୋନ୍ ନଂ. 4-C ରତଲାମରେ ସର୍ଭିସ୍ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର୍ସ ଓ କୁରେଲ ଡ୍ୟାମରେ ହ୍ୱାଇଟ୍ ୱାଶ୍, କଲର୍ ୱାଶ୍ ଇତ୍ୟାଦି କାର୍ଯ୍ୟ, SSE/Works-1 ଓ 2 (East), ରତଲାମ ଅଧୀନରେ। ଆନୁମାନିକ ମୂଲ୍ୟ : ଟ.2,05,41,175.06। ଜମାନତ ରାଶି : ଟ.4,10,800.00। କ୍ରମିକ ସଂଖ୍ୟା-୩ : ଇ-ଟେଣ୍ଡର ନଂ. RTM-2026-27-12R। କାର୍ଯ୍ୟର ନାମ : ଜୋନ୍ ନଂ. 5, ରତଲାମ - ବି.ଜି. ଲାଇନର ପୂର୍ବ ପାର୍ଶ୍ୱ, ଅର୍ଥାତ୍ ଲୋକୋ, ଜାଓରା ରୋଡ୍, ଘାଟଲା କଲୋନୀ, ଆର୍.ଇ. ବିଲ୍ଡିଂ, କୋଟା ବିଲ୍ଡିଂ, ଅନ୍ୟାନ୍ୟ ସର୍ଭିସ୍ ବିଲ୍ଡିଂ ଏବଂ ଡିଜେଲ୍ ଶେଡ୍। ଏହି ଜୋନ୍‌ରେ SSE/W/2/Ratlam ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ। ଆନୁମାନିକ ମୂଲ୍ୟ : ଟ.1,23,03,530.81। ଜମାନତ ରାଶି : ଟ.2,46,100.00। କ୍ରମିକ ସଂଖ୍ୟା-୪ : ଇ-ଟେଣ୍ଡର ନଂ. RTM-2026-27-13R। କାର୍ଯ୍ୟର ନାମ : ଜୋନ୍ ନଂ. 22 ଅଧୀନରେ ରତଲାମ ଅଞ୍ଚଳର ସମସ୍ତ ମୁଖ୍ୟ ଜଳ ଯୋଗାଣ ସମ୍ପତ୍ତି, କୁରେଲ, ଭୈରୋଗଡ଼, ବାହାର ଭବନଗୁଡ଼ିକର ମୁଖ୍ୟ ପାଇପ୍ ଲାଇନ୍ ଏବଂ ସମଗ୍ର ରତଲାମ ଅଞ୍ଚଳର ବୋରୱେଲ୍‌ଗୁଡ଼ିକ, SSE/W-2/Ratlam ଅଧୀନରେ। ଆନୁମାନିକ ମୂଲ୍ୟ: ଟ.87,93,521.73। ଜମାନତ ରାଶି : ଟ.1,75,900.00। ସମସ୍ତ ଟେଣ୍ଡର ପାଇଁ ଆନୁମାନିକ ପରିମାଣ : ଟେଣ୍ଡର ସୂଚୀ ଅନୁଯାୟୀ। ସମସ୍ତ ଟେଣ୍ଡର ପାଇଁ କାର୍ଯ୍ୟ ସମାପ୍ତି ଅବଧି : 12 ମାସ। ସମସ୍ତ ଟେଣ୍ଡର ୱେବସାଇଟରେ ଅପଲୋଡ୍ ତାରିଖ : ୨୬.୦୬.୨୦୨୬। ସମସ୍ତ ଟେଣ୍ଡର ଖୋଲିବା ତାରିଖ : ୨୦.୦୭.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ଅଛି।

Apex/116

Like us on: facebook.com/WesternRly



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/11013/2627

ପତ୍ର ସଂଖ୍ୟା ୧୩୭୦୪/ ଭୁ.ଉ.କ., ଭୁବନେଶ୍ୱର MA-B-33/78 — **ସୂଚନା** — ତା. ୨୩.୦୬.୨୦୨୬ରିଖ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MA-41 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୭୧୨ ତା-୧୫.୦୪.୨୦୨୬ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଆବଣ୍ଟନଗ୍ରାହୀ ଅମୂଲ୍ୟ କୁମାର ପଣ୍ଡାଙ୍କ ନାମରୁ (୧) ସଞ୍ଜୁ ପଣ୍ଡା (ସ୍ତ୍ରୀ), (୨) ସ୍ୱଚ୍ଛ ସଲିଳ ପଣ୍ଡା (ପୁତ୍ର), (୩) ଅପରାଜିତା ପଣ୍ଡା (ବିବାହିତା କନ୍ୟା), (୪) ସଞ୍ଜ ସମୀର ପଣ୍ଡା (ପୁତ୍ର) ଓ (୫) ଶାନ୍ତ ସାଗର ପଣ୍ଡା (ପୁତ୍ର)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଚମ୍ପାବତୀ ସେନାପତି, ସ୍ୱାମୀ -ସ୍ୱର୍ଗତ ଅପର୍ତ୍ତି ଚରଣ ସେନାପତି, ବାସସ୍ଥାନ-ପ୍ଲଟ୍ ନଂ-୨୫୧୯/୩୧୧୦/୪୯୯୭ ଶସ୍ତଶତି ନଗର, ପୋଷ୍ଟ -ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0078



**PUBLIC NOTICE**

It is declared that the property/ies, Mutation Khata No.1057/2559, Plot No.622, Extent of A0.322dec., Mutation Khata No.1057/2154, Plot No.710/4280, Extent of A0.007dec., Plot no.622/2468/4281, Extent of A0.002dec. total A0.009dec., Mutation Khata No.1057/1256, Plot No.710/3435, Extent of A0.079dec., Plot No.622/2468/3436, Extent of A0.007dec. total A0.086dec., Mutation Khata No.1057/1257, Plot No.710, Extent of A0.064dec., Plot No.622/2468, Extent of A0.111dec. total A0.175dec., MOUZA/VILLAGE: Bhubaneswar Sahara Unit no.32, Govinda Prasad, P.S.: New-Capital, P.S. No. 46, TAHASIL: Bhubaneswar, TAHASIL No.244, DIST: Khurda, in respect of Project named and styled as "KHUSHI ALTAIR" belongs to the developer M/s. KHUSHI REALCON PVT. LTD. a Company, having its office at Plot No.S-2/A, Mancheswar Industrial Estate, Bhubaneswar, Odisha represented by its Director Sri Pradeep Thacker, PAN: AAECK8235G, CIN. U45201OR2012PTC015524, Attorney Holder of Mr. Aditya Patra, Mrs. Sanjeeta Pattnaik & Mr. Surendra Nath Pattnaik, G.P.A. vide No. 11081914031 dt.17.12.2019, No.11081914033 dt.17.12.2019 & No.11081914032 dt. 17.12.2019 already availing the Inventory Funding Loan and has been Equitably mortgaged with DCB Bank Ltd., Chandrasekharpur Branch, Bhubaneswar, Dist. Khurda. The said developer further availing another Inventory Funding Loan from the same Bank. 9 unsold units alongwith the project land (as mentioned above) is getting mortgaged for the said loan. The above properties are already with the bank and charge has been created. Any person/s having objection may contact Sri Parthendu Ray, Advocate, Mob: 9776328828 within 15 days.



25001/570/2627 — E-Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
TENDER CALL NOTICE
BID IDENTIFICATION NO. ONLINE EERKL-16 of 2026-27

1. **Name of the Work:** Building Works
2. **Total No. of Works:** 02 (Two) Nos.
3. **Estimated Cost:** Rs. 62.60 Lakhs
4. **Class of Contractor:** "B" Class
5. **Period of Completion:** 09 (Nine) Months
6. **Type of Tender:** Double Cover
7. **Other details:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical) |
|---|---|---|---|---|---|
| | | From: | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online EERKL-16 of 2026-27 | 30.06.2026, 10:00 AM | 07.07.2026, 05:00 PM | 06.07.2026 up to 05:00 PM | 08.07.2026 at 11:00 AM |

Further details can be seen from the website www.tendersorissa.gov.in. For more information, please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0025



**Government of Odisha " e " Procurement Notice**

25001/575/2627

**Bid Identification No. : Online-AGL-10 of 2026-2027**

1. Name of the Work : Road Works
2. Estimated Cost. : Rs. 5.08 to 46.61 Lakhs
3. Period of Completion : 2(Two) Calendar Months
4. Date & time of availability of : From 02.07.2026. to 15.07.2026 upto 5.00 P.M
5. Last Date/time for receipt of bids In the portal : 15.07.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Angul.

OIPR-25001/25096/1/26-27/0007



**OFFICE OF THE MUNICIPAL COUNCIL: KHORDHA**

13001/11018/2627

H & UD Department, Govt. of Odisha
Khordha – 752055
E-mail: khurda_municipality@yahoo.co.in
Phone No.: 06755-220674

**"e" Procurement Notice**

**No.:** 2012 — **Date:** 23/06/2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. **Tender Reference No.** : KMPLTY/02/2026-27
2. **Name of the Work** : Civil Construction works as mentioned in DTCN
3. **No. of Works** : 32 Nos.
4. **Estimated Cost** : As per DTCN
5. **Earnest Money Deposit (EMD)** : As per DTCN
6. **Period of Completion** : As per DTCN
7. **Date & Time of Bidding** : From **29.06.2026 at 11:00 AM**
8. **Last Date & Time for Receipt of Bids in the Portal : 10.07.2026 up to 05:30 PM**
9. **Bids Received Online Shall be Opened On : 13.07.2026 from 11:00 AM**
10. **Name and Address of the Officer Inviting Bid : O/o Executive Officer, Khordha Municipality**

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Executive Officer
Khordha Municipality

OIPR-13001/13082/1/26-27/0004



25001/579/2627 — rwdivision_jaraka@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR
'E' PROCUREMENT NOTICE NO.RWD-II/JJPR-06/2026-27

1. **Name of work** : Special Repair to Road works in the District of Jajpur for the year 2026-27
2. **Total No of Work** : **01** no. of works.
3. **Estimated Cost(Approx.)** : As indicated against each work in the NIT
4. **Period of Completion** : As indicated against each work in the NIT
5. **Class of contractors** : As indicated against each work in the NIT

**Other details as follows:**

a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 03.07.2026 at 11.00 AM to 13.07.2026 upto 5.00 PM
c) Last date & time of seeking of tender clarification : 10.07.2026 upto 4.00 PM
d) Opening of Tender : 14.07.2026 at 11.00 AM

Further details can be seen from the Govt. website www.tendersodisha.gov.in

Superintending Engineer
Rural Works Division-II
Jajpur at Jaraka

OIPR-25001/25080/1/26-27/0006



GOVERNMENT OF ODISHA — 25001/571/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
Letter No.: 4574, Date: 25.06.2026

**1st Corrigendum to Bid Identification No. Online – EERKL-13/2026-27**

Due to some unavoidable circumstances in respect of the tender for **Building Works** invited in **Tender Call Notice Bid Identification No. Online – EERKL-13/2026-27** by the Executive Engineer, Rural Works Division-II, Sundargarh, the schedule for online bidding and opening of the tender, which was earlier fixed from **25.06.2026 to 06.07.2026**, has been revised as follows:

| Availability of Tender Online for bidding | | Last Date & Time for Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From | To | | Online-EERKL-13/2026-27 |
| 02.07.2026 at 11:00 A.M. | 09.07.2026 up to 5:00 P.M. | 08.07.2026 up to 5:00 P.M. | 10.07.2026 at 11:00 A.M. |

Executive Engineer
R.W. Division-II, Sundargarh

OIPR-25001/25193/1/26-27/0026



GOVERNMENT OF ODISHA — 34001/411/2627
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
**e-Procurement Tender Call Notice**
**Bid Identification No.: - SE-R&B-PLB-03/2026-27, DATE: - 25.06.2026**

Letter No. 4030 — Date. 25.06.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"D", "C" & "B"** Class **Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 05 (Five) Nos. |
| 3. | Estimated Cost put to Tender. (T.S Amount) | : | Rs.5.86 Lakhs to Rs.36.04 Lakhs |
| 4. | E.M.D. | : | Rs.5,900/- to Rs. 36,100/- |
| 5. | Period of completion | : | 02 (Two) & 05 (Five) Calendar Months. |
| 6. | Class of Contractor or Eligibility of the bidders | : | "D", "C" & "B" Class |
| 7. | Tender Cost or Cost of participation in on line Bid | : | Rs. 4000/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 01.07.2026 at 10:00 AM to 15.07.2026 up to 05:00 PM |
| 9. | Clarification regarding bidding online | : | From 01.07.2026 at 10:00 AM to 14.07.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 17.07.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Superintending Engineer
Phulbani (R&B) Division, Phulbani

OIPR-34001/34066/1/26-27/0004

**ଆଜି ପୂରିବ ରବି ଧାନ ଉଠାଣ କଣ୍ଟ**

# ଏବେ ବି ଧାନ ଧରି ବସିଛନ୍ତି ହଜାର ହଜାର ଚାଷୀ

ଭୁବନେଶ୍ୱର,୨୯।୬(ସମିସ): ଚାଷୀଙ୍କଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ସବୁ ଉତ୍ପାଦିତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ କ୍ୱିଣ୍ଟାଲ ପ୍ରତି ୩୧୦୦ଟଙ୍କା ମୂଲ୍ୟରେ କ୍ରୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା ବିଜେପି। କିନ୍ତୁ ଗଲା ଦୁଇ ବର୍ଷ ହେବ ସରକାରଙ୍କ କଥା ଓ କାମକୁ ଦେଖିଲେ ଫଳ ସମ୍ପୂର୍ଣ୍ଣ ଓଲଟା ଲାଗୁଛି। ଚଳିତ ବର୍ଷ ଖରିଫ୍ ଋତୁରେ ଚାଷୀ ନାହିଁ ନ ଥିବା ଅସୁବିଧା ଭୋଗିଥିବା ବେଳେ ରବି ହେଲା ନାହିଁ। ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ଭିଜୁଛି। ଟୋକନ ଥାଇ ମଧ୍ୟ ଶହ ଶହ ଚାଷୀଙ୍କଠାରୁ ଧାନ କିଣାଗଲା ନାହିଁ କିମ୍ବା ମଣ୍ଡିରୁ ଧାନ ଉଠିଲା ନାହିଁ। ମିଲର ଧାନକିଣାରେ ମନମାନି କଲେ। ଚାଷୀ ନିର୍ଦ୍ଧାରିତ ଏମଏସପି ପାଇବା ତ ଦୂରର କଥା ପ୍ରତି କ୍ୱିଣ୍ଟାଲରେ ଚାଷୀଙ୍କଠାରୁ ବାଧ୍ୟତାମୂଳକ ଭାବେ ୫ରୁ ୧୦ କେଜି ପର୍ଯ୍ୟନ୍ତ କଟନି ଛଟନି କରାଗଲା। ଯେଉଁଠି ୫୦ କ୍ୱିଣ୍ଟାଲ କ୍ରୟ କରିବା ପାଇଁ ଟୋକନ

## କ୍ରୟ ସମୟସୀମା ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି ଦାବି

ଋତୁରେ ସ୍ଥିତି ଆହୁରି ଉଦ୍‌ବେଗଜନକ ହୋଇଛି। ଫଳସ୍ୱରୂପ ମଙ୍ଗଳବାର ରବି ଧାନ କ୍ରୟର ଶେଷ ଦିନ ହୋଇଥିଲେ ମଧ୍ୟ ଏବେ ବି ହଜାର ହଜାର ଚାଷୀ ଧାନ ଧରି ମଣ୍ଡି ଆଗରେ ବସିଛନ୍ତି।

ରବ ଋତୁରେ ସରକାର ଜୁନ୍ ୩୦ ସୁଦ୍ଧା ୨୦ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। କିନ୍ତୁ ଅଦ୍ୟାବଧି ଲକ୍ଷ୍ୟଧାର୍ଯ୍ୟ ପୂରଣ ଦିଆଯାଇଛି ସେଠାରେ ମାତ୍ର ୧୦ କ୍ୱିଣ୍ଟାଲ କ୍ରୟ କରାଯାଇଛି। ଫଳରେ ସରକାରଙ୍କ ରବିଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ପରେ ଏବେ ଚାଷୀଙ୍କ ପାଖରେ ଆହୁରି ପ୍ରାୟ୨୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ବଳକା ଧାନ ରହିଛି। ଜୁନ୍ ୩୦ରେ କଣ୍ଟ ପୂରୁଥିବାରୁ ଏବେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ଏହି ଘଟଣାକୁ ନେଇ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିବା ବେଳେ ଏପରି ନୀତିକୁ ଦୃଢ଼ ସମାଲୋଚନା କରିଛନ୍ତି। ପୁନଶ୍ଚ ସେ କହିଛନ୍ତି ଯେ, ବହୁ ପରିଶ୍ରମ ଓ ଅର୍ଥ ବିନିଯୋଗରେ ଗତ ଖରିଫ୍ ଓ ରବିରେ ଚାଷୀ ପ୍ରଚୁର ଧାନ ଉତ୍ପାଦନ କଲେ। ସରକାର ପ୍ରତିଶ୍ରୁତି ମୁତାବକ ଚାଷୀର ସମସ୍ତ ବଳକା ଧାନ କିଣିବା ଉଚିତ୍। ପୂର୍ବବର୍ଷଗୁଡ଼ିକ ତୁଳନାରେ ଏହି ସରକାରରେ ଚାଷୀ ସବୁଠାରୁ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ସରକାରଙ୍କୁ ଭରଷା କରି ଚାଷୀକୁଳ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଖରେ ଥିବା ସବୁ ବଳକା ଧାନ କିଣିବା ପାଇଁ ଜୁନ୍ ୩୦ ତାରିଖ ପରିବର୍ତ୍ତେ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ବରଗଡ଼, ବଲାଙ୍ଗିର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ପ୍ରଭୃତ ଜିଲ୍ଲାର ଏବେ ବି ଚାଷୀମାନେ ମଣ୍ଡି ଆଗରେ ବସିଛନ୍ତି। ଆଗକୁ ବର୍ଷା ବଢ଼ିବା ଆଶଙ୍କା ରହିଥିବାରୁ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ସରକାର ଧାନ ଉଠାଇବା ପାଇଁ ଦାବି ହୋଇଛି।

# ଜୁଲାଇ ୪ରେ ଶାହାଙ୍କ ଦୁଇଦିନିଆ ବରଗଡ଼ ଏବଂ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୯।୬(ସମିସ): ଆସନ୍ତା ଜୁଲାଇ ମାସ ଓଡ଼ିଶା ଗସ୍ତ ରେ ଆସୁଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହା। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ୍ତ ସୂଚନା ମୁତାବକ, ଗୃହ ମନ୍ତ୍ରୀ ଶ୍ରୀ ଶାହା ୪ ତାରିଖ ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବେ । ସେଠାରୁ ସଡ଼କ ପଥରେ ବରଗଡ଼ ଯିବେ । ବରଗଡ଼ରେ ୧୭୫୦ କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଇଥାନଅଲ୍ ପ୍ଲାଣ୍ଟକୁ ଲୋକାର୍ପଣ କରିବେ । ଏହାପରେ ଏକ ସାଧାରଣସଭା ରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ରୁ କର୍ଯ୍ୟକ୍ରମ ସାରି ସମ୍ବଲପୁର ଆସି ରାତ୍ରିଯାପନ କରିବେ । ୫ ତାରିଖରେ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପ ର ଶିଳାନ୍ୟାସ କରିବେ । ଏହାପରେ ଏକ ଦଳୀୟ ସାଧାରଣ ସଭା ରେ ଯୋଗ ଦେବେ। ଏହା ପରେ ସେ ନୂଆଁ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି । ବିଭିନ୍ନ କାର୍ଯ୍ୟକ୍ରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ ଙ୍କ ସମେତ ରାଜ୍ୟ ର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକ ସାମିଲ୍ ବୋଲି ଶ୍ରୀ ବକ୍ସି ସୂଚନା ଦେଇଛନ୍ତି ।

# ଗିରଫଦାରୀର କାରଣ ଅଭିଯୁକ୍ତଙ୍କୁ ଲିଖିତ ଜଣାଇବାକୁ ବାଧ୍ୟ: ହାଇକୋର୍ଟ

କଟକ,୨୯।୬(ସମିସ): ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ଲିଖିତ ଭାବେ ନ ଜଣାଇବା ଏକ ଗମ୍ଭୀର ତ୍ରୁଟି ଏବଂ ଏହା ଆଧାରରେ ସାଇବର ଅପରାଧ ମାମଲାରେ ମଧ୍ୟ ଜାମିନ ମିଳିପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶକୁ ଆଧାର କରି ହାଇକୋର୍ଟ କହିଛନ୍ତି ଯେ ଗିରଫ ବ୍ୟକ୍ତିଙ୍କୁ ତାଙ୍କ ଗିରଫଦାରୀର କାରଣ ଲିଖିତ ଆକାରରେ ଏବଂ ସେ ବୁଝିପାରୁଥିବା ଭାଷାରେ ଜଣାଇବା ବାଧ୍ୟତାମୂଳକ। ସାଇବର ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ କଟକ ସାଇବର ଥାନାରେ ଆବେଦନକାରୀ ଅଭିଯୁକ୍ତ ରାକେଶ ଚୌଧୁରୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ, ସେ ଅନ୍ୟ ଲୋକଙ୍କ ଅଜାଣତରେ ସେମାନଙ୍କ ମୋବାଇଲ୍ ଫୋନ୍, ଡେବିଟ୍ କାର୍ଡ ଓ ଇଲେକ୍ଟ୍ରୋନିକ ସାମଗ୍ରୀ ବ୍ୟବହାର କରି ନକଲି ବ୍ୟବସାୟିକ ଆକାଉଣ୍ଟ ଖୋଲିଥିଲେ ଏବଂ ସେହି ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ବେଆଇନ ଅର୍ଥ କାରବାର କରୁଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଗିରଫ ସମୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭ ଏବଂ ସମ୍ବିଧାନର ଅନୁଚ୍ଛେଦ ୨୨(୧)ର ଉଲ୍ଲଂଘନ କରାଯାଇଛି। ତଦନ୍ତକାରୀ ଅଧିକାରୀ ଦାଖଲ କରିଥିବା ମେମୋ ଏକ ପ୍ରିଣ୍ଟେଡ୍ ଟେମ୍ପଲେଟ୍ ଫର୍ମାଟ୍ ଥିଲା। ଯେଉଁଥିରେ କେବଳ ଦସ୍ତଖତ ରହିଥିଲା। ଅଭିଯୁକ୍ତ ବୁଝିପାରୁଥିବା ଭାଷାରେ ତାଙ୍କୁ ଗିରଫର କାରଣ ଲିଖିତ ଭାବେ ଜଣାଯାଇଥିବା ନେଇ ସତ୍ୟପାଠରେ କୌଣସି ଉଲ୍ଲେଖ ନଥିଲା।

# ୫ ବର୍ଷ ପରେ ମାଲକାନଗିରିର ଚର୍ଚ୍ଚିତ ଲୁଟ ଘଟଣାର ପର୍ଦ୍ଦାଫାସ, ଲୁଟେରା ଦମ୍ପତି ଗିରଫ

ମାଲକାନଗିରି,୨୯।୬(ସମିସ): ମାଲକାନଗିରି ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଦୀର୍ଘ ୫ ବର୍ଷର ତଦନ୍ତ ପରେ ଜିଲ୍ଲାର ସବୁଠାରୁ ଚର୍ଚ୍ଚିତ ସୁନା ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଲୁଟେରା ଦମ୍ପତିଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ଠାରୁ ୨୦୦ ଗ୍ରାମ ସୁନା, ୨ଟି ଦେଶୀ ପିସ୍ତଲ, ଗୋଟିଏ ଲ୍ୟାପଟପ, ୯ଟି ଜୀବନ୍ତ ଗୁଳି ଏବଂ ଏକ ମୋଟରସାଇକେଲ ଜବତ କରାଯାଇଛି। ଏହି ଲୁଟ ଘଟଣା ୨ ମାର୍ଚ୍ଚ ୨୦୨୧ରେ ଘଟିଥିଲା। ମାଲକାନଗିରିର ସୁନା ବ୍ୟବସାୟୀ ସୁବାଷ ପଟିଲଙ୍କ ଘରେ ଭଡ଼ାଟିଆ ଭାବେ ରହୁଥିବା ଏକ ଦମ୍ପତି ଚତୁରତାର ସହ ବିଶ୍ୱାସ ଜିତିଥିଲେ। ସେମାନେ ଆନ୍ଧ୍ରପ୍ରଦେଶରୁ ପ୍ରେମ ବିବାହ କରି ଆସିଥିବା କହି ଘର ଭଡ଼ା ନେଇଥିଲେ। ପ୍ରାୟ ତିନି ମାସ ଧରି ସୁବାଷଙ୍କ ଘରେ ରହି ସେମାନେ ଲୁଟ ଯୋଜନା ପ୍ରସ୍ତୁତ କରିଥିଲେ। ଅଭିଯୁକ୍ତ ଦମ୍ପତିଙ୍କ ନାମ ମାଡାସୁ ଜୋନ ପୋଲ ଏବଂ ଇନ୍ଦୁରୀ ଅରୁଣା ବୋଲି ଜଣାପଡ଼ିଛି। ୨୦୨୧ ମାର୍ଚ୍ଚ ୨ ତାରିଖରେ ଜୋନ ପୋଲ ଚାକିରି ପାଇଥିବା କହି ସୁବାଷଙ୍କ ପରିବାର ସଦସ୍ୟ ଓ ପଡ଼ୋଶୀମାନଙ୍କୁ ମିଠା ଖୁଆଇଥିଲେ। ସେହି ମିଠାରେ ବିଷାକ୍ତ ପଦାର୍ଥ ମିଶାଇ ଦିଆଯାଇଥିବାରୁ ଖାଇବା ପରେ ସମସ୍ତେ ଅଚେତ ହୋଇଯାଇଥିଲେ।

ଏହାର ସୁଯୋଗ ନେଇ ଦମ୍ପତି ସୁବାଷଙ୍କ ଘରୁ ପ୍ରାୟ ୭୦୦ ଗ୍ରାମ ସୁନା, ୨ ଲକ୍ଷ ଟଙ୍କା ନଗଦ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ଫେରାର ହୋଇଯାଇଥିଲେ। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଦମ୍ପତି ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲା ଅନ୍ତର୍ଗତ କାକାନି ଥାନା ଅଞ୍ଚଳର କୁସ୍ପୁରାଭାରୁ ଗ୍ରାମର ବାସିନ୍ଦା। ସେମାନେ ଅତ୍ୟନ୍ତ ଚତୁରତାର ସହ ଫୋନ ବ୍ୟବହାର କରୁନଥିଲେ, ଯାହାଫଳରେ ପୁଲିସ ପାଇଁ ସେମାନଙ୍କୁ ଟ୍ରାକ୍ କରିବା କଷ୍ଟସାଧ୍ୟ ହୋଇପଡ଼ିଥିଲା।

ତେବେ ନିକଟରେ ହୋଇଥିବା ଏକ ଭୁଲ ସେମାନଙ୍କୁ ପୁଲିସ ଜାଲରେ ଆଣିଦେଇଥିଲା। ସାଇବର ସେଲର ସହାୟତାରେ ଅଭିଯୁକ୍ତମାନେ ତାମିଲନାଡୁର କନ୍ୟାକୁମାରୀରେ ରହୁଥିବା ସନ୍ଧାନ ମିଳିଥିଲା। ପରେ ମାଲକାନଗିରି ପୁଲିସ ସେଠାରେ ପହଞ୍ଚି ଦମ୍ପତିଙ୍କୁ ଗିରଫ କରି ମାଲକାନଗିରି ଆଣିଥିଲା। ପଚରାଉଚରା ପରେ ସେମାନଙ୍କ ଠାରୁ ୨୦୦ ଗ୍ରାମ ସୁନା, ୨ଟି ଦେଶୀ ପିସ୍ତଲ, ଗୋଟିଏ ଲ୍ୟାପଟପ, ୯ଟି ଜୀବନ୍ତ ଗୁଳି ଏବଂ ଏକ ମୋଟରସାଇକେଲ ଜବତ କରାଯାଇଛି। ଆନ୍ଧ୍ରପ୍ରଦେଶର ବିଭିନ୍ନ ଥାନାରେ ମଧ୍ୟ ସେମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ, ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦଳେଇ ଏବଂ ଆଇଆଇସି ରିଗାନ କିଣ୍ଡୋ ଘଟଣା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

# ଥାନାରେ ଥାର୍ଡ ଡ଼ିଗ୍ରୀ: ପୁଲିସ ମାଡ଼ରେ ଯୁବକ ମୃତ

ଖୋର୍ଦ୍ଧା/ବାଣପୁର,୨୯।୬(ସମିସ): ପୁଣି ଖାକି ବିରୋଧରେ ଆସିଛି ଆଉ ଏକ ସାଂଘାତିକ ଅଭିଯୋଗ । ଥାନାରେ ପୁଲିସ ମାଡ଼ରେ ଭୀମପୁର ବାଘୁଆ ପଦର ସାହିର ତୋଫାନ ନାୟକ (୩୨) ଡ଼ାକ୍ତରଖାନାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରିଛି ଏବଂ ସୁସ୍ଥ ଅବସ୍ଥାରେ ପରିବାରର ଲୋକଙ୍କୁ ତୋଫାନକୁ ହସ୍ତାନ୍ତର କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି ।

ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତିରେ ପୁଲିସ ତୋଫାନଙ୍କୁ ଥାନାକୁ ନେଇଥିଲା। ଖବର ପାଇଁ ସେମାନେ ଥାନାରେ ପହଞ୍ଚିଥିଲେ। ସେଠାରେ ତୋଫାନର ଅବସ୍ଥା ଅତି ଗୁରୁତର ହୋଇଥିଲା। ହେପାଜତରେ ତାକୁ ପୁଲିସ ନିର୍ଯାତନା ଦେବା ସହ ନିସ୍ଥୁକ ମାଡ଼ ମାରିଥିଲା । ତା ଦେହରେ ପୁଲିସ ମାଡ଼ ଦାଗ ବି ରହିଥିଲା। ତୋଫାନ ଅବସ୍ଥା ଗୁରତର ହୋଇଥିବାରୁ ପୁଲିସ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ସକାଳୁ ତା ଦେହ ଅତି ଖରାପ ହୋଇ ଯାଇଥିଲା। ତାକୁ ଚିକିତ୍ସା ପାଇଁ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ପୁଲିସ ଥାନାରେ ତୋଫାନକୁ ନିସ୍ଥୁକ ପିଟିବା ଦ୍ୱାରା ସେ ଗୁରୁତର ହୋଇ ମୃତ୍ୟୁବରଣ କରିଛନ୍ତି ଓ ଏହି ଘଟଣାରେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ନେଇ ବାରମ୍ବାର ପିଟିବା

**■ ପୁଲିସ ବିରୋଧରେ ପରିବାର ଲୋକଙ୍କ ସାଂଘାତିକ ଅଭିଯୋଗ**
**■ ପରିବାର ସଦସ୍ୟଙ୍କ ଅଭିଯୋଗକୁ ଖଣ୍ଡନ କଲେ ଖୋର୍ଦ୍ଧା ଏସ୍‌ପି**

ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ପରିବାର ଲୋକେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ପି ପରମାର ସ୍ମିଥ୍ ପର୍ଷୋତମ ଦାସ। ସେ କହିଛନ୍ତି ଯେ ଗତକାଲି ଅପରାହ୍ନ ପ୍ରାୟ ୪ଟା ୪୩ରେ ପୁଲିସକୁ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ ଫୋନ୍ କରି ଚୋରି ସନ୍ଦେହରେ ଗ୍ରାମବାସୀମାନେ ଜଣେ ବ୍ୟକ୍ତିଙ୍କୁ ଧରିଥିବା ଜଣାଇଥିଲେ। ସେହି ବ୍ୟକ୍ତି ଜଣକ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗାଁର ତୋଫାନ ବୋଲି ଚିହ୍ନଟ ହୋଇଥିଲା। ସେତେବେଳେ ସେ ମଦ ନିଶାରେ ଏକପ୍ରକାର ଅଚେତ ଅବସ୍ଥାରେ ଥିଲେ। ବାଣପୁର ଥାନାର ଏକ ପିସିଆର ଟିମ୍ ଘଟଣାସ୍ଥଳରେ ପହଁଚି ତାଙ୍କୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଥାନାକୁ ଆଣିଥିଲା। ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ରାତି ପ୍ରାୟ ୮ଟାରେ ପରିବାର ଲୋକ ପହଞ୍ଚିଥିଲେ। ଥାନାରେ ତୋଫାନଙ୍କ ପିତାମାତା ଗ୍ରାମବାସୀଙ୍କ ବିରୋଧରେ କୌଣସି ଅଭିଯୋଗ କରିବାକୁ ମନା କରିଥିଲେ। ଏହାପରେ ସେମାନେ ତାଙ୍କୁ ପ୍ରାୟ ସାଢେ ୮ଟା ସମୟରେ ଘରକୁ ନେଇ ଯାଇଥିଲେ। ଆଜି ସକାଳୁ ତୋଫାନ ହଠାତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ବାଣପୁର ସିଏଚସିକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପୂର୍ବାହ୍ନ ୧୦ଟା ୨୫ ମିନିଟ୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ଏବଂ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ବଜ୍ରପାତରେ ନାବାଳକ ମୃତ

ଖଡ଼ିଆଳ,୨୯।୬(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ ବୋଇରଗା ଗ୍ରାମରେ ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନ ସମୟରେ ସାଗର ମାଝୀ(୧୨) ତାଙ୍କ ପୁରୁଣା ଘରରୁ ଯାଉଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୋଡେନ ପୁଲିସ ପହଞ୍ଚି ଶବ ଜବତ କରିଛି।

# ସାପ କାମୁଡ଼ାରେ ବୃଦ୍ଧ ମୃତ

ଜୁନାଗଡ଼,୨୯।୬(ସମିସ): ଜୁନାଗଡ଼ ସହର ଗନ୍ତାୟତ ପଡ଼ାରେ ଏକ ନାଗ ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସ୍ୱର୍ଗତ ରାଜକୁମାର ପୁଝାରୀଙ୍କ ପୁଅ ଦଶରଥ ପୂଝାରୀ। ଦଶରଥ ନିଜ ଘରେ ଶୋଇଥିବା ସମୟରେ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଲାଞ୍ଚ ମାମଲାରେ ପୂର୍ବତନ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୪ ବର୍ଷ ଜେଲ୍

କଟକ,୨୯।୬(ସମିସ): ଦୁର୍ନୀତି ନିବାରଣ କ୍ଷେତ୍ରରେ ଓଡ଼ିଶା ଭିଜିଲାନ୍ସକୁ ଆଉ ଏକ ବଡ଼ ସଫଳତା ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ୟୁଜିପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ର ପୂର୍ବତନ ବହୁମୁଖୀ ସ୍ୱାସ୍ଥ୍ୟ ସୁପରଭାଇଜର ତଥା ମେଡିକାଲ ପରିସଂଖ୍ୟାନ ବିଭାଗର ପ୍ରଭାରୀ ରାସବିହାରୀ ମହାନ୍ତିଙ୍କୁ ଆଜି ଏକ ଲାଞ୍ଚ କାରବାର ମାମଲାରେ ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକର ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ଅଦାଲତ ତାଙ୍କୁ ୪ ବର୍ଷର ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପ୍ରକାଶ ପାଇବା ପରେ ଦୋଷୀ ସାବ୍ୟସ୍ତ ହୋଇଥିବା ଶ୍ରୀ ମହାନ୍ତିଙ୍କୁ ତୁରନ୍ତ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସେ ଚାକିରିରୁ ଅବସର ନେଇସାରିଛନ୍ତି। ତେବେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନସନ ସ୍ଥାୟୀ ଭାବେ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କ ନିକଟରେ ଖୁବ୍‌ଶୀଘ୍ର ଆବେଦନ କରିବ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କ ମୃତ ପିତାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ରାସବିହାରୀ ଲାଞ୍ଚ ଦାବି କରିବା ସହ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ସହ ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

**ରକ୍ତ ରଞ୍ଜିତ ରାଜଧାନୀ**

# ଲୁହା ଛଡ଼ରେ ଯୁବକଙ୍କୁ ପିଟପିଟି ମାରିଦେଲେ

ଭୁବନେଶ୍ୱର ୨୯।୬ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ରକ୍ତ ରଞ୍ଜିତ ହୋଇଛି ରାଜଧାନୀ। ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପଶି ଯୁବକଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ଖାଲି ସେତିକି ନୁହେଁ, ପୁଅକୁ ବଞ୍ଚାଇବାକୁ ଆସି ବାପା ଓ ଭଉଣୀ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି। ବ୍ୟସ୍ତବହୁଳ କୋଳଥିଆ ଛକରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ସୋରଡ଼ାର କୃଷ୍ଣଚନ୍ଦ୍ର ପାଢ଼ୀ (୨୦)। ଆକ୍ରମଣରେ କୃଷ୍ଣଙ୍କ ବାପା ହିମାଂଶୁ ପାଢ଼ୀ ଓ ଭଉଣୀ ତାପସୀ ପାଢ଼ୀ ଗୁରୁତର ହୋଇଛନ୍ତି। ଡିସିପିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ବେଳେ ଦୁଇ ଜଣଙ୍କୁ ଉଠାଇ ଆଣିଛି ପୁଲିସ।

ସୂଚନା ଅନୁସାରେ, ସୋରଡ଼ାର ହିମାଂଶୁଙ୍କ ସମ୍ପର୍କୀୟ ଭିଣୋଇଙ୍କ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କର କୋଳଥିଆ ଛକରେ ଏକ ଜମି ରହିଛି। ସେହି ଜମିରେ ରହିଥିବା ୩/୪ ବଖରା ଆଜବେଷ୍ଟସ ଘରେ ହିମାଂଶୁ ପ୍ରାୟ ୨୧ ବର୍ଷ ହେବ ସେଠାରେ ରହୁଛନ୍ତି। ହିମାଂଶୁ ପୂଜକ ଭାବେ ପରିବାର ପୋଷଣ କରୁଥିବା ବେଳେ ପୁଅ କୃଷ୍ଣଚନ୍ଦ୍ର ଯୁକ୍ତ ୩ ବିଜ୍ଞାନର ଛାତ୍ର ଥିଲେ। ସେହିପରି ଝିଅ ତାପସୀ ବେସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ବେଳେ କୋଳଥିଆ ସ୍ଥିତ ଘରକୁ ଆସନ୍ତି। ଗତକାଲି ରାତି ପ୍ରାୟ ୨ଟା ସମୟରେ ୨/୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ପାଚେରି ଡେଇଁ ବାଡ଼ି ଭିତରକୁ ପଶିଥିଲେ। ସମସ୍ତେ ଶୋଇ ପଡ଼ିଥିବା ବେଳେ ଦୁର୍ବୃତ୍ତ ମାନେ ଲଗାତାର କବାଟ ବାଡ଼େଇ ଥିଲେ।

କୃଷ୍ଣ କବାଟ ଖୋଲି ବାହାରକୁ ଆସିବା କ୍ଷଣି ଦୁର୍ବୃତ୍ତ ମାନେ ଲୁହା ଛଡ଼ ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। କୃଷ୍ଣ କାକୁତି ମିନତି କରିଥିଲେ ମଧ୍ୟ ଦୁର୍ବୃତ୍ତ ମାନେ ଲଗାତାର ଆକ୍ରମଣ କରି ଚାଲିଥିଲେ। ପୁଅର ଚିତ୍କାର ଶୁଣି ହିମାଂଶୁ ଘର ବାହାରକୁ ଆସିଥିଲେ। ମୁଖା ପିନ୍ଧା ଦୁର୍ବୃତ୍ତ ମାନେ ପୁଅକୁ ନିର୍ମମ ଭାବେ ଆକ୍ରମଣ କରୁଥିବା ବେଳେ ହିମାଂଶୁ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତ ମାନେ ହିମାଂଶୁଙ୍କୁ ମଧ୍ୟ ଛାଡ଼ି ନଥିଲେ। ଲୁହା ଛଡ଼ରେ ହିମାଂଶୁଙ୍କୁ ମୁଣ୍ଡକୁ ଲଗାତାର ପିଟିଥିଲେ। ବାପା ଓ ଭାଇଙ୍କୁ ଅମାନୁଷିକ ଭାବେ ଆକ୍ରମଣ ହେଉଥିବା ଦେଖି ତାପସୀ ନେହୁରା ହୋଇଥିଲେ। କିନ୍ତୁ ଦୁର୍ବୃତ୍ତ ମାନେ ତାପସୀଙ୍କ ଗୁହାରି ଶୁଣିବା ବଦଳରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ଖେଳାଇବା ପରେ ଅଭିଯୁକ୍ତମାନେ ଫେରାର ହୋଇ

**■ ବାପାଙ୍କ ଅବସ୍ଥା ଗୁରୁତର, ଭଉଣୀ ଗୁରୁତର**
**■ ମୃତକଙ୍କ ବାନ୍ଧବୀଙ୍କୁ ପୁଲିସର ଜେରା**
**■ ୨ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା**

ଯାଇଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହିମାଂଶୁ, କୃଷ୍ଣ ଓ ତାପସୀଙ୍କୁ ଏମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ସକାଳୁ କୃଷ୍ଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ସୋମବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। କ୍ରାଇମ୍ ସ୍ପଟରୁ ଆକ୍ରମଣରେ ବ୍ୟବହୃତ ଲୁହା ଛଡ଼, ରକ୍ତ ଓ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ତଦନ୍ତରେ ସହଯୋଗ ପାଇଁ ଘଟଣାସ୍ଥଳକୁ ଡଗ୍ ସ୍କ୍ୱାର୍ଡ ମଧ୍ୟ ଅଣାଯାଇଥିଲା।

ସେପଟେ ଘଟଣାସ୍ଥଳଟି ପ୍ରାଇମ୍ ଲୋକେସନରେ ଥାଇ ମଧ୍ୟ ସେପରି କୌଣସି ନିର୍ମାଣ ହୋଇନଥିବାରୁ ବିବାଦ ଓ ପଜେସନକୁ ନେଇ ଏପରି ଘଟିଯାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। କିନ୍ତୁ ୨୦ ବର୍ଷୀୟ ଯୁବକଙ୍କୁ ହତ୍ୟା କରାଯାଇଥିବାରୁ ପ୍ରେମ ବ୍ୟାପାରକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। ଏହାସହିତ କିଛିଦିନ ତଳେ ହିମାଂଶୁ ଘର କରିବାକୁ ଗାଁକୁ ଯାଇଥିଲେ। ହେଲେ ସେଠାରେ ମଧ୍ୟ ଜମିବାଡ଼ି ବିବାଦ ଉପୁଜିବାରୁ ଘର ନିର୍ମାଣ କାମ ହୋଇପାରିନଥିଲା। ଏସବୁ ତଥ୍ୟ ପୁଲିସ ହାତରେ ଲାଗିବା ପରେ ଜମିବାଡ଼ି ନା ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ଘଟିଛି ତା'କୁ ନେଇ ପୁଲିସ ଦ୍ୱନ୍ଦରେ ପଡ଼ିଛି।"

ସେପଟେ କୃଷ୍ଣଙ୍କର କଲ୍ ଡିଟେଲ ରେକର୍ଡ (ସିଡିଆର୍) ମଗାଇ ଯାଞ୍ଚ କରିଛି ପୁଲିସ। କୃଷ୍ଣଙ୍କ ସହ ପ୍ରାୟ ସମୟ କଥା ହେଉଥିବା ଜଣେ ଯୁବତୀଙ୍କୁ ଥାନାକୁ ଡ଼ାକାଇ ପୁଲିସ ପଚରାଉଚରା କରିଛି। ତାଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏହାସହ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାସ୍ଥଳରୁ ଖଣ୍ଡଗିରି ଛକ ଓ ଡୁମୁଡୁମା ଆଡ଼କୁ ଯାଇଥିବା ରାସ୍ତାରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସେହିପରି ଘଟଣାସ୍ଥଳରୁ ଫେରାର ହେବାକୁ ସମ୍ଭାବ୍ୟ ରାସ୍ତା ଗୁଡ଼ିକର ମଧ୍ୟ ସିସିଟିଭି ଯାଞ୍ଚ କରାଯାଇଥିଲା। ସବୁ ଆଡୁ ମିଳିଥିବା ତଥ୍ୟ ଆଧାରରେ ତଥ୍ୟ ଆଧାରରେ ସବୁ ଯାକ ଦିଗକୁ ନେଇ ପୁଲିସ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ସେମାନଙ୍କୁ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା ଚଳାଇଛି। କେଉଁଥିପାଇଁ ଏଭଳି କାଣ୍ଡ ଭିଆଇଲେ, ତା'ର କାରଣ ଜାଣିବାକୁ ଜେରା କରୁଛି।

# +୨ ରି-ଚେକିଂ ଓ ରି-ଆଡିସନ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୯।୬(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଫଳର ରି-ଚେକିଂ ଏବଂ ରି-ଆଡିସନ ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଭିଯୋଗ କରିପାରିବେ ବୋଲି ନିର୍ଦ୍ଧାରିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଅବଧିକୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବଗତ କରିଛନ୍ତି। ଏହି ବର୍ଦ୍ଧିତ ସମୟସୀମା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେବା ସହ ଛାତ୍ରଛାତ୍ରୀମାନେ ପ୍ରଥମେ ନିଜର ଉତ୍ତରଖାତାର ସ୍କାନ କପି ଡାଉନଲୋଡ୍ କରିବା ପରେ ରି-ଚେକିଂ କିମ୍ବା ରି-ଆଡିସନ୍ ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଛି।

**ସରକାରୀ ଆପ୍ ମାଧ୍ୟମରେ ସମନ୍ୱିତ ଗମନାଗମନ ଓ ନାଗରିକ ସୁରକ୍ଷା ସେବା ଯୋଗାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ**

# 'ଓଡ଼ିଶା ଯାତ୍ରୀ' ଆପ୍‌ରେ ଉନ୍ନତ ସୁରକ୍ଷା ମଡ୍ୟୁଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୯।୬(ସମିସ): ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ପ୍ରୟାସ ମାଧ୍ୟମରେ ନାଗରିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଓଡ଼ିଶା ଯାତ୍ରୀ' ଆପ୍‌ରେ ଏକ ଉନ୍ନତ ସୁରକ୍ଷା ମଡ୍ୟୁଲ୍ ସାମିଲ କରାଯାଇ ଏହାକୁ ଦେଶର ପ୍ରଥମ ସରକାରୀ ସମନ୍ୱିତ ସୁରକ୍ଷା ଓ ଗମନାଗମନ ପ୍ଲାଟଫର୍ମ ଭାବେ ରୂପାନ୍ତରିତ କରାଯାଇଛି। ପୂର୍ବରୁ ଅଟୋ-ରିକ୍ସା ବୁକିଂ, କ୍ୟାବ୍ ସେବା, ଆମ ବସ୍ ସୂଚନା ଓ ଟିକେଟିଂ ଏବଂ ବୋଟିଂ ସେବା ଭଳି ଦୈନନ୍ଦିନ ଗମନାଗମନ ପାଇଁ ଜନସାଧାରଣଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହୃତ ହେଉଥିବା ଓଡ଼ିଶା ଯାତ୍ରୀ ଆପ୍‌ରେ ଏବେ ବ୍ୟକ୍ତିଗତ ସୁରକ୍ଷା ପାଇଁ ଏକ ବ୍ୟାପକ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ନୂତନ ଭାବେ ସାମିଲ ହୋଇଥିବା ଏହି ସୁରକ୍ଷା ମଡ୍ୟୁଲ୍‌କୁ ଓଡ଼ିଶା ପୋଲିସ୍ ଏବଂ ଜାତୀୟ ଜରୁରୀକାଳୀନ ସେବା ୧୧୨ ସହ ସମନ୍ୱିତ କରାଯାଇଛି। ଯାହା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ଉପଭୋକ୍ତାମାନେ ରିୟଲ୍-ଟାଇମ୍ ଲୋକେସନ୍ ଆଧାରିତ ଆଲର୍ଟ ମାଧ୍ୟମରେ ତୁରନ୍ତ ପ୍ରଶାସନିକ ସହାୟତା ପାଇପାରିବେ।

ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି, ନାଗରିକ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ବ୍ୟକ୍ତିଗତ ସୁରକ୍ଷାକୁ ବ୍ୟାପକ କରିବା ପାଇଁ ଏହି ସୁରକ୍ଷା ମଡ୍ୟୁଲ୍‌ରେ ଅନେକ ଆଧୁନିକ ବ୍ୟବସ୍ଥା କରାଯାଇଛି। 'ୱାନ୍-ଟ୍ୟାପ୍ ଏସଓଏସ' ବୈଶିଷ୍ଟ୍ୟ ମାଧ୍ୟମରେ ଉପଭୋକ୍ତାମାନେ ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶା ପୋଲିସ୍ ଏବଂ ନିଜର ବିଶ୍ୱସ୍ତ ବ୍ୟକ୍ତିମାନଙ୍କ ପାଖକୁ ତୁରନ୍ତ ଲାଇଭ୍ ଲୋକେସନ୍ ସହ ଆଲର୍ଟ ପଠାଇପାରିବେ। ଆଗାମୀ ଦିନରେ ଏଥିରେ ଆନ୍ତଃସହର ବସ୍ ସେବା, ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପାଇଁ ଡିଜିଟାଲ୍ ଟିକେଟିଂ ଏବଂ ଅନ୍ୟାନ୍ୟ ଜନସେବାକୁ ସାମିଲ କରାଯାଇ ଏହାକୁ ଦେଶର ପ୍ରଥମ ସରକାରୀ ସୁପର ଆପ୍ ଭାବେ ଗଢ଼ିତୋଳିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

# ପ୍ରତିଯୋଗିତାମୂଳକ ପରୀକ୍ଷାରେ କମିବ ଓଡ଼ିଆ ପିଲାଙ୍କ ପ୍ରଦର୍ଶନ

ଭୁବନେଶ୍ୱର,୨୯।୬(ସମିସ): ଓଡ଼ିଆ ପିଲାଙ୍କ ପାଇଁ ଆଉ ଇଂରାଜୀ ପଢ଼ିବା ବାଧ୍ୟତାମୂଳକ ନୁହେଁ। ଯାହାର ଇଚ୍ଛା ସେ ପଢ଼ିପାରିବେ, ଅନ୍ୟଥା ସଂସ୍କୃତ ଓ ହିନ୍ଦୀ ଭାଷାରେ ପିଲା ପାଠ ପଢ଼ିବେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ତିନୋଟି ଭାଷାରେ ଶିକ୍ଷାଦାନ ନେଇ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଯାହାକୁ ନେଇ ପୁଣି ବିବାଦ ଦେଖାଦେଇଛି। ବହି ବିବାଦ ସରକାରଙ୍କ ପିଛା ଛାଡ଼ି ନ ଥିବାବେଳେ ଇଂରାଜୀ ଠାରୁ ପିଲାଙ୍କୁ ଦୂରେଇବା ଷଡ଼ଯନ୍ତ୍ର ଆଉଏକ ନୂତନ ବିବାଦ ସୃଷ୍ଟି କରିଛି।

ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଭାଷା ବିଷୟ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଛାତ୍ରଛାତ୍ରୀମାନେ ପ୍ରଥମ ଭାଷା (ଆର୍-୧) ଭାବେ ମାତୃଭାଷା ବା ହୋମ୍ ଲାଙ୍ଗୁଏଜ୍‌କୁ ଚୟନ କରିବେ। ସେହିପରି ଦ୍ୱିତୀୟ ଭାଷା (ଆର୍-୨) ଭାବେ ସଂସ୍କୃତ ବା ହିନ୍ଦୀ ବା ଇଂରାଜୀ ମଧ୍ୟରୁ ଯେ କୌଣସି ଗୋଟିଏ ଭାଷା ଚୟନ କରିବେ। ଅନୁରୂପ ଭାବେ ଆର୍-୧ ଓ ଆର୍-୨ରେ ନେଇ ନ ଥିବା ବିଷୟକୁ ତୃତୀୟ ଭାଷା (ଆର୍-୩) ଭାବେ ଛାତ୍ରଛାତ୍ରୀମାନେ ଚୟନ କରିପାରିବେ। ଶିକ୍ଷାବିତଙ୍କ କହିବା କଥା ଯଦି ଗୋଟିଏ ପିଲା ଆର୍-୧ ରେ ଓଡ଼ିଆ ଏବଂ ଆର୍-୨ ରେ ସଂସ୍କୃତ ରଖିଲା, ସେହି ପିଲା ଆର୍-୩ ଭାବେ

**■ ବାଧ୍ୟତାମୂଳକରୁ ବାଦ ଦେଇ ଇଂରାଜୀ ହେଲା ଇଚ୍ଛାଧୀନ ବିଷୟ**
**■ ଇଂରାଜୀ ପରିବର୍ତ୍ତେ ହିନ୍ଦୀ ଓ ସଂସ୍କୃତ ପଢ଼ିବାକୁ ମିଳିବ ସୁଯୋଗ**
**■ ଓଡ଼ିଆ ପିଲାଙ୍କୁ ମୂର୍ଖ କରିବାକୁ ଚାଲିଛି ଷଡ଼ଯନ୍ତ୍ର: ଏଆଇଡିଏସ୍‌ଓ**

ହିନ୍ଦୀ ଭାଷାରେ ପଢ଼ିପାରିବ। ଅର୍ଥାତ୍ ସେହି ପିଲା ଇଂରାଜୀ ଭାଷା ଆଦୌ ପଢ଼ିବ ନାହିଁ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ଭାଷାରେ ଯଥାକ୍ରମେ ଓଡ଼ିଆ ଓ ଇଂରାଜୀ ବାଧ୍ୟତାମୂଳକ ଥିଲା। ଏବେ ଇଂରାଜୀ ଭାଷାକୁ ଇଚ୍ଛାଧୀନ କରାଯାଇଛି। ପୂର୍ବରୁ ପିଲାମାନେ ଇଂରାଜୀ ପଢ଼ିବା ସହ ନିଜକୁ ଜାତୀୟ ଓ ବିଶ୍ୱସ୍ତରର ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରୁଥିଲେ। ଏବେ ପିଲାମାନେ ଇଂରାଜୀ ନ ପଢ଼ିଲେ ଆଗକୁ ଯାଇ କଣ କରିବେ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି। ଇଂରାଜୀ ଭାଷା ଦେଶ ସମେତ ବିଶ୍ୱର ଅନେକ ସ୍ଥାନରେ ବ୍ୟବହୃତ ହେଉଛି। ଏପରି ସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏପରି ନିର୍ଦ୍ଦେଶନାମା ପିଲାଙ୍କୁ କୂପମଣ୍ଡୁକ କରି ରଖିବ ବୋଲି ଏଆଇଡିଏସ୍‌ଓର ନସୀମ ସରକାର ଅଭିଯୋଗ କରିଛନ୍ତି। ଓଡ଼ିଆ ପିଲାଙ୍କୁ ମୁର୍ଖ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ସରକାରୀ ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି।

### ୩ୟ ଦିନରେ ଡିଆର୍‌ସିଏସ୍ ଅଫିସ ଆଗରେ ଚାଷୀଙ୍କ ଧାରଣା

# ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ଦେଲେ ପ୍ରତିଶ୍ରୁତି





ବରଗଡ଼,୨୯।୬(ସମିସ):

ଟୋକନ ଦାବିରେ ତୃତୀୟ ଦିନ ଜିଲ୍ଲା ଉପନିବନ୍ଧକ ଅଫିସ ସମ୍ମୁଖରେ ସଂଯୁକ୍ତ କୃଷକ ସଂଗଠନର ଧାରଣା ଚାଲିଛି। ବରଗଡ଼ ଜିଲ୍ଲାରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଟୋକନ ପାଇବାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି। ସରକାରଙ୍କ ଧାନ ସଂଗ୍ରହ ନୀତି ଅନୁଯାଇ ଆସନ୍ତା କାଲି ଠାରୁ ଧାନ କିଣା ବନ୍ଦ ହେବ ତାହାହେଲେ ବଞ୍ଚିତ ଥିବା କୃଷକମାନେ କେମିତି ଧାନ ବିକ୍ରି କରିବେ ଏବଂ ଅଧିକାଂଶ ଚାଷୀଙ୍କ ଜମି ତୁଳନାରେ କମ ଟୋକନ ଆସିଛି। ପ୍ରତ୍ୟେକ ଦିନ ଶହଶହ ଚାଷୀ ଅଫିସ ଦୌଡୁଛନ୍ତି ଟୋକନ ଆଶାରେ ହେଲେ କୌଣସି ଫଳ ନାହିଁ। ସକାଳ ୧୦ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଟୋକନ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜିଦ୍‌ରେ ବସିଛନ୍ତି। ତୃତୀୟ ଦିନରେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ନ ଆସିବାରୁ ସଂଗଠନର ନିଷ୍ପତ୍ତି କ୍ରମେ ସନ୍ଧ୍ୟାରେ ଏସ୍‌ପି ରବିନାରାୟଣ ଶତପଥୀଙ୍କୁ ଭେଟି ଜିଲ୍ଲାର ଚାଷୀଙ୍କ ଟୋକନ ସମସ୍ୟା ଓ ଧାନ ବିକ୍ରି ପ୍ରସଙ୍ଗରେ ଅବଗତ କରିଛନ୍ତି। ଏସ୍‌ପି ରବିନାରାୟଣ ଶତପଥୀ, ଅତିରିକ୍ତ ଏସ୍‌ପି ଡୋଲମଣୀ ଭୋଇ, ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶାଳ ଏବଂ ଚାଷୀ ପ୍ରତିନିଧି ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, କରନ ସାହୁ, ଭିଜନ ପାଢ଼ୀ, ଧର୍ମେନ୍ଦ୍ର ଦେହୁରୀ, ନିରଞ୍ଜନ ପଧାନ, ସୁଦାମ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏସ୍‌ପି ମଙ୍ଗଳବାର ଦିନ ଆପଣମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଆନ୍ଦୋଳନରତ ଚାଷୀମାନେ ସନ୍ଧ୍ୟାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ବ୍ୟକ୍ତିଗତ ଭାବରେ ଅଭିଯୋଗ କରିବାରୁ ପୁଣି ଥରେ ଜିଲ୍ଲାରେ ବଞ୍ଚିତ ଥିବା ଚାଷୀଙ୍କ ଟୋକନ ପାଇଁ ଉପରିସ୍ତ ଅଧିକାରୀକୁ ଜଣାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

**ଏସ୍‌ପିଙ୍କ ସହ ଚାଷୀ ସଂଗଠନର ଆଲୋଚନା**

## ଅତୁଲ୍ୟ ଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ମେଧା ପରୀକ୍ଷା



ଭଟଲି,୨୯।୬(ସମିସ): ଭଟଲି ରୋଡ଼ ସ୍ଥିତ ଅତୁଲ୍ୟ ଶିକ୍ଷା କେନ୍ଦ୍ର ଆନୁକୁଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ଛାତ୍ରଛାତ୍ରୀଙ୍କ ମେଧା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସତ୍ୟେନ୍ଦ୍ରିୟ ଦେବତା, ଶିକ୍ଷୟିତ୍ରୀ ଅନନ୍ୟା ଅନିଶା ଦେବତା, ରିମା ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଧା ପରୀକ୍ଷାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସାଲିନୀ ସା, ସାଇ ସ୍ୱରୂପ, ସୋହନ ପ୍ରକାଶ ସାହୁ, କ୍ରିଷ୍ଟିନା ମେହେର, ରୁଚି ମାଝୀ ପ୍ରମୁଖ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ୍, ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

### ● ଆଇଏମ୍‌ଏ ବରଗଡ଼ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ

## ଡାକ୍ତର ସୁବଳ କିଶୋର ସଭାପତି




ବରଗଡ଼,୨୯।୬(ସମିସ): ବରଗଡ଼ ସହରସ୍ଥିତ ହୋଟେଲ ଗଣପତି ଠାରେ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ବରଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଏହି ସଭାରେ ସଂଗଠନର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ନୂତନ ସଭାପତି ଭାବେ ଡାକ୍ତର ସୁବଳ କିଶୋର କର, ଉପ ସଭାପତି ଡାକ୍ଟର ଦିବ୍ୟ କିଶୋର ପତି, ସମ୍ପାଦକ ଡାକ୍ତର କୃଷ୍ଣ ବଲ୍ଲଭ ମହାନ୍ତି, ସହ ସମ୍ପାଦକ ଭାବେ ଡାକ୍ତର ସଞ୍ଜୀବ ଦାଶ, କୋଷାଧ୍ୟକ୍ଷ ଭାବେ ଡାକ୍ତର ପ୍ରବୀଣ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ପରେ ଡାକ୍ତର କର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ନୂତନ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ବରଗଡ଼ର ବହୁ ବରିଷ୍ଠ ଚିକିତ୍ସକ ଓ ଆଇଏମଏ ସଦସ୍ୟ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅସୁସ୍ଥ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ଭେଟିଲା ମହିଳା ସମିତି



ବରଗଡ,୨୯।୬(ସମିସ): ବରପାଲି ବ୍ଲକ କୁମ୍ଭାରୀ ଗ୍ରାମରେ ବିଶିଷ୍ଟ ଲୋକକଳାକାର ତଥା ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ଅସୁସ୍ଥ ଥିବା ଖବର ପାଇ ବରଗଡ଼ ମହିଳା ସମିତିର ଏକ ପ୍ରତିନିଧି ଦଳ ତାଙ୍କ ବାସଭବନକୁ ଯାଇ ଭେଟିଥିଲେ। ସମିତି ପକ୍ଷରୁ ତାଙ୍କ ଶୀଘ୍ର ଆରୋଗ୍ୟ ଏବଂ ଦୀର୍ଘ ଜୀବନ କାମନା କରାଯାଇଥିଲା। ଏହି ଅବସରରେ ତାଙ୍କୁ ଉପଢୌକନ ଓ ଲେମ୍ବୁ ଗଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିନିଧି ଦଳରେ ସମିତିର ସଭାପତି ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି ଏବଂ ବରିଷ୍ଠ ସଦସ୍ୟା ଅଞ୍ଜନା ଦାସ ଓ ମମତା ମିଶ୍ର ସାମିଲ ଥିଲେ।

## ଲିଟିଲ୍ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ଅଭିଷେକୋତ୍ସବ



ବରପାଲି,୨୯।୬(ସମିସ): ବରପାଲି ଲିଟିଲ୍ ଏଞ୍ଜେଲସ ପବ୍ଲିକ ସ୍କୁଲରେ ଛାତ୍ର ପରିଷଦ ଅଭିଷେକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସିନିୟର ସେକେଣ୍ଡରୀ ଅଧ୍ୟକ୍ଷ ଦିଲ୍ଲିପ କୁମାର ମିଶ୍ର, ପ୍ରାଇମେରୀ ଓ ମିଡିଲ ବିଭାଗର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଲ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତୀ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗଜାଲା ଅଞ୍ଜୁମଙ୍କ ସ୍ୱାଗତ ସମ୍ଭାଷଣ ପରେ ମିନତୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀମାନଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ନବଗଠିତ ଛାତ୍ର ପରିଷଦର ସଭ୍ୟମାନଙ୍କ ପରିଚୟ ପ୍ରଦାନ କରାଗଲା। ବିଦ୍ୟାଳୟ ପ୍ରିଫେଟ୍ ଅଦିତି ଅପର୍ଣ୍ଣା ସିଂହ, କମାଣ୍ଡର ଶ୍ରଦ୍ଧା ମେହେର ସହ ରକ୍ ଦଳର ଅଧିନାୟକ ଝାନ୍‌ସି ବନ୍‌ଛୋର ଓ ଉପ ଅଧିନାୟକ ସ୍ୱୟନ୍ ସିଦ୍ଧା ପଧାନ, ସାମ୍ ଦଳର ଅଧିନାୟକ ସମୀକ୍ଷା ସାହୁ ଓ ଉପ ଅଧିନାୟକ ରାଜଶ୍ରୀ ଭୋଇ, ଯଜୁଃ ଦଳର ଅଧିନାୟକ ସ୍ମାଇଲ ବଡପଣ୍ଡା ଓ ଉପ ଅଧିନାୟକ ନିମେଶ ଅଗ୍ରହାରୀ, ଅଥର୍ବ ଦଳର ଅଧିନାୟକ ଡଲି ସୁନା ଓ ଉପ ଅଧିନାୟକ ଜାଗୃତି ମୁଣ୍ଡ ନବଗଠିତ ସଭ୍ୟଗଣଙ୍କ ସହ ଦଳ ଗୁଡ଼ିକର ଇନଚାର୍ଜ ସାବିତ୍ରୀ ମିଶ୍ର, ମନୋଜ ଗହୀର, ରୂପେଲିନୀ ସାହୁ ଓ ଦେବାନନ୍ଦ ସାହୁଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ନବଗଠିତ ସଭ୍ୟଙ୍କ ଶପଥ ପାଠ କରାଇଥିଲେ।

## ଭାରତ ବିକାଶ ପଦ୍ମପୁରର ପ୍ରତିଷ୍ଠାତା ସୁରଜ ପ୍ରକାଶଙ୍କ ଜୟନ୍ତୀ




ପଦ୍ମପୁର,୨୯।୬(ସମିସ): ସ୍ଥାନୀୟ ଶିଶୁ ମନ୍ଦିର ଠାରେ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଭାରତ ବିକାଶ ପରିଷଦର ପ୍ରତିଷ୍ଠାତା ଡକ୍ଟର ସୁରଜ ପ୍ରକାଶ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳାକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ସମାଜସେବୀ ଶାନ୍ତନୁ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଡକ୍ଟର ବାଞ୍ଛାନିଧି ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପୃଥ୍ୱୀରାଜ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ଦିବ୍ୟ କିଶୋର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜୟଦେବ ବେହେରା, ସଦାନନ୍ଦ ପୁରୋହିତ, ଡକ୍ଟର ଜୟକୃଷ୍ଣ ପଟେଲ, ଚନ୍ଦ୍ରଶେଖର ପୁରୋହିତ, ଚୌବନ ସ୍ୱାଇଁ, ସ୍ୱରୂପ ପୁରୋହିତ, ହିମାଂଶୁ ତ୍ରିପାଠୀ, ଶିବପ୍ରସାଦ ସା ପ୍ରମୁଖ ସହଯୋଗ କରିଥିଲେ।

## ଭାରତ ମାତା ମନ୍ଦିର ପାଇଁ ଭୂମି ପୂଜନ



ଅତାବିରା,୨୯।୬(ସମିସ): ମାତା ମନ୍ଦିର ପାଇଁ ଭୂମି ପୂଜନ ଉତ୍ସବ ସମ୍ପନ୍ନ ହୋଇଯାଇଛି। ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ୧୨୭ଟି ସାମାଜିକ, ରାଷ୍ଟ୍ରୀୟ ତଥା ଆଧ୍ୟାତ୍ମିକ ସଂଗଠନ ଅଂଶଗ୍ରହଣ କରିଥିଲେ। କବି ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଭାଗବତ ପଧାନ, ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଅମର ସହିଦ ମାଧୋ ସିଂହଙ୍କ ଦାୟାଦ ତାରକେଶ୍ୱର ସିଂହ ବରିହା, ପାହାଡ଼ଶ୍ରୀଗିଡା ଜମିଦାର ଜନାର୍ଦ୍ଦନ ସିଂହଙ୍କ ଦାୟାଦ ହରଜିତ୍ ସିଂହ, ଆର୍‌ଏସ୍‌ଏସ୍ ପ୍ରାନ୍ତ ସଂଘଚାଳକ ଡ. ସନାତନ ପ୍ରଧାନ, ପାନମୁରା ସ୍ୱାଧୀନତା ସଂଗ୍ରାମୀ ସଂଗଠନର ବରିଷ୍ଠ ପ୍ରମୁଖ ଗଣ, ତଥା ଅତାବିରା ବିଧାୟକ ନିହାର ମହାନନ୍ଦ ଉପସ୍ଥିତ ରହି ଉତ୍ସବର ଗାରିମା ବଢ଼ାଇଥିଲେ। ନ୍ୟାସ ତରଫରୁ ସୂଚନା ଦିଆଯାଇଛି ଯେ, ଯୋଗଦେଇଥିବା ସମସ୍ତ ସଂଗଠନର ନାମ ମନ୍ଦିର ପ୍ରାଙ୍ଗଣରେ ଏକ ଗୌରବ ସ୍ମାରକୀ ଫଳକରେ ଲିପିବଦ୍ଧ କରାଯିବ। କାର୍ଯ୍ୟକ୍ରମ ପରେ ଆସନ୍ତା ଜୁଲାଇ ମାସରୁ ପ୍ରତିଟି ତୀର୍ଥକ୍ଷେତ୍ର ଓ ଗ୍ରାମରୁ ମାଟି ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବରରେ ଶିଳାନ୍ୟାସ ସହ ୧୦୮ ଫୁଟ ଉଚ୍ଚ ଭଗୱା ଧ୍ୱଜା ସ୍ଥାପନ କରାଯିବ।

## ସ୍ନାନ ପରେ ହାତୀ ବେଶରେ ଚତୁର୍ଦ୍ଧା ମୂର୍ତ୍ତି



ଭଟଲି,୨୯।୬(ସମିସ): ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲି ପୀଠାଧିଶ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ପରେ ଭକ୍ତମାନଙ୍କୁ ହାତୀବେଶରେ ଦର୍ଶନ ଦେଇଥିଲେ ଠାକୁର। ସୋମବାର ଦୈନିକ ପୂଜାନୀତି ପରେ ପ୍ରଭୁ ଶ୍ରୀ ଦଧିବାମନ ରତ୍ନ ସିଂହାସନ ଛାଡ଼ି ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ସୁବାସିତ ୧୦୮ ଗଡୁ ଜଳରେ ସ୍ନାନ ପରେ ମହାପ୍ରଭୁଙ୍କୁ ଦକ୍ଷିଣ ଦିଗକୁ ମୁଖାରବିନ୍ଦ କରି ବିଭୀଷଣ ବନ୍ଦାପନା କରାଯାଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ହାତୀ ବେଶରେ ସଜା ଯାଇଥିଲା। ପରେ ପ୍ରଭୁ ଶ୍ରୀ ଦଧିବାମନ ଅଣସର ପିଣ୍ଡିରେ ବିଜେ କରିଥିଲେ।

### ନୃସିଂହନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



**ପାଇକମାଳ:** ନୃସିଂହନାଥ ମନ୍ଦିରରେ ତିନି ଠାକୁରଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇ ୧୦୮ କଳସ ପାଣି ଏକ ପିତଳ ହଣ୍ଡାରେ ଭର୍ତ୍ତି କରି ହଳଦୀ, ଅଗୁରୁ, ଚନ୍ଦନ, ଇତ୍ୟାଦି ସୁବାସିତ ଦ୍ରବ୍ୟ ମିଶାଇ ସ୍ନାନ କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଏହି ଉତ୍ସବକୁ ପରିଚାଳନା କରିଥିଲେ। ପ୍ରଥମେ ମନ୍ଦିର କର୍ମଚାରୀମାନେ ଓ ଉପସ୍ଥିତ ଭକ୍ତମାନେ ସ୍ନାନ କରାଇଥିଲେ। କର୍ତ୍ତା ଭାବେ ଆଜାଦ ମାଝି ଦାୟିତ୍ୱ ତୁଲାଇଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ମନ୍ଦିର ସେବାୟତ ସୁବୋଧ ପଣ୍ଡା, ଶଙ୍କର ଦାସ, ଜେକି ସରାଫ ପ୍ରମୁଖ ଯୋଗଦାନ କରି ତନି ଠାକୁରଙ୍କୁ ସ୍ନାନ କରାଇଥିଲେ।

### ଖଜୁରଟିକ୍ରା ଜଗନ୍ନାଥ ମନ୍ଦିର



ବରଗଡ଼: ଖଜୁରଟିକ୍ରା ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ପରେ ପ୍ରଭୁଙ୍କୁ ଚନ୍ଦନ ଲାଗି ସହ ପୁଷ୍ପାଭିଷେକ କରାଯାଇଥିଲା। ପରେ ଗଜାନନ ବେଶରେ ପ୍ରଭୁଙ୍କୁ ସୁସଜ୍ଜିତ କରାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଏହି ସମୟରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ସୁରେଶ ଗନ୍ତାୟତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପବିତ୍ର ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ ଉପସ୍ଥିତ ରହି ପ୍ରଭୁଙ୍କୁ ସ୍ନାନ କରାଇଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଗାଇସିଲେଟ,୨୯।୬(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୧୧୦ ଗୋଟି ଅଭିଯୋଗ ମଧ୍ୟରୁ ୭୮ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ; ଦୁଇ କୋର୍ଟ ଚାଲାଣ

ଝାରବନ୍ଧ,୨୯।୬(ସମିସ): ଝାରବନ୍ଧ ପୁଲିସ ବେଆଇନ ଭାବେ ବାଲି ପରିବହନ କରାଯାଉଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲ୍ଲା ତେନ୍ଦୁକୋନା ଥାନା ଅନ୍ତର୍ଗତ ଶିକାରିପାଲି ଗ୍ରାମର ଗିରିଧାରୀ ଯାଦବ(୨୭) ଓ ବିଷ୍ଣୁ କୁମାର ସାହୁ(୩୩)। ସୂଚନା ଅନୁସାରେ, ଝାରବନ୍ଧ ଥାନା ଅଧୀନ ବଲାଙ୍ଗୀର ବାଲିଘାଟରୁ ବେଆଇନ ଭାବେ ବାଲି ଉଠାଇ ଛତିଶଗଡ଼କୁ ଚାଲାଣ କରାଯାଉଥିବା ସୂଚନା ପାଇ ଝାରବନ୍ଧ ପୁଲିସ ଚଢ଼ଉ କରି ୨ଟି ଟ୍ରାକ୍ଟର ଜବତ କରିଥିଲା। ଯାଞ୍ଚ ପରେ ଆବଶ୍ୟକ କାଗଜପତ୍ର ନଥିବାରୁ ପୁଲିସ ଦୁଇଟି ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ଝାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଫଳକରେ ଲିପିବଦ୍ଧ କରାଯିବ। କାର୍ଯ୍ୟକ୍ରମ ପରେ ଆସନ୍ତା ଜୁଲାଇ ମାସରୁ ପ୍ରତିଟି ତୀର୍ଥକ୍ଷେତ୍ର ଓ ଗ୍ରାମରୁ ମାଟି ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବରରେ ଶିଳାନ୍ୟାସ ସହ ୧୦୮ ଫୁଟ ଉଚ୍ଚ ଭଗୱା ଧ୍ୱଜା ସ୍ଥାପନ କରାଯିବ।

### ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର

## ସେମିତି ପଡ଼ିଛି ସତୀଭଟା ଏୟାରଷ୍ଟ୍ରିପ୍






ପଦ୍ମପୁର,୨୯।୬ (ସମିସ): ଅଗମ୍ୟ ଅପହଞ୍ଚ ସ୍ଥାନକୁ ଆକାଶମାର୍ଗରେ ସଂଯୋଗ ତଥା ବ୍ୟବସାୟ ବାଣିଜ୍ୟରେ ଉନ୍ନତି ତଥା ପର୍ଯ୍ୟଟନ ବୃଦ୍ଧି ସହିତ ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟ ଦରରେ ବିମାନ ସେବା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଉଡାନ (ଉଡେ ଦେଶ କି ଆମ୍ ନାଗରିକ) ଯୋଜନା। ସମସ୍ତ ଭିତ୍ତିଭୂମି ଓ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଏହି ଯୋଜନାରେ ସାମିଲ ହେବା ପାଇଁ ପଦ୍ମପୁରବାସୀ ଅପେକ୍ଷାରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଉଡାନ ଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଏଆରଷ୍ଟ୍ରିପଗୁଡିକ କାର୍ଯ୍ୟକ୍ଷମ ହୋଇପାରିଛି; ମାତ୍ର ପଦ୍ମପୁର ସତିଭଟାର ଏହି ଏୟାରଷ୍ଟ୍ରିପ ଆଜି ମଧ୍ୟ ସେମିତି ପଡି ରହିଛି। ଏହାକୁ ଉଡାନ ଯୋଜନାରେ ସାମିଲ କରିବା ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗତ ୨୦୨୫ ଅପ୍ରେଲ ୨, ଜୁଲାଇରେ ଲାଗି ଲାଗ ୨ ଥର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଭେଟି ଲିଖିତ ଦାବି ଜଣାଇ ପ୍ରତିଶ୍ରୁତି ପାଇଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିନି। ୮୦ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହି ଏୟାରଷ୍ଟ୍ରିପରେ ଅବତରଣ କରିଥିଲେ। ଖାଲି ସେତିକି ନୁହେଁ; ବିଟ୍ରିଶ ସମୟରୁ ମଧ୍ୟଏଠାରୁ ବିମାନ ଅବତରଣ ଓ ଟେକଅପ୍ କରୁଥିଲା। ୩୪ ଏକର ସ୍ଥାନରେ ନିର୍ମାଣ ହୋଇଥିବା ଏହି ଏୟାର ଷ୍ଟ୍ରିପ୍‌ରେ ୧୭ଶହ ମିଟର ଲମ୍ବର ରନ୍‌ୱେ ବ୍ୟବସ୍ଥା କରାଯାଇଛି। ଏଠାରୁ ରାୟପୁର ଓ ଭୁବନେଶ୍ୱର ବିମାନବନ୍ଦର ଆକାଶମାର୍ଗରେ ଯଥାକ୍ରମେ ୭୩ ଏବଂ ୧୬୫ ନଟିକାଲ୍ ମାଇଲ ରହିଛି।

**୩ ଥର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରଗଡ଼ ସାଂସଦ**

# ଦୁଲ୍‌ହପାଲିକୁ ପକ୍କା ରାସ୍ତା ସ୍ୱପ୍ନ



ଅମ୍ବାଭୋନା, ୨୯।୬(ସମିସ):

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଭୁକ୍ତା ପଞ୍ଚାୟତର ଦୁଲ୍‌ହପାଲି ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା ଆଜି ବି ସ୍ୱପ୍ନ ହୋଇ ରହିଛି। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛି; ହେଲେ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉନ୍ନତି ହୋଇପାରିନାହିଁ। ଏହା ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ବର୍ଷା ଋତୁ ଆସିଲେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼େ। କାଦୁଅ ଓ ପାଣି ଜମି ରହିବା ଫଳରେ ଯାତାୟାତ ପ୍ରାୟ ଅସମ୍ଭବ ହୋଇଯାଏ। ବିଶେଷକରି ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ, ରୋଗୀ, ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ଏହି ରାସ୍ତା ଏକ ବଡ଼ ବାଧକ ସାଜିଥାଏ। ଅମ୍ବାଭୋନା ବ୍ଲକ୍ ମୁଖ୍ୟାଳୟରୁ ଅଳ୍ପ ଦୂରତାରେ ଅବସ୍ଥିତ ହୋଇଥିଲେ ମଧ୍ୟ ଦୁଲ୍‌ହପାଲି ଗ୍ରାମ ଉନ୍ନୟନ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ କଲେଜ, ସାଧାରଣ ଲୋକମାନେ ବଜାର, ହସ୍ପିଟାଲ ଏବଂ ବିଭିନ୍ନ ବାଣିଜ୍ୟିକ କାର୍ଯ୍ୟ ପାଇଁ ଯାତାୟାତ କରୁଛନ୍ତି। ଏହା ଗ୍ରାମର ଏକମାତ୍ର ପ୍ରବେଶ ପଥ ଓ ମୁଖ୍ୟ ସଂଯୋଗ ରାସ୍ତା। ଗ୍ରାମବାସୀ ଏହି ସମସ୍ୟା ସମ୍ପର୍କରେ ଭୁକ୍ତା ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗକୁ ଏକାଧିକ ଥର ଅବଗତ କରାଇଛନ୍ତି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ଦେଖାଦେଇଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ସରକାର ଗ୍ରାମାଞ୍ଚଳର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଦୁଲ୍‌ହପାଲି ଭଳି ଗ୍ରାମ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ରହିବା ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଉଛି। ବିକାଶର ଧାରାରେ ସମସ୍ତ ଗ୍ରାମକୁ ସାମିଲ କରିବା ନେଇ ସରକାର ବାରମ୍ବାର ଘୋଷଣା କରଛନ୍ତି; ହେଲେ ଦୁଲ୍‌ହପାଲିର ଏହି ସମସ୍ୟା ଏବେ ବି ଅମୀମାଂସିତ ରହିଯିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଯଦି ଶୀଘ୍ର ରାସ୍ତା ନିର୍ମାଣ ଆରମ୍ଭ ନ ହୁଏ ତେବେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ପ୍ରସଙ୍ଗରେ ବରଗଡ଼ ଜିଲ୍ଲାପାଳ, ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିବାକୁ ଦାବି ଜୋର୍ ଧରିଛି। ଗ୍ରାମବାସୀ ଆଶା ବ୍ୟକ୍ତ କରିଛନ୍ତି ଯେ ଏଥର ପ୍ରଶାସନ ସେମାନଙ୍କ ସମସ୍ୟାକୁ ଗୁରୁତର ସହ ନେଇ ଶୀଘ୍ର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରିବ।

# ଆତଙ୍କ ସୃଷ୍ଟିକାରୀ ଯୁବକ ଗିରଫ; ୨ ପିସ୍ତଲ ଜବତ

**ମନମୁଣ୍ଡା/ଶଗଡ଼ା/କଣ୍ଟାମାଳ, ୨୯।୬(ସମିସ)**

ମନମୁଣ୍ଡା ଥାନା ଖଟଖଟିଆ ଗ୍ରାମରେ ରବିବାର ରାତି ପ୍ରାୟ ୮ଟାରେ ୩ ଜଣ ସନ୍ଦିଗ୍ଧ ବ୍ୟକ୍ତି ଦ୍ରୁତ ଗତିରେ ବାଇକ୍ ଚଳାଇ ଚକ୍କର ମାରୁଥିଲେ। ଲୋକମାନେ ଦେଖି ଭୟଭୀତ ହୋଇ ୧୧୨କୁ

**ଦୁଇଟି ବାଇକ୍ ଜବତ; ୨ ଫେରାର**

ଖବର ଦେଇଥିଲେ। ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକେ ଜୀବନ ଭୟରେ ସାଇଡ୍ ହୋଇଯାଇଥିଲେ। ସୂଚନା ପାଇବା ପରେ ଏଏସ୍ଆଇ ପୁଷ୍ପାଞ୍ଜଳି ମିଶ୍ର, ହାବିଲଦାର ଏସ୍. ଆର୍. ମେଣ୍ଡିଲି, କନଷ୍ଟେବଲ ବିସ୍ମାନ ମାଝୀ ୧୧୨ ଷ୍ଟାଫ୍ ସହ ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ତିନିଜଣ ବ୍ୟକ୍ତି ଦୁଇଟି ବାଇକ୍ ସହ ରାସ୍ତା ପାଖରେ ଠିଆ ହୋଇଥିଲେ। ପୁଲିସ ସେମାନଙ୍କୁ ପଚାରିବାରୁ ସେମାନେ ଅଶ୍ଳୀଳ ଭାଷାରେ ପୁଲିସକୁ ଗାଳିଗୁଲଜ କରିବା ସହ ଗୋଟିଏ ଦେଶୀ ପିସ୍ତଲ ଦେଖାଇ ଧମକ ଦେଇଥିଲେ। ତେବେ ପୁଲିସ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅନ୍ଧାରର ସୁଯୋଗ ନେଇ ଅନ୍ୟ ଦୁଇଜଣ ପିସ୍ତଲ ଫିଙ୍ଗି ବାଇକ୍ ଛାଡ଼ି ପଳାଇ ଯାଇଥିଲେ। ତଲାସୀ ବେଳେ ଘଟଣାସ୍ଥଳରୁ ଗୋଟିଏ ଦେଶୀ ପିସ୍ତଲ ପୁଲିସ ଜବତ କରିଥିଲା। ଧରାପଡ଼ିଥିବା ବ୍ୟକ୍ତି ଜଣକ ମନମୁଣ୍ଡା ଥାନା ବ୍ରାହ୍ମଣୀ ଗ୍ରାମର କିଶୋର କର୍ମୀଙ୍କ ପୁଅ ଜିତେନ୍ଦ୍ର କର୍ମୀ (୩୩) ବୋଲି ଜାଣିବାକୁ ମିଳିଛି। ଖସି ପଳାଇଥିବା ଦୁଇ ଅଭିଯୁକ୍ତ ବ୍ରାହ୍ମଣୀ ଗ୍ରାମର ଗାନ୍ଧୀ ନାଏକ ଏବଂ ସୁଦାମ କର୍ମୀ ବୋଲି ଧରା ପଡ଼ିଥିବା ଅଭିଯୁକ୍ତ ଠାରୁ ପୁଲିସ ଜାଣିବାକୁ ପାଇଛି। ପୁଲିସକୁ ପିସ୍ତଲ ଦେଖାଇ ଧମକ ଦେଇଥିବା ଅଭିଯୁକ୍ତ ଗାନ୍ଧୀ ନାଏକ ବୋଲି ତା' ଠାରୁ ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।



ଅଧିକ ତଲାସୀ ପରେ ଆଉ ଗୋଟିଏ ଦେଶୀ ପିସ୍ତଲ ( ୨ଟି ଯାକ ୯ଏମ୍ଏମ୍ ଦେଶୀ ପିସ୍ତଲ) ଏବଂ ଦୁଇଟି ବାଇକ୍ (ଓଡି୩୧-ଏମ୍-୧୩୯୨) ଏବଂ (ଓଡି୩୧-ଏ-୯୧୫୩) ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚିରଞ୍ଜିବୀ ବେହେରାଙ୍କ ଠାରୁ ଜାଣିବାକୁ ମିଳିଛି। ଏମାନେ ବନ୍ଧୁକ ଧରି କାହିଁକି ଏପରି ବୁଲୁଥିଲେ? କିଛି ବଡ଼ ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଥିଲେ କି? ବନ୍ଧୁକ କେଉଁଠୁ ଆଣିଲେ ଓ କାହିଁକି ଧରି ବୁଲୁଥିଲେ? ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି।

**ଶଗଡ଼ା ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ**

# 'ପାଠ ପଢ଼ିଲେ ହିଁ ମସ୍ତିଷ୍କର ଭୋକ ମେଣ୍ଟିବ'

**ଶଗଡ଼ା, ୨୯।୬(ସମିସ):** ବୌଦ୍ଧ ଜିଲ୍ଲାର ଉପାନ୍ତ ଅଞ୍ଚଳ ଶଗଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ। ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନଶିକ୍ଷକଙ୍କ ସହ ଶୈକ୍ଷିକ ଓ ପ୍ରଶାସନିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ବିଦ୍ୟାଳୟର ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହାପରେ ଶ୍ରେଣୀ ଗୃହକୁ ଯାଇ ପିଲାମାନଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ସହ ସ୍ପେଶାଲ କ୍ଲାସ ନେଇଥିଲେ।



ପିଲାଙ୍କୁ ଉଦ୍‌ବୋଧନ ଦେଇ ସେ ଖାଦ୍ୟ ସହିତ ମସ୍ତିଷ୍କର ତୁଳନା କରି ଏକ ସୁନ୍ଦର ଉଦାହରଣ ଦେଇଥିଲେ। ସେ କହିଥିଲେ ଯେ, 'ନିୟମିତ ଖାଦ୍ୟ ନଖାଇଲେ ଯେମିତି ଆମ ଶରୀର ଅସୁସ୍ଥ ହୋଇପଡ଼େ, ଠିକ୍ ସେମିତି ପ୍ରତିଦିନ ପାଠ ନପଢ଼ିଲେ ଆମ ମସ୍ତିଷ୍କ କାମ କରେ ନାହିଁ।' ଶରୀର ଭଳି ମସ୍ତିଷ୍କର ବି ଯତ୍ନ ନେବା କଥା, ନଚେତ୍ ବ୍ରେନ୍ ଭୋକିଲା ରହିଯିବ ବୋଲି କହିଥିଲେ। ଏହାପରେ ଆଗାମୀ ଦିନରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କିଭଳି ପରୀକ୍ଷାରେ 'ଏ-୧' ଗ୍ରେଡ୍ ହାସଲ କରିପାରିବେ ପିଲାମାନଙ୍କୁ ପ୍ରେରିତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏହି ପ୍ରେରଣାଦାୟୀ ଶିକ୍ଷାଦାନ ଶୈଳୀକୁ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

## ଦଧିବାବନଙ୍କ ପବିତ୍ର ସ୍ନାନ ଉତ୍ସବ



**ତରଭା, ୨୯।୬(ସମିସ):** ତରଭା ଶ୍ରୀ ଦଧିବାବନଙ୍କ ପବିତ୍ର ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ଉତ୍ସବରେ ରଥଯାତ୍ରା କମିଟିର ଅଧ୍ୟକ୍ଷ ରତନଲାଲ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଗୋପାଳ କୃଷ୍ଣ ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ସତ୍ୟନାରାୟଣ ପୂଜାହାରୀ, ସୁଧୀର ପୂଜାହାରୀ, ଜୟନ୍ତ ପୂଜାହାରୀ, ସଞ୍ଜୟ ମିଶ୍ର, ଆଶିଷ ମିଶ୍ର, ଲାଲୁ ମିଶ୍ର ପ୍ରମୁଖ ଶ୍ରୀ ଦଧିବାବନଙ୍କ ପୂଜାର୍ଚ୍ଚନା ଓ ସ୍ନାନ ସମ୍ପନ୍ନ କରାଇଥିଲେ। ଦେବସ୍ନାନ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା।

## କମସରାରେ ସ୍ନାନ ପୂର୍ଣ୍ଣିମା

**ତରଭା, ୨୯।୬(ସମିସ):** କମସରା ଦଧିବାମନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସୁବାସିତ ଜଳରେ ମହାସ୍ନାନ କରାଯାଇଛି। ପ୍ରଥମେ ଦେବ ନୀତି ସାରି ବିଗ୍ରହମାନଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ମହାସ୍ନାନ ସାରି ଅଣସର ପିଣ୍ଡିରେ ବିଜେ ହେଲେ ଭାଇ ଭଉଣୀ ସହ ମହାପ୍ରଭୁ ଜଗନ୍ନାଥ। ନିରଞ୍ଜନ ପୂଝାରୀ, ପ୍ରଫୁଲ୍ଲ କୁମାର ପୂଝାରୀ, ରିଲୁ ପୂଝାରୀ ପୂଜାର୍ଚ୍ଚନା ଓ ମହାସ୍ନାନ ସମ୍ପନ୍ନ କରାଇଥିବାବେଳେ ଜମିଦାର ପରିବାରର ଯୋଗେଶ ମାଝୀ ଗଜପତିଙ୍କ ଦାୟିତ୍ୱ ତୁଲାଇଥିଲେ।

## ମନମୁଣ୍ଡା ଶ୍ରୀ ଦଧିବାମନଙ୍କ ସ୍ନାନ ପୂର୍ଣ୍ଣିମା

**ମନମୁଣ୍ଡା, ୨୯।୬(ସମିସ):** ମନମୁଣ୍ଡା ଦଧିବାମନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୂଜକ ଆଶୁତୋଷ ହୋତା ଦ୍ୱାର ଫିଟାଇ ପୂଜାର୍ଚ୍ଚନା କରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ମନ୍ଦିର ସହଯୋଗୀ ପୂଜକ ସ୍ୱାଧୀନ କୁମାର ହୋତା ଏବଂ ଶିବ ରଥ ମହାବାହୁଙ୍କୁ ରତ୍ନ ସିଂହାସନରୁ ପହଣ୍ଡି କରି ସ୍ନାନବେଦୀକୁ ଆଣିଥିଲେ। ବ୍ରାହ୍ମଣ ଚନ୍ଦ୍ର ଶେଖର ରଥ ସୁବାସିତ ଜଳକୁ ମନ୍ତ୍ର ଦ୍ୱାରା ପବିତ୍ର କରିଥିଲେ ଏବଂ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ବ୍ରାହ୍ମଣ ସ୍ୱାଧୀନ କୁମାର ହୋତା ଏବଂ ଶିବ ରଥ ୧୦୮ ଗରା ଜଳରେ ଶ୍ରୀ ଜଗନ୍ନାଥଙ୍କୁ ସ୍ନାନ କରାଇଥିଲେ।



## ଦେବଗଡ଼ ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା



**ଦେବଗଡ଼, ୨୯।୬(ସମିସ):** ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ ସ୍ଥିତ ଐତିହ୍ୟସମ୍ପନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା ପାଳିତ ହୋଇଯାଇଛି। ସକାଳୁ ନୀତିକାନ୍ତି ଅନୁଯାୟୀ ମଙ୍ଗଳାର୍ପଣ ନୀତି କରାଯାଇ ଧାଡ଼ି ପହଣ୍ଡିରେ ବିଗ୍ରହଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସନ୍ଧ୍ୟାରେ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାପରେ 'ଚତୁର୍ଦ୍ଧାମୂର୍ତ୍ତି' ଙ୍କୁ ପହଣ୍ଡିରେ ନିଆଯାଇ ଅଣସର ଘରେ ପ୍ରବେଶ କରାଯିବ। ବଡ଼ପଣ୍ଡା ସନ୍ତୋଷ ନାୟକ, ଅର୍ଜୁନ ଆଚାର୍ଯ୍ୟ ଓ ରମେଶ ପାଢ଼ୀ ସ୍ନାନ କାର୍ଯ୍ୟ ତୁଲାଇ ଥିଲେ।

## ଶ୍ରଦ୍ଧାଳୁଙ୍କ ମେଳରେ ସ୍ନାନ କଲେ ମହାପ୍ରଭୁ

**ଇବଥର୍ମାଲ, ୨୬।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ତୃତୀୟ ଜୋନ୍ ସ୍ଥିତ ବନ୍ଧବାହାଲ, ଖଡାମ, ପିପିଲି କାନି, କୁମ୍ଭାରବନ୍ଧ ଆଦି ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ମାନଙ୍କରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ବନ୍ଧବାହାଲ ସ୍ଥିତ ଜଗନ୍ନାଥ ମନ୍ଦିରରେ ୧୦ଟାରେ ଠାକୁରଙ୍କ ଦେହ ଲାଗି ବ୍ରାହ୍ମଣ ସେବାୟତଙ୍କ ଦ୍ୱାରା ପହଣ୍ଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ ବେଦୀକୁ ଅଣାଯାଇଥିଲା। ସ୍ନାନ ବେଦୀରେ ପୂଜକ ବିଶ୍ୱନାଥ ତ୍ରିପାଠୀ, ପ୍ରଫୁଲ୍ଲ ପାଢ଼ୀ, ବିଭୁତିଭୂଷଣ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଇଥିଲା। ଗଜପତି ତଥା ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ସହଧର୍ମିଣୀ ରେଣୁ ପାଣ୍ଡେ ଯୋଗ ଦେଇଥିଲେ। ପରିଶେଷରେ ପୁଷ୍ପାଞ୍ଜଳି ଓ ମହାପ୍ରସାଦ ଲାଗି କରାଯାଇଥିଲା। କୁମ୍ଭାରବନ୍ଧ ପୁରାତନ ଜଗନ୍ନାଥ ମନ୍ଦିରେ ପୂଜକ ସୁରେନ୍ଦ୍ର ମିଶ୍ର, ଗଜପତି ବିମଲ୍ କୁମାର ପଣ୍ଡା, ସହଧର୍ମିଣୀ ନମ୍ରତା ପଣ୍ଡା ତଥା ଗ୍ରାମବାସୀ ଉପସ୍ଥିତ ରହି ସ୍ନାନ ପୂର୍ଣ୍ଣିମା କାର୍ଯ୍ୟ ସମ୍ପନ୍ନ କରିଥିଲେ।



**ବେପରୁଆ ଗାଡ଼ି ଚାଳନା**

## କାନ୍ଥରେ ପିଟିହେଲା କାର୍; ୨ ଗୁରୁତର

**ମନମୁଣ୍ଡା, ୨୯।୬ (ସମିସ):** ବାସୁଦେବପାଲି (ମନମୁଣ୍ଡା)ଠାରେ ସୋମବାର ଅପରାହ୍ନରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ କାର୍ (ଓଡ଼ି୦୩ଏସି-୧୩୩୮) ବୌଦ୍ଧ ଦିଗରୁ ମନମୁଣ୍ଡା ଆଡ଼କୁ ଅତି ଦ୍ରୁତ ଓ ବେପରୁଆ ଭାବେ ଆସୁଥିଲା। ଜାତୀୟ ରାଜପଥ-୫୭ ବାସୁଦେବପାଲି ମା' ମାଉଳୀ ବୁଲାଣିରେ ଭାରସାମ୍ୟ ହରାଇ ନିକଟସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ଆଡ଼କୁ ମାଡ଼ି ଯାଇ ଓଲଟି ପଡ଼ି ଏକ ଗଛ ଓ କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିର ଚାଳକ ଓ ସେଥିରେ ବସିଥିବା ଆଉ ଜଣେ ଗୁରୁତର ଆହତ ହୋଇଥିଲେ। ମନମୁଣ୍ଡା ପୁଲିସ ଆହତମାନଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନା ନେଇଥିଲା। ଗାଡ଼ିଟି ସୁବର୍ଣ୍ଣପୁର ଜିଲ୍ଲା ମେଣ୍ଡା ଗ୍ରାମର ବୋଲି ଜାଣିବାକୁ ମିଳିଛି। ତେବେ ଆହତମାନଙ୍କ ପରିଚୟ ମିଳି ପାରିନାହିଁ।



**'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ**

# ତୃତୀୟ ଦିବସରେ ଜାତି-ଜନଜାତି ସମ୍ବାଦ ଦିବସ

**ବୌଦ୍ଧ, ୨୯।୬(ସମିସ):** ସ୍ଥାନୀୟ ଟାଉନ ହଲ୍‌ଠାରେ ଜୁନ୍ ୨୬ରୁ ୩ଦିନ ଧରି ଅନୁଷ୍ଠିତ ଜିଲ୍ଲାସ୍ତରୀୟ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ତୃତୀୟ ଦିନରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଜାତି ଜନଜାତି ସମ୍ବାଦ ଦିବସ, ବିକାଶ କର୍ମଶାଳା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର, ଉପାଧ୍ୟକ୍ଷା ଝରଣା ଜାନୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଗତ ଅଭିଭାଷଣରେ ଜିଲ୍ଲା କଲ୍ୟାଣ ଅଧିକାରୀ ଅନୁସୂଚିତ ଜାତି, ଜନଜାତି ଲୋକଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ସଚେତନ କରାଇଥିଲେ। ସାଂସଦଙ୍କ ପ୍ରତିନିଧି ଶ୍ରୀ ସାମଲ ବିଗତ ଦୁଇବର୍ଷରେ ସରକାରଙ୍କ ଦ୍ୱାରା ସାମୂହିକ ଭାବରେ ଜିଲ୍ଲାର ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ନିଜ ଅଭିଭାଷଣରେ ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି କରୁଥିବା ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ବିଗତ ଦୁଇ ବର୍ଷରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ଏବଂ 'ଭିଜନ-୨୦୩୬' ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଭିନ୍ନ ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ତରଫରୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ପିଏମ୍‌ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ଅଭିଯାନ ହୋଇଥିଲା।



## କଲ୍‌ଚରାଲ ଏକାଡେମୀର ମାସିକ ଆଲୋଚନାଚକ୍ର

**ବୌଦ୍ଧ, ୨୯।୬(ସମିସ):** ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ, ବୌଦ୍ଧ ପକ୍ଷରୁ ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଟୁଟୁସିଙ୍ଗାଠାରେ ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦେବରାଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ କାର୍ତ୍ତିକେଶ୍ୱର ନାୟକ ସମ୍ମାନିତ ଅତିଥି ଏବଂ ଏକାଡେମୀର ସମ୍ପାଦକ ରାଧାମୋହନ ମାହାଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରଶ୍ମିତା ବେହେରା ଜଗନ୍ନାଥ ଭଜନ ଗାନ କରିଥିଲେ। ପରେ ରାଧାମୋହନ ମାହାଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନା ଚକ୍ରରେ କାର୍ତ୍ତିକେଶ୍ୱର ନାୟକ ବୌଦ୍ଧ ଜିଲ୍ଲାର ସାହିତ୍ୟ ପରମ୍ପରା ଓ ଏକାଡେମୀର ଭୂମିକା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଦେବରାଜ ନାୟକ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଧ୍ରୁବଚରଣ ଘିବେଲା ସାହିତ୍ୟ ହେଉଛି ସଂଘର୍ଷର କାହାଣୀ ବୋଲି କହିବା ସହ ନିର୍ମଳ ଓ ସମାଜମୁଖୀ ସାହିତ୍ୟ ସୃଷ୍ଟି ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ଟଙ୍କଧର ସାହୁ ସଭାପତିତ୍ୱ କରିଥିବା ବେଳେ ସୁବାସ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବି. କେ. ନିର୍ମଳ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିବାବେଳେ ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧରେ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ



**ବୌଦ୍ଧ, ୨୯।୬(ସମିସ):** ଜିଲ୍ଲା ଶିଳ୍ପ କେନ୍ଦ୍ର, ବୌଦ୍ଧ ପକ୍ଷରୁ ସ୍ଥାନୀୟ କୃଷି ବଜାରରେ 'ଉଦ୍ୟମୀ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦୦ରୁ ଅଧିକ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସମ୍ଭାବ୍ୟ ନିବେଶକମାନେ ଉତ୍ସାହର ସହ ଯୋଗଦେଇଥିଲେ। ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ "ମେକ୍ ଇନ୍ ବୌଦ୍ଧ, ମେକ୍ ଫର୍ ଓଡ଼ିଶା" ଆହ୍ୱାନକୁ ସଫଳ କରି ବୌଦ୍ଧ ଜିଲ୍ଲାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଯୋଗେଶ୍ୱର ବିଶୋଇ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତତନ୍ତ, ପର୍ଯ୍ୟଟନ ଓ କ୍ଷୁଦ୍ର ବନଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପର ଅପାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ କିପରି ଶୀଘ୍ର ଓ ସହଜରେ ଅନୁମୋଦନ ମିଳିପାରିବ ପାୱାର ପଏଣ୍ଟ ପ୍ରଦର୍ଶନ କରାଯାଇଥିଲା। ଦିପା ବୌଦ୍ଧ ପକ୍ଷରୁ ଜିଲ୍ଲାର ନିବେଶ ସହାୟତା ବ୍ୟବସ୍ଥା, ଲ୍ୟାଣ୍ଡ ବ୍ୟାଙ୍କର ଉପଲବ୍ଧତା, ନିବେଶକଙ୍କ ପାଇଁ ସରକାରୀ ସୁବିଧା ଏବଂ ପ୍ରକଳ୍ପର ପ୍ରାରମ୍ଭରୁ କାର୍ଯ୍ୟକାରୀ ପର୍ଯ୍ୟାୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହ୍ୟାଣ୍ଡହୋଲ୍ଡିଂ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଉପସ୍ଥିତ ସମ୍ଭାବ୍ୟ ନିବେଶକମାନଙ୍କ ବିଭିନ୍ନ ପ୍ରଶ୍ନର ତୁରନ୍ତ ସମାଧାନ କରାଯାଇଥିଲା।

## ବରଗୋଛାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କଙ୍କ ଅଭିଯୋଗ ଶୁଣାଣି




**ବୌଦ୍ଧ/କଣ୍ଟାମାଳ, ୨୯।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମିନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୮ଗୋଟି ବ୍ୟକ୍ତିଗତ ଓ ୨୨ଟି ଗୋଷ୍ଠିଗତ ଏଭଳି ମୋଟ ୫୦ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ଜଣେ ଶ୍ରବଣ ବାଧିତଙ୍କୁ ଏକ ଶ୍ରବଣ ଯନ୍ତ୍ର, ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। କଣ୍ଟାମାଳ ବିଡ଼ିଓ ସାମ୍ମି ଜୟଶ୍ରୀ ରେ‡ୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍ଆଇଆର୍ ବୁଥ୍‌ସ୍ତରୀୟ ବୈଠକ**

# ମନମୁଣ୍ଡା ବୁଥ୍‌ରେ ଜିଲ୍ଲାର ସର୍ବାଧିକ ଭୋଟର ବାଦ୍

**ମନମୁଣ୍ଡା, ୨୯।୬(ସମିସ)**

କଣ୍ଟାମାଳ-୮୫ ବିଧାନସଭା କ୍ଷେତ୍ର ଭାଗ ସଂଖ୍ୟା ୧୫ - ମନମୁଣ୍ଡା ବୁଥର ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟରେ ଆଲୋଚନା ପାଇଁ ବିଏଲଓ ସୁପରଭାଇଜର ଆନନ୍ଦ କୁମାର ପରମଗୁରୁଙ୍କ ଅଧ୍ୟକ୍ଷତାରେ ବୁଥ୍ ସ୍ତରୀୟ ଅଧିକାରୀ, ଏଜେଣ୍ଟ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଯୁଗ୍ମ ବୈଠକ ସ୍ଥାନୀୟ ଶ୍ରୀ ଦଧିବାମନ ମନ୍ଦିର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଏଲ୍ଓ ସୁପରଭାଇଜର ଓ ଅନ୍ୟ ସମ୍ପୃକ୍ତ ଅଧିକାରୀ ଏହି ମତଦାନ କେନ୍ଦ୍ରର ମୋଟ ୧୧୮୪ ମତଦାତାଙ୍କ ମଧ୍ୟରୁ ୯୭୨ ଜଣଙ୍କ ଫର୍ମ ଗ୍ରହଣ ହୋଇଥିଲାବେଳେ ଅନୁପସ୍ଥିତ ମତଦାତା ୦୨, ସ୍ଥାନାନ୍ତରିତ ମତଦାତା ୯୫, ମୃତକ ମତଦାତା ୧୦୪, ନକଲି ମତଦାତା ୧୧କୁ ମିଶାଇ ମୋଟ ୨୧୨ ମତଦାତାଙ୍କ ଫର୍ମ ଗ୍ରହଣ ହୋଇ ପାରି ନଥିବା ବିଏଲଓ ସୁପରଭାଇଜର ଶ୍ରୀ ପରମଗୁରୁ ଘୋଷଣା କରିଥିଲେ। ତାଙ୍କ କହିବା ଅନୁଯାୟୀ, ଏହି ବୁଥରୁ ୨୧୨ ଜଣ ମତଦାତା ବାଦ୍ ପଡ଼ିଥିବା ବେଳେ ବୌଦ୍ଧ ଜିଲ୍ଲାରେ ଏହା ସର୍ବାଧିକ। ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ୍ବଝରି ମତଦାନ କେନ୍ଦ୍ର ବୁଥ ନଂ-୧୧୯ରୁ ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୨୧୧ ମତଦାତା ବାଦ ପଡ଼ିଥିବା ସେ କହିଥିଲେ। ଯେଉଁ ବ୍ୟକ୍ତିମାନଙ୍କ ନାମ ୫ ଜୁଲାଇ ୨୬ରେ ପ୍ରକାଶ ହେବାକୁ ଥିବା ଚିଠା ଭୋଟର ତାଲିକାରେ ପ୍ରକାଶିତ ନ ହେବ, ସେମାନେ ନିଜର ନାମ ଭୋଟର ତାଲିକାରେ ଯୋଡ଼ିବା ପାଇଁ ଫର୍ମ ନଂ-୬ ସହିତ ଘୋଷଣାନାମା ଓ ଦସ୍ତାବିଜ ୨୭ ଜୁଲାଇ ସୁଦ୍ଧା ବିଏଲଓ କିମ୍ବା ଅନଲାଇନ୍ ମାଧ୍ୟମରେ ଦେଇ ପାରିବେ ବୋଲି ଜଣାଯାଇଥିଲା।



ବୈଠକ ରେ ୱାର୍ଡ ନଂ-୬ରୁ ବିଜେପି ବିଏଲ୍ଏ ସଭ୍ୟ ଆଲୋକ କୁମାର ସାହୁ, ୱାର୍ଡ ନଂ-୮ର ସଭ୍ୟ କୃଷ୍ଣଚନ୍ଦ୍ର ରଥ, ୱାର୍ଡ ନଂ-୭ରୁ ଅଭିମନ୍ୟୁ ନାଏକ, ୱାର୍ଡ ନଂ ୯ ରୁ ହରେକୃଷ୍ଣ ନାଏକ, ବୁଦ୍ଧିଜୀବୀ ରଘୁନାଥ ମେହେର, ଅର୍ଜୁନ ନାଏକ, ନବୀନ ମେହେର, ରଞ୍ଜିତ ତରିଆ, ସୁବାସ ମେହେର, ସାନନ୍ଦ ଲୋଇ, ସିଦ୍ଧେଶ୍ୱର ସାହୁ, ମାଗିଖିଆ ନାଏକ, କୁଞ୍ଜବିହାରୀ ମେହେର, ରମେଶ ଚନ୍ଦ୍ର ତ୍ରିପାଠୀ, କୈଳାଶ ଚନ୍ଦ୍ର ମେହେର, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଥାର୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ଅଳ୍ପକେ ବର୍ତ୍ତିଲେ ଆରୋହି

**ମନମୁଣ୍ଡା, ୨୯।୬(ସମିସ):** ମନମୁଣ୍ଡା-କଣ୍ଟାମାଳ ରାଜପଥ ୪୧ ଜାଲପାଲି ନିକଟରେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ଏକ ଥାର୍ ଗାଡ଼ି (ନଂ-ଓଡ଼ି୦୩ଏଡି-୮୪୧୧) ଓଲଟି ପଡ଼ିଥିବାବେଳେ ଏଥିରେ ଥିବା ଚାଳକଙ୍କ ସହ ମୋଟ ୪ ଜଣ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଡ଼ିଟି ମନମୁଣ୍ଡା ଦିଗରୁ କଣ୍ଟାମାଳ ଅଭିମୁଖେ ଯାଉଥିଲା। ଜାଲପାଲି ବୁଲାଣିରେ ଏକ ଗୋରୁ ହଠାତ ଗାଡ଼ି ସାମ୍ନାକୁ ଧାଇଁ ଆସିବାରୁ ଚାଳକ ଚନ୍ଦ୍ରକାନ୍ତ ରଣା ଗାଈକୁ ବଞ୍ଚାଇବାକୁ ଗାଡ଼ି ଉପରୁ ଭାରସାମ୍ୟ ହରାଇବାରୁ ରାସ୍ତା ତଳକୁ ଯାଇ ଏକ ଗଛରେ ବାଡେଇ ହୋଇ ଗାଡ଼ିଟି ଓଲଟି ପଡ଼ିଥିଲା। ପୁଲିସ ଗାଡ଼ିକୁ ଉଦ୍ଧାର କରିଛି। ଗାଡ଼ିଟି କଣ୍ଟାମାଳ ଥାନା ବରଗାଁର ମୁକେଶ କତୁଆଙ୍କର ବୋଲି ଜାଣିବାକୁ ମିଳିଛି।





## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଦାଦାଭାଇ ନାରୋଜିଙ୍କ ନିଧନ।
- ୧୯୨୧- ସ୍ୱିଡେନ୍ ମୃତ୍ୟୁଦଣ୍ଡକୁ ଉଠାଇ ଦେଲା।
- ୧୯୩୮ - କୁନି କୁନି ପିଲାଙ୍କର ପ୍ରିୟ କାର୍ଟୁନ୍ ଚରିତ୍ର 'ସୁପରମ୍ୟାନ୍' ପ୍ରଥମ ଥର ପାଇଁ କମିକ୍ ବୁକ୍‌ରେ ସ୍ଥାନ ପାଇଲା।
- ୧୯୬୦- ଆମେରିକା କ୍ୟୁବାରୁ ଚିନି ନ ଆଣିବା ପାଇଁ ନିଷ୍ପତ୍ତି ନେଲା।
- ୨୦୦୦- ଆମେରିକୀୟ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଡିଜିଟାଲ୍ ସ୍ୱାକ୍ଷରକୁ ଆଇନର ମାନ୍ୟତା ଦେଲେ।

# 'ଧମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ



ଅଜୟ ଦେବଗନ୍ ପୁଣି ଥରେ ସୁପରହିଟ୍ କମେଡି ଫ୍ରାଞ୍ଚାଇଜ୍ 'ଧମାଲ୍ ୪' ମାଧ୍ୟମରେ ବକ୍ସ ଅଫିସ୍‌ରେ ଧମାଲ୍ ମଚାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଆସନ୍ତା ୧୦ ଜୁଲାଇରେ ସିନେମା ହଲ୍‌ରେ ରିଲିଜ୍ ହେବ। ନିକଟରେ ନିର୍ଦ୍ଦେଶକ ଇନ୍ଦ୍ର କୁମାର 'ଧମାଲ୍ ୫'କୁ ନେଇ ଏକ ଖବର ସେୟାର କରିଛନ୍ତି। ଇନ୍ଦ୍ର କୁମାର ଏହି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ବିଷୟରେ ଅପଡେଟ୍ ଦେଇ କହିଛନ୍ତି ଯେ, "ଏହି ଲୋକପ୍ରିୟ କମେଡି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ଉପରେ ଆଲୋଚନା ଚାଲିଛି। ଧମାଲ୍ ୫'ର ନିର୍ମାଣ ସମ୍ପୂର୍ଣ୍ଣ ରୂପେ 'ଧମାଲ୍ ୪' କୁ ଦର୍ଶକଙ୍କଠାରୁ ମିଳିବାକୁ ଥିବା ପ୍ରତିକ୍ରିୟା ଏବଂ ବକ୍ସ ଅଫିସ୍ ସଫଳତା ଉପରେ ନିର୍ଭର କରେ।" 'ଧମାଲ୍ ୪'ରେ ଅଜୟ ଦେବଗନ୍, ଅରଶଦ ୱର୍ସି, ରିତେଶ ଦେଶମୁଖ, ଜାଭେଦ୍ ଜାଫ୍‌ରି, ସଞ୍ଜୟ ମିଶ୍ରା, ଈଶା ଗୁପ୍ତା, ସଞ୍ଜିଦା ଶେଖ, ଅଞ୍ଜଳି ଆନନ୍ଦ ପ୍ରମୁଖ ନଜର ଆସିବେ। ଏହି ଫ୍ରାଞ୍ଚାଇଜ୍‌ର ପ୍ରତ୍ୟେକ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଏକ ଭିନ୍ନ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥାଏ। ଦର୍ଶକେ 'ଧମାଲ୍ ୪'କୁ ଅପେକ୍ଷା କରିଥିବାବେଳେ ସେହି ସମୟରେ 'ଧମାଲ୍ ୫'କୁ ନେଇ ଖବର ଆସିବା ଏହାଠାରୁ ବଡ଼ ସରପ୍ରାଇଜ୍ ଆଉ କ'ଣ ହୋଇପାରେ। ନିକଟରେ ଏକ ସାକ୍ଷାତକାର ସମୟରେ ଯେତେବେଳେ ଇନ୍ଦ୍ର କୁମାରଙ୍କୁ 'ଧମାଲ୍ ୫' ବିଷୟରେ ପଚରାଗଲା, ସେତେବେଳେ ସେ କହିଥିଲେ, "ମୋ ପାଖରେ ଅନେକ ଆଇଡିଆ ଅଛି, କିନ୍ତୁ କୌଣସି ଗୋଟିଏ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହିଁ, କାରଣ ମୁଁ ଜାଣିନାହିଁ ଲୋକେ 'ଧମାଲ ୪' ଦେଖି କିଭଳି ପ୍ରତିକ୍ରିୟା ଦେବେ। ଫିଲ୍ମରେ ସେମାନଙ୍କୁ କ'ଣ ପସନ୍ଦ ଆସୁଛି, ସେହି ଆଧାରରେ ହିଁ ମୁଁ ମୋର ପରବର୍ତ୍ତୀ ଫିଲ୍ମ ପାଇଁ ଯୋଜନା ପ୍ରସ୍ତୁତ କରିବି। ଲୋକମାନଙ୍କୁ କିଛି ଜିନିଷ ପସନ୍ଦ ନ ଆସିପାରେ, ତେଣୁ ମୁଁ ସେହି ସବୁ ଜିନିଷରୁ ଦୂରେଇ ରହିବି ଏବଂ କିଛି ନୂଆ କରିବାକୁ ଚେଷ୍ଟା କରିବି। କିନ୍ତୁ ହଁ, ଏହା ନିଶ୍ଚିତ ଭାବରେ ପୂର୍ବ ଅପେକ୍ଷା ଆହୁରି ବଡ଼ ସ୍ତରରେ ନିର୍ମାଣ ହେବ।'

# ଏଠାରେ ଚୋରି ହୁଏନି ଜିନିଷ



ଏମିତି ବି ଏକ ଦେଶ ଅଛି, ଯେଉଁଠି ଲୋକେ ବାଇକ୍, ଆଇଫୋନ୍, ପର୍ସ ଆଦିକୁ ଛାଡ଼ି ଚାଲିଗଲା ପରେ ବି ଚିନ୍ତାଶୂନ୍ୟ ଥାଆନ୍ତି। କାରଣ ସେଠାରେ କୌଣସି ଜିନିଷ ଚୋରି ହୁଏ ନାହିଁ। ଦକ୍ଷିଣ କୋରିଆକୁ ବିଶ୍ୱର ସବୁଠାରୁ ସଚ୍ଚୋଟ ଏବଂ ସୁରକ୍ଷିତ ଦେଶଗୁଡ଼ିକ ମଧ୍ୟରୁ ଏକ ପ୍ରମୁଖ ଦେଶ ଭାବେ ଗଣନା କରାଯାଏ। ଏହି ଦେଶର ଲୋକମାନଙ୍କର ସାମାଜିକ ନୈତିକତା, ଶୃଙ୍ଖଳା ଏବଂ ପରସ୍ପର ପ୍ରତି ଥିବା ବିଶ୍ୱାସ ଏହାକୁ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦକ୍ଷିଣ କୋରିଆରେ ମାସେ କାଳ ଅତିବାହିତ କରିଥିବା ଜଣେ ବ୍ୟକ୍ତିଙ୍କ ଅନୁଭୂତି ଏବେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହି ବ୍ୟକ୍ତି ଜଣକ ତାଙ୍କ ପୋଷ୍ଟରେ କହିଛନ୍ତି, ଦକ୍ଷିଣ କୋରିଆରେ ଲୋକେ ଅନେକ ଜିନିଷ ନିର୍ଭୟରେ ଛାଡ଼ି ଦିଅନ୍ତି। କାରଣ ତାଙ୍କର ଭରସା ଥାଏ ଯେ, କେହି ସେସବୁ ଚୋରି କରିବେ ନାହିଁ। ଏହି ବ୍ୟକ୍ତି ଜଣକ ମାସେ ହେବ ନିଜ ସ୍ତ୍ରୀ ଓ ଝିଅ ସହିତ ଦକ୍ଷିଣ କୋରିଆରେ ରହୁଛନ୍ତି। କୌଣସି ଦୋକାନ ତଥା ରେଷ୍ଟୋରାଁକୁ ଗଲେ ସେ ବେବି ଷ୍ଟ୍ରୋଲରକୁ ବାହାରେ ରଖି ଦେଇ ଯାଆନ୍ତି। ଥରେ ସେ ନିଜ ସାଙ୍ଗମାନଙ୍କ ସହିତ ବାହାରକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ସାଙ୍ଗମାନେ ତାଲା ନ ପକାଇ ସାଇକଲ ଗଳିରେ ରଖିଥିଲେ। ଦୁଇ ଘଣ୍ଟା ପରେ ଫେରିବା ପରେ ବି ସାଇକଲ ସେହି ସ୍ଥାନରେ ସେମିତି ଥିଲା। ସେହିପରି ଆଉ ଏକ ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ସାଙ୍ଗ ଆଇଫୋନ୍‌କୁ ପାର୍କ ବେଞ୍ଚରେ ରଖି ଭୁଲିଯାଇଥିଲେ। ପ୍ରାୟ ଚାରି ଘଣ୍ଟା ପରେ ଆସିଲା ବେଳକୁ ଫୋନ୍ ସେହି ସ୍ଥାନରେ ହିଁ ଥିଲା। ଏପରିକି କେ-ପପ୍ କନସର୍ଟ ବାହାରେ ଅନେକ ଲୋକଙ୍କ ଜିନିଷ ବି ବାହାରେ ରଖି ଯାଇଥିବା ସେ କହିଛନ୍ତି। ଏହି ବ୍ୟକ୍ତି ଜଣକ ଆହୁରି ମଧ୍ୟ କହିଛନ୍ତି, ଲୋକେ ନିଜ ଲଗେଜକୁ ମେଟ୍ରୋ ଷ୍ଟେସନ ବାହାରେ ଛାଡ଼ି ଆରାମରେ କନସର୍ଟ ଦେଖିବାକୁ ଯାଆନ୍ତି। ବ୍ୟକ୍ତି ଜଣକ ସ୍ଥାନୀୟ ଲୋକଙ୍କୁ ଜିନିଷ ଚୋରି ହେଇଯିବା ଭୟ ମନରେ ଆସେନାହିଁ ବୋଲି ପ୍ରଶ୍ନ କରିବାରୁ ଚୋରି ଜଣେ କାହିଁକି କରିବ ବୋଲି ଅନେକ ଉତ୍ତର ଦେଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ଅନ୍ୟ ଦେଶରେ ଏଭଳି ସ୍ଥିତିକୁ କଳ୍ପନା କରିବା କଷ୍ଟକର। ଏଠାରେ ଆଇନ ଏବଂ ସାମାଜିକ ନିୟମର ଖୁବ୍ ସମ୍ମାନ କରାଯାଏ। ଏଠାରେ କୋଣ ଅନୁକୋଣରେ ସିସିଟିଭି କ୍ୟାମେରା ଲାଗିଛି। ଅପରାଧ କଲେ ଧରାପଡ଼ିବାର ଭୟ ଏବଂ କଠୋର ଆଇନ ବ୍ୟବସ୍ଥା ଯୋଗୁଁ ଚୋରି ପ୍ରାୟ ନାହିଁ କହିଲେ ଚଳେ। ଛୋଟମୋଟ ଚୋରିକୁ ବି ବେଶ୍ ଗୁରୁତର ସହକାରେ ନିଆଯାଏ। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ଜେନ୍-ଜେଡ୍‌ଙ୍କୁ ପସନ୍ଦ ଭଡ଼ାରେ ଜିନିଷ ନେବା



ଆଜିର ଜେନ୍ ଜେଡ୍ ଯୁବପିଢ଼ିଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଆରା। ପୂର୍ବରୁ ଜୀବନରେ ସଫଳ ହେବାର ଅର୍ଥ ନିଜର ଏକ ଘର, ଗାଡ଼ି କରିବାକୁ ବୁଝାଉଥିଲା। ହେଲେ ଆଜିର ଯୁବପିଢ଼ି ଏଭଳି ଆଦୌ ଭାବୁନାହାନ୍ତି। ବର୍ତ୍ତମାନ ଯୁବପିଢ଼ିଙ୍କୁ କୌଣସି ଜିନିଷ କିଣିବାକୁ ପସନ୍ଦ ନୁହେଁ। ସେ ଏସବୁ ଭଡ଼ାରେ ନେଇ ବ୍ୟବହାର କରିବାକୁ ଉଚିତ ମଣୁଛନ୍ତି। ସେମାନଙ୍କର ଏଭଳି ଚିନ୍ତାଧାରାକୁ 'ରେଣ୍ଟ ଇକୋନମି' କୁହାଯାଉଛି। ଏହାର ବଡ଼ ଉଦାହରଣ ହେଉଛି ରେଣ୍ଟୋମୋଜି ନାମକ କମ୍ପାନି। ଏହି କମ୍ପାନି ଘରର ଆସବାବପତ୍ର ଏବଂ ବୈଦ୍ୟୁତିକ ଜିନିଷଗୁଡ଼ିକୁ ଭଡ଼ାରେ ଦିଏ। ତେବେ ଏବର ଯୁବପିଢ଼ି ଶୀଘ୍ର ଚାକିରି ବଦଳାଉଛନ୍ତି। ତେଣୁ ଆଜି ଗୋଟିଏ ସହରରେ ରହିଥିବା ବେଳେ କିଛି ଦିନ ପରେ ଆଉ ଏକ ସହରକୁ ସ୍ଥାନାନ୍ତରିତ ହେବାକୁ ପଡୁଛି। ଏଭଳି ସ୍ଥିତିରେ ଭାରି ଜିନିଷ କିଣିବା ଏବଂ ସେଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ନେବା କଷ୍ଟକର ହୋଇଛି। ତାହା ସହ ଏହାକୁ ସେ ଅଯଥା ଅପଚୟ ବୋଲି ଭାବୁଛନ୍ତି। ତେଣୁ ଜିନିଷ କିଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଏହାକୁ କିଛି ଦିନ ପାଇଁ ଭଡ଼ାରେ ନେବା ଭଲ ବୋଲି ସେମାନେ ଭାବୁଛନ୍ତି। ଏହାଦ୍ୱାରା ଅର୍ଥ ସଞ୍ଚୟ ହେବା ସହ ଯେତେବେଳେ ଇଚ୍ଛା ଅନ୍ୟ ସ୍ଥାନକୁ ଯିବା ସେମାନଙ୍କ ପକ୍ଷେ ସହଜ ହେଉଛି। ଯୁବପିଢ଼ିଙ୍କ ଏହି ଚିନ୍ତାଧାରା ଯୋଗୁଁ ଏଭଳି କମ୍ପାନିକୁ ଏବେ ବଡ଼ ଫାଇଦା ମିଳୁଛି। ଅବଶ୍ୟ କରୋନା ସମୟରେ ଏହି ବ୍ୟବସାୟକୁ ଅଧିକ କ୍ଷତି ସହିବାକୁ ପଡ଼ିଥିଲା। ଅନ୍ୟପଟେ ଭଡ଼ାରେ ଜିନିଷ ମିଳିବା ଦ୍ୱାରା ମଧ୍ୟବିତ୍ତ ପରିବାର ଏବଂ ଯୁବପିଢ଼ିଙ୍କୁ ଏକପ୍ରକାର ଆଶ୍ୱସ୍ତି ମିଳୁଛି। ଏହା ଦ୍ୱାରା କାହାକୁ ଅଫିସ୍ କି ଘର ସେଟ୍‌ଅପ୍ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁ ନାହିଁ। ଲୋକେ ପ୍ରତି ମାସରେ ଭଡ଼ା ଦେଇ ନିଜ ପସନ୍ଦର ମହଙ୍ଗା ଫର୍ଣ୍ଣିଚର ଏବଂ ବୈଦ୍ୟୁତିକ ଉପକରଣ ବ୍ୟବହାର କରିପାରୁଛନ୍ତି। ଏହି କାରଣରୁ ଦିନକୁ ଦିନ ବଜାରରେ ଭଡ଼ାରେ ଜିନିଷ ଦେଉଥିବା କମ୍ପାନିମାନଙ୍କର ଚାହିଦା ବଢୁଛି।

# ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ

**ଲେମ୍ବୁ ଚାଷ ଏକ ଲାଭଜନକ ବ୍ୟବସାୟ। ଏହି ଚାଷରେ ସଠିକ୍ ପଦ୍ଧତି ଆପଣାଇଲେ ଏଥିରୁ ବାର୍ଷିକ ଲାଭ ମିଳିପାରେ । ଏହାକୁ ହୃଦୟଙ୍ଗମ କରି ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ନାନାଖେଡା ମାଫି ଗାଁ'ର ଲଖନ ଯାଦବ ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି।**



ଲଖନ ୧୦ ଏକର ଜମିରେ ପାଞ୍ଚ ଏକରରେ ବାଲାଜି କିସମ ଏବଂ ପାଞ୍ଚ ଏକରରେ କାଗିଜି ଲେମ୍ବୁ ଚାଷ କରନ୍ତି। ପ୍ରତି ଏକର ପିଛା ସେ ୧୪୦ଟି ଗଛ ଲଗାଇଛନ୍ତି। ପ୍ରତ୍ୟେକ ଗଛରୁ ୨୫ରୁ ୩୦ କିଲୋଗ୍ରାମ ଲେମ୍ବୁ ଫଳୁଛି। ଲେମ୍ବୁ ଚାଷ ପାଇଁ ଉତ୍ତମ ଜଳ ନିଷ୍କାସନ ସୁବିଧା ଥିବା ଦୋରସା ମାଟି ସର୍ବୋତ୍ତମ। ଗଛ ଲଗାଇବା ପୂର୍ବରୁ ୨ରୁ ୩ ଫୁଟ ଗାତ ଖୋଳି ଖରାରେ ଶୁଖାଇବା ପରେ ପ୍ରତ୍ୟେକ ଗାତରେ ୨ରୁ ୩ ଝୁଡ଼ି ଶୁଖିଲା ଗୋବର ଖତ କିମ୍ବା ଜିଆଖତ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଗଛ ମୂଳରେ ଜିଆଖତ ଦେବା ଭଲ। ଲଖନ କୁହନ୍ତି, ଲେମ୍ବୁ ଗଛ ଥରେ ଲଗାଇଲେ ଏହା ୨୫ରୁ ୩୦ ବର୍ଷ ଫଳ ଦିଏ। ଏଥିପାଇଁ ସେ ଗଛରେ ସଠିକ୍ ଜଳ ସେଚନ ଏବଂ ପୋକ ନିୟନ୍ତ୍ରଣ ପାଇଁ ନିମ୍ବପତ୍ରରୁ ପ୍ରସ୍ତୁତ ରସ ସ୍ପ୍ରେ କରନ୍ତି। ଏହାଦ୍ୱାରା ଚାଷ ଜମିରୁ ପ୍ରତିବର୍ଷ ୩୫ ଟନ୍ ଲେମ୍ବୁ ଉତ୍ପାଦନ ହୁଏ। କେବଳ ସେତିକି ନୁହେଁ, ଲଖନ ଲେମ୍ବୁ ଗଛ ମଧ୍ୟରେ ଅଦା, ହଳଦୀ ଏବଂ ରେଡ୍ ଲେଡି କିସମର ଅମୃତଭଣ୍ଡା ଚାଷ କରନ୍ତି। ଲେମ୍ବୁରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ସେ ଭଲ ରୋଜଗାର କରୁଛନ୍ତି।




# ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଅମଳ



ଓଡ଼ିଶାର ଜଳବାୟୁ ଟମାଟୋ ଚାଷ ପାଇଁ ଅନୁକୂଳ। ଚାଷୀମାନେ ଉନ୍ନତ ପ୍ରଣାଳୀ ଓ ସଠିକ୍ ପଦ୍ଧତି ଆପଣାଇ ଏହି ଚାଷରୁ ଲାଭ ପାଇପାରନ୍ତି। ତେବେ କମ୍ ବୃଷ୍ଟିପାତ ଯୋଗୁଁ ଫସଲରେ ନାନା ରୋଗପୋକ ଲାଗୁଥିବାରୁ ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଫଳାଇ ପାରିବେ।

ଚାରା ଲଗାଇବାକୁ ୧୫ ଇଞ୍ଚିଆ କୁଣ୍ଡ ଚୟନ କରି କୁଣ୍ଡରେ ଜଳ ନିଷ୍କାସନ ପାଇଁ ଛିଦ୍ର କରାଯାଏ। କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଛୋଟ ଛୋଟ ଇଟା ବା ଗୋଡ଼ି ରଖି ଏହା ଉପରେ ବାଲି ପକାଇ ତା'ର ଉପରପରସ୍ତରେ ମାଟି, ଜିଆଖତ, ପିଡ଼ିଆ, ସଢ଼ା ଗୋବର ଖତ ରଖି ପାରିବେ। ଚାରା ରୋପଣ ସମୟରେ ଏକ ଚାମଚ ଜୈବିକ ଫସ୍‌ଫେଟ୍ ଚେର ଚାରିପଟେ ଦେଇ ଲଗାଇବା ଦରକାର। ଗଛକୁ ସାହାରା ଦେବା ପାଇଁ ବାଉଁଶ ଭାର, କାଠ ଭାର ରସିରେ ବାନ୍ଧି ପାରିବେ। କୁଣ୍ଡରେ ମାଟିର ଆର୍ଦ୍ରତାକୁ ନିରୀକ୍ଷଣ କରି ଜଳ ସେଚନ କରିବା ଭଲ। ସପ୍ତାହରେ ଥରେ ନିମ୍ବ ତେଲ ସିଞ୍ଚି ପାରିବେ। ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। କୀଟ ନିୟନ୍ତ୍ରଣ ପାଇଁ ହଳଦିଆ ଅଠାଳିଆ ଯନ୍ତା ବସାଇପାରିବେ।



# ଖରୁଡ଼ି ତଳିଘରା ପ୍ରସ୍ତୁତି

ଆମ ଦେଶରେ ବର୍ଷାଦିନେ ଖରିଫଧାନ ଓ ଖରାଦିନେ ରବି ଧାନ ଚାଷ କରାଯାଇଥାଏ। ବର୍ଷାଦିନେ ଧାନ ଚାଷରେ ଜମିର କିସମ ଦେଖି, ବିହନ ଚୟନ କରାଯାଏ। ଏହାପରେ ଖରୁଡ଼ି ବା ଶୁଖିଲା ତଳିଘରା ପ୍ରସ୍ତୁତ କରାଯାଏ। ଶୁଖିଲା ତଳିଘରାରୁ ପ୍ରସ୍ତୁତି ତଳିର ପୋକରୋଗ ସହଣୀ ଶକ୍ତି ବୃଦ୍ଧି ପାଇଥାଏ।

ଏକ ହେକ୍ଟର ପାଇଁ ୧୦୦୦ ବର୍ଗ ମିଟର ବା ୨୫ ଡେସିମିଲ ତଳିଘରା ଆବଶ୍ୟକ ହୁଏ। ଉର୍ବର ମାଟିଥିବା ଢିପ ବା ମଧ୍ୟମ ଜମିକୁ ୩ରୁ୪ ଓଡ଼ ଚାଷ କରି ଘାସ ବାଛି ଦିଆଯାଏ। ଏଥିରେ ୨-୩ଟନ୍ ସଢା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରାଯାଏ। ଖତକୁ ଭଲ ଭାବେ ଚାଷ କରି ମାଟିରେ ମିଶାଇବା ପରେ ଏକ ମିଟର ଚଉଡ଼ା ଏବଂ ୧୫ ସେମି ଉଚ୍ଚତା ବିଶିଷ୍ଟ ତଳି ପଟାଳି କରି ଦୁଇ ପଟାଳି ମଧ୍ୟରେ ୩୦ ସେମି ଓସାର ଓ ୧୫ ସେମି ଗଭୀର ନାଳୀ ରଖାଯାଏ। ଧାନ ବୁଣିବା ପୂର୍ବରୁ ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରି ୪୦-୬୦ ଗ୍ରାମ୍ ବିହନକୁ ତଳିପଟାଳିରେ ୫ ସେମି ବ୍ୟବଧାନରେ ୩ ସେମି ଗଭୀରରେ ବୁଣି ମାଟିସ୍ତର ଘୋଡ଼ାଇ ଦିଆଯାଏ। ୧୫ ଦିନ ବେଳକୁ ଘାସ ବାଛି ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ ସାର ପ୍ରୟୋଗ କଲେ ତଳି ସୁସ୍ଥ ସବଳ ହୋଇ ବଢେ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରିଦିଅନ୍ତୁ।
- ଏକ ଏକର ମକା ଚାଷ ପାଇଁ ୬ରୁ ୭ କିଲୋଗ୍ରାମ ବିହନ ଦରକାର ପଡ଼ିଥାଏ।
- ବର୍ଷା ଛାଡ଼ିଗଲା ପରେ କଖାରୁଜାତୀୟ ପନିପରିବାରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରୋକସାଇଡ୍ ମିଶାଇ ସିଞ୍ଚନ କରନ୍ତୁ।
- ପଶୁମାନଙ୍କର ଟିକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରନ୍ତୁ।



# ବର୍ଷାଦିନିଆ ଭେଣ୍ଡି କିସମ

ବର୍ତ୍ତମାନ ବର୍ଷାଦିନିଆ ପନିପରିବା ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାବେଳେ ଅଧିକାଂଶ ସଙ୍କର କିସମ ଭେଣ୍ଡିଚାଷ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି। ବର୍ଷାଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୧.୫ କିଲୋଗ୍ରାମ ସଙ୍କର ବିହନ ଆବଶ୍ୟକ ହୁଏ। ସଙ୍କର କିମସ ମଧ୍ୟରେ ଆଭା ୧୦୦ ଗ୍ରାମ୍‌କୁ ୫୦୦ ଟଙ୍କା, ଦିୱା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଅନୁଶ୍ରୀ ୧୦୦ ଗ୍ରାମକୁ ୭୦୦ ଟଙ୍କା, ରାଧିକା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଜୀବନ ୧୦୦ ଗ୍ରାମ୍‌କୁ ୬୦୦ ଟଙ୍କା, ଭିଏନ୍‌ଆର ୯୯୯- ୧୦୦ ଗ୍ରାମକୁ ୩୫୦ ଟଙ୍କା ମୂଲ୍ୟ ରହିଛି। ଏହି କିସମ ଭେଣ୍ଡି ଚାଷ କରିବା ଦ୍ୱାରା ୬୦ରୁ ୬୫ ଦିନରେ ପ୍ରଥମ ଫଳ ଅମଳ ମିଳିଥାଏ।

# ପରିବର୍ତ୍ତିତ ଋତୁରେ ପ୍ରାଣୀଙ୍କ ଯତ୍ନ

ହଠାତ୍ ପ୍ରବଳ ଖରା, ରୌଦ୍ରତାପ ଓ ଗୁଳୁଗୁଳି ସହିତ ବର୍ଷାଋତୁ ପରିବର୍ତ୍ତନ। ଏହାଦ୍ୱାରା ହଠାତ୍ ଗୃହପାଳିତ ପ୍ରାଣୀ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ନପାରି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ଚାଷୀଭାଇ ଧ୍ୟାନ ଦେବା ଉଚିତ।

ବର୍ତ୍ତମାନ ପ୍ରାଣୀମାନଙ୍କୁ ବାହାର ପାଣି ପିଇବାକୁ ଦେବା ତଥା ବାହାରକୁ ଚରିବାକୁ ଛାଡ଼ିବା ଅନୁଚିତ। ଗୁହାଳେ ରଖି ଖାଇବାକୁ ଦେଇ ପାରିବେ। ଏହି ଦିନେ ମଶା ଓ ମାଛି ବଂଶ ବୃଦ୍ଧି ନ ହେବା ପାଇଁ ଗୁହାଳକୁ ଶୁଖିଲା ଓ ସଫା ରଖିବା ଜରୁରି। ପ୍ରାଣୀଙ୍କୁ ଅନ୍ୟ ରୋଗାକ୍ରାନ୍ତ ପ୍ରାଣୀଙ୍କ ସହ ମିଶିବାକୁ ଦେବା ଅନୁଚିତ। ସମସ୍ତ ପ୍ରାଣୀଙ୍କର ଟିକାକରଣ ପ୍ରକ୍ରିୟା ସାରିଦେବା ଉଚିତ। ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍ ଓ ମିନେରାଲ ସହିତ ସତେଜ ଚାରା ଖାଇବାକୁ ଦେଇ ପାରିବେ। ସେମାନଙ୍କୁ କୃମିନାଶକ ଔଷଧ ଦିଆଯିବା ଆବଶ୍ୟକ। ଏହି ସମୟରେ ପ୍ରାଣୀଙ୍କର ହଠାତ୍ ଖାଇବା କିମ୍ବା ପିଇବାରେ ପରିବର୍ତ୍ତନ କରିବା ଅନୁଚିତ। ଖରାରୁ ଚରି ଆସିବା ପରେ ପାଣି ପିଇବାକୁ ଦିଅନ୍ତୁନି। ଏହି ସମୟରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ନିୟମିତ ପାଣିରେ ଲୁଣ କିମ୍ବା ଇଲେକ୍ଟ୍ରୋଲାଇଟ୍ ମିଶାଇ ପିଇବାକୁ ଦେଇ ପାରିବେ। ପ୍ରାଣୀଙ୍କ ଗତିବିଧିକୁ ନିୟମିତ ଲକ୍ଷ୍ୟ ରଖି କିଛି ପରିବର୍ତ୍ତନ ଘଟିଲେ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବା ଆବଶ୍ୟକ।






# ବ୍ରାଜିଲ ଓ ଜାପାନ ମଧ୍ୟରେ ଜୋର୍‌ଦାର୍ ଲଢ଼େଇ

ହଷ୍ଟନ,୨୯।୬(ଏଜେନ୍ସି)

୫ଥରର ଚାମ୍ପିଅନ ବ୍ରାଜିଲ ଓ ଏସିଆ ମହାଦେଶର ଶ୍ରେଷ୍ଠ ଦଳ ଜାପାନ ମଧ୍ୟରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମ୍‌ରେ ଚାଲିଥିବା ବିଶ୍ୱକପ୍ ରାଉଣ୍ଡ-୩୨ର ଦ୍ୱିତୀୟ ମୁକାବିଲା ଜୋରଦାର ହୋଇଛି। କଳାତ୍ମକ ଖେଳ ଲାଗି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ବ୍ରାଜିଲ ଏହି ମୁକାବିଲାରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଛି। କିନ୍ତୁ ଜାପାନର ଆକ୍ରମଣାତ୍ମକ ଖେଳକୁ ନିୟନ୍ତ୍ରଣ କରିବା ବ୍ରାଜିଲ ପକ୍ଷେ କଷ୍ଟକର ହୋଇଛି। ଫଳରେ ଖେଳର ୨୯ତମ ମିନିଟ୍‌ରେ ଷ୍ଟ୍ରାଇକର କାଇଶୁ ସାନୁ ମ୍ୟାଚର ପ୍ରଥମ ଗୋଲ ଜାପାନ ପକ୍ଷରୁ ଦେବାରେ ସମର୍ଥ ହୋଇଛନ୍ତି। ହାଇଡ୍ରେସନ ବ୍ରେକ୍ ପରେ ଜାପାନ ଜୋରଦାର ଆକ୍ରମଣ କରି ଏହି ଗୋଲ ଦେବାରେ ସଫଳ ହୋଇଛି। ଏହି ମ୍ୟାଚର ବିଜେତା ଦଳ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ।

ଆଜିର ନକ୍‌ଆଉଟ ମୁକାବିଲା ପୂର୍ବରୁ ଉଭୟଙ୍କ ମଧ୍ୟରେ ୫ଥର ଭେଟାଭେଟି ହୋଇଛି। ଏହା ମଧ୍ୟରୁ ବ୍ରାଜିଲ ୪ଟି ଓ ଜାପାନ ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି। ଦୁଇ ଦେଶ ମଧ୍ୟରେ ୨୦୨୫ ଅକ୍ଟୋବର ୧୪ରେ ଶେଷଥର ଭେଟାଭେଟି ହୋଇଥିଲା। ଏଥିରେ ଜାପାନ ୩-୨ ଗୋଲରେ ବିଜୟୀ ହୋଇଥିଲା। ବ୍ରାଜିଲ ବିପକ୍ଷରେ ଏହା ଥିଲା ଜାପାନର ପ୍ରଥମ ବିଜୟ। ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ଗ୍ରୁପ୍-ସି'ରେ ଓ ଜାପାନ ଗ୍ରୁପ୍-ଏଫ'ରେ ସ୍ଥାନ ପାଇଥିଲା। ବ୍ରାଜିଲ ଗ୍ରୁପ୍‌ରେ ମରୋକ୍କୋ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଜୋରଦାର ଲଢ଼େଇ କରି ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର ରଖିଥିଲା। ଏହା ପରେ ଦଳ ୪-୦ ଗୋଲରେ ପରାସ୍ତ କରିଥିଲା। ଶେଷରେ ସ୍ୱିଡେନ ସହ ୧-୧ ଗୋଲରେ ମ୍ୟାଚ୍‌ରେ ଡ୍ର ରଖି ଜାପାନ ଗ୍ରୁପ୍ -ଏଫ୍'ରେ ନେଦରଲ୍ୟାଣ୍ଡସ ପଛକୁ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟକୁ ନିଜର ଶ୍ରେଷ୍ଠ ଖେଳକୁ ଫେରିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ହାଇତିକୁ ୩-୦ରେ ପରାସ୍ତ କରିଥିଲା। ତୃତୀୟ ତଥା ଶେଷ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ହରାଇ ବ୍ରାଜିଲ ଗ୍ରୁପ୍‌ର ଶୀର୍ଷସ୍ଥାନ ଅଧିକାର କରିଥିଲା। ଅନ୍ୟ ପକ୍ଷରେ ଗ୍ରୁପ୍-ଏଫ୍'ରେ ଶକ୍ତିଶାଳୀ ନେଦରଲ୍ୟାଣ୍ଡସ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଗୋଟିଏ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଥିଲା। ବ୍ରାଜିଲ ଭଳି ଜାପାନ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ନିଜ ଦମ୍ ଦେଖାଇ ଟ୍ୟୁନିସିଆକୁ ଖେଳିବାକୁ ଉନ୍ନୀତ ହୋଇଥିଲା। ଗତ ୫ଟି ମ୍ୟାଚ୍‌ରେ ଉଭୟ ଦଳ ପରାଜୟ ବରଣ କରି ନ ଥିଲେ। ଏହି ୫ଟି ମୁକାବିଲାରୁ ବ୍ରାଜିଲ ୪ଟିରେ ବିଜୟୀ ହୋଇଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଥିଲା। ଅନ୍ୟପକ୍ଷରେ ଜାପାନ ୩ଟି ଜିତିଥିଲାବେଳେ ୨ଟି ମ୍ୟାଚ୍ ଚଳିତ ବିଶ୍ୱକପ୍‌ରେ ଡ୍ର ରଖିଛି।



| |
|---|
| ଫିଫା ବିଶ୍ୱକପ୍ |
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ମଙ୍ଗଳବାର ରାତି |
| ନରୱେ-ଆଇଭରୀ କୋଷ୍ଟ |
| ଡଲାସ, ରାତି ୧୦.୩୦ |
| ଫ୍ରାନ୍ସ-ସ୍ୱିଡେନ୍ |
| ନ୍ୟୁ ଜର୍ସୀ, ରାତି ୨.୩୦ |
| ବୁଧବାର ସକାଳ |
| ମେକ୍ସିକୋ- ଇକ୍ୱେଡର |
| ମେକ୍ସିକୋ ସିଟି, ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |



ଷ୍ଟିଫେନ ୟୁଷ୍ଟାକିଓ

## ପ୍ରି-କ୍ୱାର୍ଟର ଫାଇନାଲରେ କାନାଡା

ଲସ୍ ଆଞ୍ଜେଲେସ୍, ୨୯।୬ (ଏଜେନ୍ସି): ଯୁଗ୍ମ ଆୟୋଜକ କାନାଡା ପ୍ରଥମ ଦଳ ଭବେ ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ ବା ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଛି। ରବିବାର ଆରମ୍ଭ ହୋଇଥିବା ରାଉଣ୍ଡ ଅଫ୍ ୩୨ର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ପରାସ୍ତ କରି କାନାଡାକୁ ପ୍ରଥମଥର ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ସ୍ଥାନ ମିଳିଛି। ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଖେଳର ଶେଷ ସମୟ ବା ଇଞ୍ଜୁରୀ ଟାଇମ୍‌ରେ ଷ୍ଟିଫେନ ୟୁଷ୍ଟାକିଓ ସ୍କୋର କରିଥିଲେ। କାନାଡା ତୃତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛି। ଏହି ପରାଜୟ ସହ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ରୁ ବିଦାୟ ନେଇଛି। ହଷ୍ଟନରେ ଜୁଲାଇ ୪ ତାରିଖରେ ଖେଳାଯିବାକୁ ଥିବା ନେଦରଲ୍ୟାଣ୍ଡସ ବନାମ ମରୋକ୍କୋ ମ୍ୟାଚ୍‌ର ବିଜେତା ସହ ପ୍ରି-କ୍ୱାର୍ଟରରେ କାନାଡା ମୁକାବିଲା କରିବ।

## ପଦ ଛାଡ଼ିଲେ ସାଉଦି ସଭାପତି

ରିୟାଦ୍,୨୯।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ସାଉଦି ଆରବ ଫୁଟବଲ ମହାସଂଘର ସଭାପତି ୟାସୀର ଅଲ-ମିସେହାଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ ଗ୍ରୁପ୍-ଏଚ୍‌ରେ ଦଳ ସ୍ପେନ୍‌ଠାରୁ ପରାଜିତ ହେବା ପରେ ଉରୁଗ୍ୱେ ଓ କେପ୍ ଭର୍ଡ ସହ ମ୍ୟାଚ୍ ଡ୍ର ରଖି ୨ ପଏଣ୍ଟ ପାଇଥିଲା। ଫଳରେ ୪ଟି ଦଳୀୟ ଗ୍ରୁପ୍‌ରେ ସାଉଦି ଆରବ ଶେଷସ୍ଥାନରେ ରହିଥିଲା। ସାଉଦି ଆରବ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ନ ପାରିବା ଫଳରେ ଆମେ ଆମ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛୁ। ଦଳର ଏଭଳି ପ୍ରଦର୍ଶନ ଲାଗି ମୁଁ ନିଜକୁ ଦାୟୀ କରି ମୋ ପଦରୁ ଇସ୍ତଫା ଦେଉଛି ବୋଲି ଅଲ-ମିସେହାଲ କହିଛନ୍ତି।

## ଦକ୍ଷିଣ କୋରିଆ କୋଚ୍‌ଙ୍କ ଇସ୍ତଫା

ସିଓଲ,୨୯।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଦକ୍ଷିଣ କୋରିଆର ହେଡ୍ କୋଚ୍ ହଙ୍ଗ୍ ମ୍ୟୁଙ୍ଗ୍‌ବୋ ଇସ୍ତଫା ଦେଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଚେକିଆକୁ ୨-୧ ଗୋଲରେ ପରାସ୍ତ କରି ଦକ୍ଷିଣ କୋରିଆ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପରେ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହେବା ପରେ ୩ ପଏଣ୍ଟ ପାଇଥିବାରୁ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାୟୀ ଥିଲା। କିନ୍ତୁ ଏହା ସମ୍ଭବ ନ ହେବାରୁ ଏସିଆ ମହାଦେଶର ଏହି ଦମ୍‌ଦାର ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହା ଫଳରେ ହେଡ୍ କୋଚ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।



## କେପ୍ ଭର୍ଡ ଅଧିନାୟକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ଡଲାସ୍,୨୯।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ କେପ୍ ଭର୍ଡର ଐତିହାସିକ ସଫଳତା ମଳିନ ପଡ଼ିଯାଇଛି। ଏହାର କାରଣ ହେଲା, ଦଳର ଅଧିନାୟକ ରିୟାନ ମେଣ୍ଡିସ୍‌ଙ୍କ ବିରୋଧରେ ନ୍ୟୁଜିଲାଣ୍ଡ ପୁଲିସ୍ ଚଳାଇଥିବା ଦୁଷ୍କର୍ମ ଅଭିଯୋଗର ତଦନ୍ତ। ମେଣ୍ଡିସଙ୍କ ବିରୋଧରେ ଜଣେ ବ୍ରାଜିଲୀୟ ମହିଳା ଅଭିଯୋଗ କରିବା ପରେ ଏହି ତଦନ୍ତ କରାଯାଉଛି। ନ୍ୟୁଜିଲାଣ୍ଡ ପୁଲିସ୍ ସର୍ବସାଧାରଣରେ କୌଣସି ଖେଳାଳିଙ୍କ ନାମ ନେଇ ନାହାନ୍ତି କିମ୍ବା ମିଡିଆକୁ କିଛି ସୂଚନା ଦେଇ ନାହାନ୍ତି। ତଥାପି ମହିଳାଙ୍କ ଉକ୍ତିକୁ ଉଦ୍ଧାର କରି ଖେଳାଳି ଜଣଙ୍କ କେପ୍ ଭର୍ଡର ଅଧିନାୟକ ବୋଲି ସ୍ପଷ୍ଟ ହୋଇଛି। ଅଭିଯୋଗ ଅନୁଯାୟୀ ନ୍ୟୁଜିଲାଣ୍ଡକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ସିରିଜ୍ ଖେଳିବାକୁ ଯାଇଥିଲାବେଳେ ଜଣେ ବ୍ରାଜିଲୀୟ ଇଣ୍ଟରପ୍ରିଟରଙ୍କ ରଖାଯାଇଥିଲା। ଦିନେ ଦଳର ଗେଟ୍ ଟୁ ଗେଦର ବେଳେ ସମ୍ପୃକ୍ତ ମହିଳା ଜଣଙ୍କ ହୋଟେଲରେ ରହିଥିଲେ। ତାଙ୍କୁ ଏକୁଟିଆ ଦେଖି କେପ୍ ଭର୍ଡ ଅଧିନାୟକ ରୁମ୍‌କୁ ଆସି ମାରଧର କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ସମ୍ପୃକ୍ତ ମହିଳା ଜଣଙ୍କ କରିଛନ୍ତି।

## ଭାରତର ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା

ନୂଆଦିଲ୍ଲୀ,୨୯।୬(ଏଜେନ୍ସି: ଭାରତର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଆମେରିକାରେ ହେବାକୁ ଥିବା ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ବିଭାଗରେ ୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଏଥିଲାଗି ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘର କାର୍ଯ୍ୟନିର୍ବାହୀ କମିଟି ଅଂଶଗ୍ରହଣକାରୀ ଟିମ୍ ଲାଗି ଯୋଗ୍ୟତାର ମାପଦଣ୍ଡ ସ୍ଥିର କରିବା ପରେ ଭାରତର ଉଭୟ ଦଳ ଯୋଗ୍ୟତା ହାସଲ କରିବା ସ୍ପଷ୍ଟ ହୋଇଛି। ୨୦୨୬ ଡିସେମ୍ବର ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ମହାଦେଶର ଶ୍ରେଷ୍ଠ ଆଇସିସି ମାନ୍ୟତାପ୍ରାପ୍ତ ଗୋଟିଏ ଲେଖାଏଁ ଦଳ ଗୁଡିକ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ମାପଦଣ୍ଡ ସ୍ଥିର କରାଯାଇଛି। ଏହି ମାପଦଣ୍ଡକୁ ଦେଖିଲେ, ପୁରୁଷ ବିଭାଗରେ ଏସିଆ ମହାଦେଶର ଭାରତ ସହ ୟୁରୋପ ମହାଦେଶର ବ୍ରିଟେନ୍, ଆଫ୍ରିକା ମହାଦେଶର ଦକ୍ଷିଣ ଆଫ୍ରିକା ଓ ଉତ୍ତର ଆମେରିକା ତଥା ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମାନ୍ୟତା ମଧ୍ୟରେ କମ୍ ବ୍ୟବଧାନ ରହିଥିବାରୁ ଓସେନିଆକୁ ଗୋଟିଏ ଦଳ ପରେ ସ୍ଥିର ହେବ। ଷଷ୍ଠ ଦଳ ଭାବେ ଯୋଗ୍ୟତା ଅର୍ଜନ କରିସାରିଥିବା ଦଳ ଗୁଡିକୁ ବାଦ୍ ଦେଇ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ଏକ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ଷଷ୍ଠ ଟିମ୍ ଭାବେ ୨୦୨୮ ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ୱେଷ୍ଟଇଣ୍ଡିଜ୍ ଗୋଟିଏ ଦେଶ ହୋଇ ନ ଥିବାରୁ ଏହି ଜୋନ୍‌ର ୬ଟି ଦେଶ ମଧ୍ୟରେ ପ୍ରତିଯୋଗିତା ହେବ ଓ ବିଜେତା ଦଳ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ। ଇଂଲଣ୍ଡର ମାନ୍ୟତା ଅନୁଯାୟୀ ଗ୍ରେଟବିଟେନ କ୍ୱାଲିଫାଇ କରିଛି।

ମହିଳା ଦଳରେ ମଧ୍ୟ ୬ଟି ଟିମ୍ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ଆଇଓସି ନିୟମ ଅନୁଯାୟୀ ଭାରତ, ଅଷ୍ଟ୍ରେଲିଆ, ବ୍ରିଟେନ ଓ ଦକ୍ଷିଣ ଆଫ୍ରିକା ନିଜ ନିଜ ମହାଦେଶର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇସିସି ମାନ୍ୟତାର ଶ୍ରେଷ୍ଠ ୧୫ଟି ଦଳ ମଧ୍ୟରେ ଆମେରିକା ମହାଦେଶର କୌଣସି ଟିମ୍ ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି। ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ପରେ ଏହି ମହାଦେଶରୁ ଯେଉଁ ଟିମ୍‌ର ମାନ୍ୟତା ଅଧିକ ହେବ, ସେହି ଦଳ ୫ମ ଟିମ୍ ଭାବେ ଯୋଗ୍ୟତା ଅର୍ଜନ କରିବ। ଆଇସିସି ନିୟମ ଅନୁଯାୟୀ ଶ୍ରେଷ୍ଠ ୮ଟି ଦଳକୁ ନେଇ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ଷଷ୍ଠ ଦଳ ଚୟନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜ୍‌ର ବିଜେତା ଦଳ ମଧ୍ୟ ପୁରୁଷଙ୍କ ଭଳି ଅଂଶଗ୍ରହଣ କରିବ।

ୱିମ୍ବଲଡନର ପ୍ରଥମ ଦିବସରେ ବିପର୍ଯ୍ୟୟ

## ବିଦାୟ ନେଲେ ରୁଡ୍, ରୁବ୍‌ଲେଭ୍




ଲଣ୍ଡନ, ୨୯।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ସୋମବାରଠାରୁ ଆରମ୍ଭ ହୋଇଛି। ଅଲ୍ ଇଂଲଣ୍ଡ ଟେନିସ କ୍ଲବରେ ଅନୁଷ୍ଠିତ ପ୍ରଥମ ଦିବସ ଖେଳରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୧ ଓ ୧୨ ନମ୍ବର ମାନ୍ୟତା ଯଥାକ୍ରମେ କାସ୍ପର ରୁଡ୍ ଓ ଆନ୍ଦ୍ରେ ରବୁଲେଭ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ନରୱେର କାସ୍ପର ରୁଡ୍ ୪-୬, ୨-୬, ୬-୭ (୭/୯) ସିଧାସଳଖ ଗେମରେ ଅଣସିଡେଡ୍ ପୋଲାଣ୍ଡ ଖେଳାଳି ହର୍ବତ ହୁରକାଜଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ସେହିଭଳି ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୁଷୀୟ ତାରକା ରୁବଲେଭ ୪-୬, ୭-୬ (୮/୬), ୬-୩, ୩-୬, ୬-୭ (୧୨/୧୪) ସେଟରେ ନିଜ ଦେଶର ରୋମାନ ସିଫୁଲିନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ପ୍ରଥମ ଦିବସରେ ଦୁଇ ଟପ୍ ସିଡ୍ ଖେଳାଳି ହାରିବା ୱିମ୍ବଲଡନର ପ୍ରଥମ ଦିବସରେ ରୋମାଞ୍ଚ ଭରି ଦେଇଛି। ପୁରୁଷ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଆମେରିକାର ଟମି ପଲ୍, ବ୍ରିଟେନର କାମେରନ ନୋରିସ, ଆମେରିକାର ଲର୍ନର ତିଏନ ପ୍ରମୁଖ ସିଡେଡ୍ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଆଗେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୪ର୍ଥ ସିଡ୍ ଜେସିକା ପେଗୁଲା, ୧୧ତମ ସିଡ୍ ବେଲିଣ୍ଡା ବେନସିକ, ୧୬ମ ସିଡ୍ ଇଭା ଜୋଭିକ, ଲାଟ୍ଭିଆର ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏଥର ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୯୮ କୋଟି ୮୧ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୪୪.୭୯ କୋଟି ଟଙ୍କା ପୁରସ୍କାର ମିଳିବ।

## ଷ୍ଟୋକ୍‌ସଙ୍କ ବିଦାୟୀ ଟେଷ୍ଟରେ ଇଂଲଣ୍ଡ ପରାସ୍ତ

ନଟିଂହାମ୍, ୨୯।୬ (ଏଜେନ୍ସି): ଏଠାରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଜିତିନେଇଛି। ଏହା ଫଳରେ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିଦାୟୀ ମ୍ୟାଚ୍‌ରେ ଇଂଲଣ୍ଡ ପରାଜିତ ହୋଇଛି। ଏହି ମ୍ୟାଚରେ ବିଜୟୀ ନ୍ୟୁଜିଲାଣ୍ଡର ଡ୍ୟାରିଲ ମିଚେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ , ନାଥାନ୍ ସ୍ମିଥ୍ ଓ ପରାଜିତ ଇଂଲଣ୍ଡର ଜୋଫ୍ରା ଆର୍ଚର ଯୁଗ୍ମ ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି। ଏହି ବିଜୟ ଫଳରେ ନ୍ୟୁଜିଲାଣ୍ଡ ୧୮ ମାସରେ ୨ୟ ଥର ବିଦେଶରେ ଶକ୍ତିଶାଳୀ ଦଳ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିପାରିଛି। ଏହି ଟେଷ୍ଟର ସୋମବାର ୫ମ ତଥା ଶେଷ ଦିନରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ୧୬୦ ରନ୍‌ରେ ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ପରାସ୍ତ କରିଥିଲା। ୨ୟ ଇନିଂସରେ ୩୭୩ ରନ୍‌ର ପିଛା କରିଥିବା ଇଂଲଣ୍ଡ ମାତ୍ର ୨୧୨ ରନ୍‌କରି ଅଲ୍‌ଆଉଟ୍ ହୋଇଥିଲା। ପ୍ରଥମ ଇନିଂସରେ ୮୪ ରନ୍ ଆଗରେ ଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୯୪ ଏବଂ ଡ୍ୟାରିଲ ମିଚେଲ ୧୦୦ ରନ୍‌କରି ଅପରାଜିତ ଥିଲେ। ଜୋଫ୍ରା ଆର୍ଚର ୪ଟି ୱିକେଟ୍ ନେଇଥିଲେ। ପରେ ଘରୋଇ ଇଂଲଣ୍ଡକୁ ୨ୟ ଇନିଂସରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା।

## ୟୁଏସ୍ ଓପନ୍‌ରେ ଶ୍ରୀକାନ୍ତ ରନର୍ସଅପ୍



କାଲିଫର୍ଣ୍ଣିଆ, ୨୯।୬ (ଏଜେନ୍ସି): ଦୀର୍ଘ ୯ ବର୍ଷ ପରେ ପ୍ରଥମ ବିଡବ୍ଲ୍ୟୁଏଫ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ଅଭିଜ୍ଞ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁପଡ଼ିଛି। ଏଠାରେ ସୋମବାର ଅନୁଷ୍ଠିତ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଶ୍ରୀକାନ୍ତ ୧୫-୨୧, ୨୧-୧୬, ୯-୨୧ ଗେମରେ ଚାଇନିଜ ତାଇପେଇ'ର ସୁ ଲି-ୟାଙ୍ଗ'ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଛନ୍ତି। ୩୩ ବର୍ଷୀୟ ଶ୍ରୀକାନ୍ତ ଶେଷଥର ଲାଗି ୨୦୧୭ରେ ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ଜିତିଥିଲେ। ଯାହାକି ତାଙ୍କର ଶେଷ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ଥିଲା।

## ୟଶପାଲ୍‌ଙ୍କ ପରେ ଆଖି ବୁଜିଲେ ମାଆ

ଡେରାଡୁନ, ୨୯।୬ (ଏଜେନ୍ସି): ମହାନ ସୁଟର ୟଶପାଲ ରାଣାଙ୍କ ମୃତ୍ୟୁର ୧୪ ଦିନ ପରେ ତାଙ୍କ ମାଆ ଶ୍ୟାମା ଦେବୀ ଆଖି ବୁଜିଛନ୍ତି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟଗତ ଜଟିଳତା ଲାଗି ଶ୍ୟାମା ଦେବୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତକାଲି ରାତିରେ କିନ୍ତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପ୍ରକାଶଯୋଗ୍ୟ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ୟଶପାଲ ଜୁନ ୧୨ରେ ହୃଦଘାତରେ ପ୍ରାଣ ହରାଇଥିଲେ। ୪୯ ବର୍ଷୀୟ ୟଶପାଲ୍ ଭାରତୀୟ ସୁଟିଂ ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଉଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଅନିରୁଦ୍ଧଙ୍କୁ ବିବାହ କରିବେ କାବ୍ୟା

ହାଇଦରାବାଦ, ୨୯।୬ (ଏଜେନ୍ସି): ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦ୍‌ର ମାଲିକାଣୀ କାବ୍ୟା ମାରାନ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ୩୩ ବର୍ଷୀୟା କାବ୍ୟା ପ୍ରସିଦ୍ଧ ସଂଗୀତକାର ଅନିରୁଦ୍ଧ ରବିଚନ୍ଦ୍ରଙ୍କ ହାତ ଧରିବେ। ଅନିରୁଦ୍ଧଙ୍କ ଦାଦା ତଥା ଜଣାଶୁଣା ତାମିଲ ଅଭିନେତା ୱାଇ.ଜି. ମହେନ୍ଦ୍ର ଏକ ସାକ୍ଷାତକାର ସମୟରେ ଏହି ଖବର ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, କାଭ୍ୟା ହେଉଛନ୍ତି ବିଶିଷ୍ଟ ବ୍ୟବସାୟୀ ତଥା ସନ ଟିଭିର ମାଲିକ କଳାନିଧି ମାରାନଙ୍କ ଝିଅ। ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ବ୍ୟତୀତ, କାବ୍ୟା ଦକ୍ଷିଣ ଆଫ୍ରିକା ଟି-୨୦ ଲିଗରେ ସନରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ଏବଂ 'ଦି ହଣ୍ଡରେଡ୍'ରେ ସନରାଇଜର୍ସ ଲିଡ୍ସ ଦଳର ସହ-ମାଲିକ ମଧ୍ୟ ରହିଛନ୍ତି। ଅପରପକ୍ଷରେ ଅନିରୁଦ୍ଧ ୨୦୧୧ ମସିହାରେ ତାଙ୍କର ଭାଇରାଲ୍ ହିଟ୍ 'ହ୍ୱାଇ ଦିସ୍ କୋଲାଭେରି ଡି' ସଂଗୀତ ଲାଗି ପ୍ରସିଦ୍ଧି ହାସଲ କରିଥିଲେ। ତାମିଲ ଚଳଚ୍ଚିତ୍ର ଶିଳ୍ପର ଜଣେ ପ୍ରମୁଖ ସଂଗୀତକାର ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିଛନ୍ତି।



## ଓଡ଼ିଆ ଟିଟି ଖେଳାଳି ସାର୍ଥକ ଏକମାତ୍ର ଭାରତୀୟ

ଭୁବନେଶ୍ୱର, ୨୯।୬ (ସମିସ)

ସେନେଗାଲ୍‌ର ଡାକାରରେ ଚଳିତବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଯୁବ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ହେବ। ଟେବୁଲ ଟେନିସ୍‌ରେ ଭାରତର ଜଣେ ଲେଖାଏଁ ବାଳକ ଓ ବାଳିକା ଖେଳାଳି ଭାଗନେବେ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍

ଯୁବ ଅଲିମ୍ପିକ୍ସ

(ଆଇଓଏ) ଘୋଷଣା କରିଛି। ଭାରତର ପ୍ରତିନିଧିତ୍ୱ କରିବାକୁ ଥିବା ଏକମାତ୍ର ବାଳକ ଖେଳାଳି ହେଲେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଓ ବାଳିକା ହେଲେ ପଶ୍ଚିମବଙ୍ଗର ସିଣ୍ଡ୍ରେଲା ଦାସ। ୨୦୧୮ ପରେ ଯୁବ ଅଲିମ୍ପିକ୍ସରେ ଭାଗନେବାରେ ସାର୍ଥକ ପ୍ରଥମ ଭାରତୀୟ।



ସୂଚନାଯୋଗ୍ୟ. ୨୦୨୫ରେ ବାହାରେନ୍‌ରେ ଆୟୋଜିତ ଯୁବ ଏସୀୟ କ୍ରୀଡ଼ାରେ ସାର୍ଥକ-ସିଣ୍ଡ୍ରେଲା ମିକ୍ସଡ୍ ଡବଲ୍‌ସ କାଂସ୍ୟପଦକ ଜିତିଥିଲେ। ଯୁବ ଏସୀୟ କ୍ରୀଡ଼ାରେ ଏହା ଭାରତର ପ୍ରଥମ ପଦକ ଥିଲା। ପରେ ସାର୍ଥକ ବିଭିନ୍ନ ଆନ୍ତର୍ଜାତିକ ଇଭେଣ୍ଟରେ ଖେଳି ଦେଶ ପାଇଁ ପଦକ ଜିତିଛନ୍ତି। ବର୍ତ୍ତମାନ ହିମାଚଳ ପ୍ରଦେଶରେ ତାଲିମ ନେଉଥିବା ଓଡ଼ିଶାର ସାର୍ଥକ ଆର୍ଯ୍ୟ ଦେଶରେ ୧୭ ବର୍ଷରୁ କମ୍ ବର୍ଗରେ ୧ନଂ ମାନ୍ୟତା ପାଇଛନ୍ତି ଏବଂ ତାଙ୍କ ବିଶ୍ୱ ମାନ୍ୟତା ହେଉଛି ୨୮। ଡାକାର୍ ଯୁବ ଅଲିମ୍ପିକ୍ସରେ ଖେଳିବା ପୂର୍ବରୁ ସାର୍ଥକ ଓ ସିଣ୍ଡ୍ରେଲା ଚୀନର ସାଂଘାଇରେ ଅଗଷ୍ଟ ୧ରୁ ୧୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରସ୍ତୁତି ଶିବିରରେ ଯୋଗଦେବେ। ଏହାର ସମସ୍ତ ଖର୍ଚ୍ଚ ଆନ୍ତର୍ଜାତିକ ଟେବୁଲ ଟେନିସ୍ ମହାସଂଘ (ଆଇଟିଟିଏଫ୍) ବହନ କରିବ। ଏପରି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ଆସୋସିଏସନ୍‌ର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ସାର୍ଥକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ କିଟ୍ ଆଥଲେଟ୍‌ଙ୍କ ଚମତ୍କାର ପ୍ରଦର୍ଶନ

## ଜାତୀୟ ପ୍ରତିଯୋଗିତାରେ ଜିତିଲେ ୨୭ଟି ପଦକ

ଭୁବନେଶ୍ୱର,୨୯।୬(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜୁନ୍ ୨୪ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ସମୁଦାୟ ୨୭ଟି ପଦକ ହାସଲ କରିଛନ୍ତି। ଏଥିମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସାମିଲ ଅଛି। ଲଙ୍ଗ୍ ଜମ୍ପ୍‌ରେ ଚମତ୍କାର ପ୍ରଦର୍ଶନ ପାଇଁ ଶ୍ରୀ ଶଙ୍କର ମୁରୁଲିଙ୍କୁ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ଏବଂ ଆନ୍ସି ସୋଜନଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ୍ ଭାବେ ସମ୍ମାନିତ କରାଯାଇଛି। ଆନ୍ସି ସୋଜନ ଏହି ପ୍ରତିଯୋଗିତାରେ ଏକ ନୂତନ ଜାତୀୟ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଅନିମେଶ କୁଜୁର ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ଜିତିଥିବା ବେଳେ ସୀମା ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜ୍ୟୋତି ୟାରାଜି, ପାରୁଲ ଚୌଧୁରୀ, ତେଜସ ଶିର୍ଷେ, ୟଶାସ ପି, ପ୍ରବୀଣ ଚିତ୍ରାଭେଲ, ପ୍ରାଚୀ, ଅନୁ ରାନୀ ଏବଂ ଓଡ଼ିଶାର ଅମିୟ ମଲ୍ଲିକ, ଲାଲୁ ପ୍ରସାଦ ଭୋଇ ଓ ଦୋନ୍ଦାପାଟି ଜୟରାମ (୪ ଗୁଣା ୧୦୦ ମିଟର ରିଲେ) ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କ୍ରୀଡ଼ାବିତ୍‌ମାନଙ୍କର ଏହି ଗୌରବମୟ ସଫଳତା ପାଇଁ କିଟ୍, କିସ୍ ଏବଂ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପଦକ ବିଜେତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS